# ଓଡ଼ିଶାର
# କନ୍ଧ ଆଦିବାସୀ ସଂଗୀତ ଓ ବାଦ୍ୟଯନ୍ତ୍ର



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଓଡ଼ିଶାର
# କନ୍ଧ ଆଦିବାସୀ ସଂଗୀତ ଓ ବାଦ୍ୟଯନ୍ତ୍ର

ଲେଖକ :
ଶ୍ରୀ ପ୍ରତାପ କୁମାର ପଣ୍ଡା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର
୧୯୯୭

ACKNOWLEDGEMENT

The study was carried out with financial assistance from the Ministry of Human Resource Development, Department of Culture, Govt. of India in 1991-92.

# Orissar Kandha Adivasi Sangeet 'O' Badyajantra.

[ Music and musical Instruments of the Kandh Tribe ]

Writer : **Sri Pratap kumar Panda.**

**Academy of Tribal dialects and Culture**
**Welfare Department.**
*Adivasi Exhibition ground*
*Unit -1, Bhubaneswar - 751009*

**1997**

Art Design : **Prasanta Kumar Das.**

Price : *Rs. 85/- (Rupees Eightyfive Only)*

Printed at : **Konark Art Press, Bhubaneswar - 2**

# ସୂଚୀ


ଭୂମିକା

| | | | |
|---|---|---|---|
| ପ୍ରଥମ ଭାଗ | - | କନ୍ଧ ଜନଜାତି ଓ ସଂଗୀତ | ୧-୨୦ |
| ଦ୍ୱିତୀୟ ଭାଗ | - | କନ୍ଧ ସଂଗୀତ | ୨୧-୭୧ |
| ତୃତୀୟ ଭାଗ | - | କନ୍ଧ ବାଦ୍ୟଯନ୍ତ୍ର | ୭୨-୮୮ |

# - ଭୂମିକା -

ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସଂସ୍କୃତି ବିଭାଗ ପକ୍ଷରୁ ୧୯୯୧-୯୨ ରେ ''ଓଡ଼ିଶାର କନ୍ଧ ଆଦିବାସୀ ସଂଗୀତ ଓ ବାଦ୍ୟଯନ୍ତ୍ର'' ବିଷୟରେ ଏକ ଗବେଷଣା ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା । ତାହାର ଉପଯୋଗ କରି ଯେଉଁ ଅଧ୍ୟୟନ ପ୍ରସ୍ତୁତ କରାଯାଇଥିଲା, ତାହାହିଁ ଏହି ପୁସ୍ତକର ଭିତ୍ତି । ଏଣୁ ପ୍ରଥମେ ଆମେ ଭାରତ ସରକାରଙ୍କ ଠାରେ କୃତଜ୍ଞ ଏବଂ ଦ୍ୱିତୀୟରେ ଏ ବିଷୟରେ ଗବେଷଣା ସହାୟକ ଶ୍ରୀ ପ୍ରତାପ କୁମାର ପଣ୍ଡା ଆମର ଧନ୍ୟବାଦାର୍ହ ।

କନ୍ଧ ଓଡ଼ିଶାର ସର୍ବ ବୃହତ ଜନଜାତି, ଏବଂ କଳା କୁଶଳତାରେ ଐତିହ୍ୟ ସଂପନ୍ନ । ସେମାନଙ୍କର ସଂଗୀତ ଓ ତତ୍ ସମ୍ବନ୍ଧିତ ନୃତ୍ୟ ଓ ବାଦ୍ୟ ସମ୍ବନ୍ଧରେ ସମସ୍ତଙ୍କର ଜାଣିବା ଦରକାର । ଓଡ଼ିଶାର କ୍ରମ ବିବର୍ଦ୍ଧନ ଶୀଳ ସାଂସ୍କୃତିକ ପରଂପରାର ଉତ୍ସ ବା ଭିତ୍ତି ଆଦିବାସୀ ସଂସ୍କୃତି । ଏହାର ଅନୁସନ୍ଧାନ କରିବା ଆମର କର୍ତ୍ତବ୍ୟ । ଏଥିପାଇଁ କନ୍ଧ ସଂପ୍ରଦାୟ ଭଳି ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟର ନୃତ୍ୟ ଓ ସଂଗୀତ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ଓ ପୁସ୍ତକ ପ୍ରଣୟନ ଦିଗରେ ଏକ ଧାରାବାହିକ ପ୍ରକଳ୍ପ ଗ୍ରହଣ କରାଯିବ ।

ସଂଗୀତ ଏକ ସ୍ୱତନ୍ତ୍ର ବିଦ୍ୟା; ତତ୍ତ୍ୱବିଦ୍‌ମାନେ ହିଁ ସଂଗୀତର ପରିଭାଷା ବୁଝନ୍ତି । କନ୍ଧ ସଂଗୀତର ଯେଉଁ ଶାସ୍ତ୍ରୀୟ ବିଚାର ଏହି ପୁସ୍ତକରେ କରାଯାଇଛି ତାହାର ମୂଲ୍ୟାୟନ କରିଛନ୍ତି ସଂଗୀତ ଶାସ୍ତ୍ର ବିଶାରଦ ପଣ୍ଡିତ ଡ. ଦାମୋଦର ହୋତା । ତାଙ୍କ ନିକଟରେ ଆମେ କୃତଜ୍ଞ । ଏହି ପ୍ରସଙ୍ଗରେ ଅନ୍ୟ ଉଲ୍ଲେଖନୀୟ କଥାଟି ହେଉଛି ଯେ ସଂଗୀତର ଭାବବସ୍ତୁ (Lyric) ଗୁଡ଼ିକର ନାନ୍ଦନିକ ଓ ସାହିତ୍ୟିକ ମୂଲ୍ୟ ନିରୂପଣ । ଶ୍ରୀ ପ୍ରତାପ କୁମାର ପଣ୍ଡାଙ୍କ ସଂକଳିତ ପଚାଶଟି ଗୀତରେ କନ୍ଧ ସ୍ୱଭାବ କବିମାନଙ୍କ ସ୍ୱତଃ ସ୍ଫୂର୍ତ୍ତ କାବ୍ୟ ଚେତନା ପ୍ରତିବିମ୍ବିତ ହୋଇଛି । ଆଦିବାସୀ ଲୋକ ସାହିତ୍ୟର ଏଗୁଡ଼ିକ ମୂଲ୍ୟବାନ୍ ସଂପତ୍ତି । ପୁସ୍ତକଟି ଉଭୟ ସାଂଗୀତିକ ତଥା ସାହିତ୍ୟିକ ଦିଗରୁ ସାର୍ଥକତା କଳନୀୟ ।

PADMA KESARI
PT. DR. DAMODAR HOTA, M. Mus., D. Mus., M.A
Ex- PRINICIPAL
Utkal Sangeet Mahavidyalaya, Bhubaneswar,

ଭୁବନେଶ୍ୱର,

ତା: ୨୬/୦୮/୯୪

# ଅଭିମତ

ଓଡ଼ିଶାର ଲୋକସଂଗୀତ କ୍ଷେତ୍ରରେ ଓଡ଼ିଶାର ଆଦିବାସୀ ମାନଂକର ଅବଦାନ ଅତି ମହତ୍ତ୍ୱପୂର୍ଣ୍ଣ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୬୨ ପ୍ରକାର ଜନଜାତି ବାସକରି ରହିଥିବାର ଜଣାଯାଏ । ଯେଉଁମାନଙ୍କର ସଂଖ୍ୟା ଓଡ଼ିଶା ଜନ ସଂଖ୍ୟାର ୨୨.୧୧% ଭାଗ ଅଟେ । ଏଣୁ ଓଡ଼ିଶା ଭଳି ଏକ ଆଦିବାସୀ ବହୁଳରାଜ୍ୟର ସମଗ୍ରଲୋକ ସଂସ୍କୃତିକୁ ତାହାର ଆଦିବାସୀ ମାନଙ୍କର ସଂସ୍କୃତି ଗଭୀର ଭାବେ ପ୍ରଭାବିତ କରିଅଛି, ଏହା ଅନସ୍ୱୀକାର୍ଯ୍ୟ । ସଂଗୀତ (ଗୀତ, ବାଦ୍ୟ ଓ ନୃତ୍ୟର ସମାହାର) ଆଦିବାସୀ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ ଆଦିବାସୀ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି କରାଯିବା ବେଳେ ଆଦିବାସୀ ମାନଙ୍କର ସଂଗୀତକୁ ଯଥାଯଥ ଭାବରେ ସର୍ବେକ୍ଷଣ, ସଂରକ୍ଷଣ ଓ ଅନୁଧାନ  କରିବା ଅତୀବ ଆବଶ୍ୟକ ବୋଲି ଗଭୀର ଭାବେ ଅନୁଭୂତ ହୋଇଥାଏ । କାରଣ ଭାରତବର୍ଷରେ ବ୍ରିଟିଶ୍ ଶାସନର ଅଭ୍ୟୁଦୟ ପରଠାରୁ ଭାରତୀୟ ଆଦିବାସୀ ସଂସ୍କୃତି ବିଭିନ୍ନ କାରଣରୁ ବିପନ୍ନ ହୋଇଆସିଛି, ଯାହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ସେହି କାରଣ ଗୁଡ଼ିକ ହେଉଛି ବିଧର୍ମୀକରଣ, ଗମନାଗମନ ପଥର ନିର୍ମାଣ, ସୁଗମ ଯାତାୟାତ ବ୍ୟବସ୍ଥା, କଳ କାରଖାନା, ଶିଳ୍ପ ଇତ୍ୟାଦି ବିଭିନ୍ନ ଉଦ୍ୟୋଗ ମାନଂକର ସ୍ଥାପନ,  ବିଭିନ୍ନ ପ୍ରକାରର ମନୋରଂଜନ ପାଇଁ ଉଦ୍ଦିଷ୍ଟ ଯନ୍ତ୍ର- ରେଡ଼ିଓ, ଗ୍ରାମଫୋନ୍, ଟେପ ରେକର୍ଡର, ସିନେମା ଇତ୍ୟାଦିର ସହଜ ଉପଲବ୍ଧି ପରିବର୍ତ୍ତିତ ଜୀବନଧାରା ସାଂସ୍କୃତିକ ଆଦାନ ପ୍ରଦାନ, ନଗରୀ ସଭ୍ୟତା ଓ ସଂସ୍କୃତିର ଅନୁପ୍ରବେଶ ଇତ୍ୟାଦି । ଏଣୁ ଏପରି ପ୍ରତିକୂଳ ବାତାବାରଣ ମଧ୍ୟରେ ଆଦିବାସୀ ସଂଗୀତ ଅଧିକ ପ୍ରଦୂଷିତ ହୋଇ ନିଜର ମୌଳିକତାକୁ ଧିରେ ଧିରେ ହରାଇ ବସିବା କିଛି ଅସ୍ୱାଭାବିକ ନୁହେଁ । ଏହାଛଡ଼ା ପ୍ରକୃତ ଆଦିବାସୀ ସଂଗୀତକୁ ଯେପରି ଭାବରେ ସଂରକ୍ଷଣ କରାଯାଇ ତାହା ଉପରେ ଯେଉଁ ଉଚ୍ଚମାନର ଗବେଷଣା  କରାଯିବାର କଥା ତାହା ବୋଧହୁଏ ଓଡ଼ିଶାରେ ହୋଇନାହିଁ ।

ସୁଖର କଥା ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏ ଦିଗରେ କାର୍ଯ୍ୟରତ । ଏଣୁ ଏହି ଏକାଡେମୀର ଏବଂ ବିଧ ମହତ୍‌କାର୍ଯ୍ୟ ନିଶ୍ଚିତ ଭାବରେ  ପ୍ରଶଂସନୀୟ ।

ମୋ ପକ୍ଷରେ ଏହା ଅଧିକ ଆନନ୍ଦର ବିଷୟ ଯେ ମୋର ଛାତ୍ର ଶ୍ରୀମାନ୍ ପ୍ରତାପ କୁମାର ପଣ୍ଡା, ଯେକି ତାଙ୍କର M. Mus ପରୀକ୍ଷା ପାଇଁ ଉଦ୍ଦିଷ୍ଟ  Dissertation, "Study of the Methodology, Implemented for classification of Ragas by Acharya Sarang Dev" ମୋର ତତ୍ତ୍ୱାବଧାନରେ ପ୍ରସ୍ତୁତକରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉପସ୍ଥାପନା କରିଥିଲେ ତଥା ପରୀକ୍ଷକଙ୍କ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଥିଲେ, ତାଂକରି ଦ୍ୱାରା ଏହି ସଂଦର୍ଭ ''ଓଡ଼ିଶାର କନ୍ଧ ଆଦିବାସୀ ସଙ୍ଗୀତ ଓ ବାଦ୍ୟ'' ପ୍ରସ୍ତୁତ ହୋଇଅଛି, ଯାହାକି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ଏକ ପ୍ରଶଂସନୀୟ ଉଦ୍ୟମର ଜ୍ୱଳନ୍ତ ନିଦର୍ଶନ ।

ପ୍ରସ୍ତୁତ ସଂଦର୍ଭର ଉପୋଦ୍ଘାତ ଠାରୁ କନ୍ଧ ମାନଙ୍କର ମୂଳ ଭାଷାର ଗୀତ, ସଂପୃକ୍ତ ଗୀତ ଗୁଡ଼ିକର ରେକର୍ଡିଂ ଏବଂ ସେ ଗୁଡ଼ିକର ଭାତଖଣ୍ଡେ ପଦ୍ଧତୀୟ ସ୍ୱରଲିପି ତଥା ବାଦ୍ୟ ବର୍ଗୀକରଣର ପାଣ୍ଡୁଲିପିକୁ ପାଠକରି ଏବଂ ସଂପୃକ୍ତ ବିଷୟ ଗୁଡ଼ିକୁ ଯତ୍ନର ସହିତ ନିରୀକ୍ଷା କରି ଅତ୍ୟନ୍ତ ପ୍ରୀତ ହେଲି । ଶ୍ରୀମାନ୍ ପଣ୍ଡା ଓଡ଼ିଶାର ସେହି ଦୁର୍ଗମ କନ୍ଧ ବସତି ଗୁଡ଼ିକୁ ଯାଇ କନ୍ଧ ସଂପ୍ରଦାୟର ପ୍ରକୃତ ସଂଗୀତକୁ ଟେପ୍‌ରେକର୍ଡିଂଗ ମାଧ୍ୟମରେ ସଂଗ୍ରହ କରିବା ଏବଂ ସେଗୁଡ଼ିକର ନିଖୁଣ ସ୍ୱରଲିପି ପ୍ରସ୍ତୁତ କରିପାରିବା ଭଳି ଅତୀବ ଶ୍ରମ ସାପେକ୍ଷ ଓ କଷ୍ଟଦାୟକ କ୍ଲିଷ୍ଟ କାର୍ଯ୍ୟକୁ ସୁସଂପନ୍ନ କରିପାରିଛନ୍ତି । ସେଥିସହିତ ସଂପୃକ୍ତ କନ୍ଧ ଆଦିବାସୀ ମାନଙ୍କର ସଂଗୀତରେ ବ୍ୟବହୃତ ହେଉଥିବା ବିଭିନ୍ନ ବାଦ୍ୟ ମାନଙ୍କୁ ସଂଗ୍ରହ କରିବା ସହିତ ସେ ସଂପର୍କରେ ଅତି ତାତ୍ତ୍ୱିକ ଆଲୋଚନା ପ୍ରସ୍ତୁତ କରିଅଛନ୍ତି, ଯାହା କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଭାରତବର୍ଷର ସଂଗୀତ ଜଗତକୁ ଏକ ମୂଲ୍ୟବାନ ଅବଦାନ ହୋଇ ରହିବ ।

ଛାତ୍ରାବସ୍ଥାରୁ ଶ୍ରୀମାନ୍ ପଣ୍ଡା ଜଣେ ମେଧାବୀ, ପରିଶ୍ରମୀ, ବିନମ୍ର, ଶ୍ରଦ୍ଧାବାନ, ଜ୍ଞାନ-ପିପାସୁ ତଥା ଗମ୍ଭୀର ପ୍ରକୃତିର ଛାତ୍ର ଥିଲେ । ବି.ମ୍ୟୁଜ୍ ପାଶ୍ କରିବା ପରଠାରୁ ସଂଗୀତର ବିଭିନ୍ନ ଦିଗରେ ଗବେଷଣାତ୍ମକ ଜ୍ଞାନ ଅର୍ଜନ କରିବା ତାଂକର ବିଶେଷ ଅଭିରୁଚି ଥିବାର ଲକ୍ଷ୍ୟ କରାଯାଇଥିଲା । ତାଙ୍କର ସେହି ପ୍ରବୃତ୍ତିର ଜ୍ୱଳନ୍ତ ନିଦର୍ଶନ ହେଉଛି ଏହି ସଂଦର୍ଭ ।

ଶ୍ରୀମାନ ପ୍ରତାପ କୁମାର ପଣ୍ଡାଙ୍କର ଦୀର୍ଘ ସଫଳ କର୍ମମୟ ଜୀବନ କାମନା କରିବା ସହିତ ତାଙ୍କ ଦ୍ୱାରା ଏହି ପ୍ରକାରର ଆହୁରି ଅନେକାନେକ କ୍ଲିଷ୍ଟ ଓ ମହତ୍‌କାର୍ଯ୍ୟ ସୁସଂପନ୍ନ ହେଉ ବୋଲି ନୀଳାଚଳନାଥ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛି । ପରିଶେଷରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଓଡ଼ିଶା, ଭୁବନେଶ୍ୱରଙ୍କ ମାଧ୍ୟମରେ ସୁସଂପନ୍ନ ହୋଇଥିବା ଏହି ପ୍ରଶଂସନୀୟ କାର୍ଯ୍ୟ ଅଧିକରୁ ଅଧିକ ଭାବରେ ଲୋକ ଉପଯୋଗୀ ହେଉ ବୋଲି କାମନା କରୁଅଛି । ଏକାଡେମୀର ଏହି କାର୍ଯ୍ୟ ସଂଗୀତ ଛାତ୍ରଛାତ୍ରୀ ତଥା ସମ୍ପୃକ୍ତ ଆଦିବାସୀ ଓ ସଂସ୍କୃତି ପ୍ରେମୀ ମାନଙ୍କୁ ଉଚ୍ଚତର ଗବେଷଣା କରିବା ପାଇଁ ନିଶ୍ଚିତ ପ୍ରେରଣା ଯୋଗାଇବ ଏଥିରେ ସଂଦେହ ନାହିଁ ।

ଦାମୋଦର ହୋତା

# ନିଜ କଥା

ଉତ୍କଳ ସଂଗୀତ ମହାବିଦ୍ୟାଳୟରୁ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତରେ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କଲା ପରେ ସଂଗୀତର ଉତ୍ପତ୍ତି ଓ କ୍ରମ ବିକାଶ ଉପରେ ଗବେଷଣା କରିବା ପାଇଁ ମୋ ଠାରେ ଆଗ୍ରହ ପ୍ରକାଶ ପାଇଥିଲା । ଭାରତୀୟ ସଂଗୀତ କାହା ପ୍ରେରଣା ଦ୍ୱାରା ତାର ପରିସର ପ୍ରସ୍ତୁତ କରି ପ୍ରସାର ଲାଭ କଲା ଏବଂ ଏଥିରେ ନିହିତ ତଥ୍ୟାତ୍ମକ ଜ୍ଞାନ କୌଶଳ (Theoritical knowledge) ତଥା ବାଦ୍ୟ ଯନ୍ତ୍ର ପରଂପରାର ବିନିଯୋଗ ପଛରେ କାହାର ପ୍ରେରଣା ସବୁଠୁ ଅଧିକ; ଏଥି ନେଇ କିଛି ଜ୍ଞାନ ଆହରଣ ସାଂଗକୁ ବିସ୍ମୃତ ହେବାକୁ ଯାଉଥିବା ବିଭିନ୍ନ ଲୋକ ସଂଗୀତ ଓ ବାଦ୍ୟର ସଂରକ୍ଷଣ ଏକ ଜାତୀୟ କର୍ତ୍ତବ୍ୟ ହେବ ବୋଲି ଚିନ୍ତା କଲି । ପ୍ରଥମ ପଦକ୍ଷେପ ସ୍ୱରୂପ ଓଡ଼ିଶାର ଆଦିମ ଜନଜାତିଙ୍କ ସଂଗୀତର ରୂପରେଖ ନିର୍ଦ୍ଧାରଣ ପାଇଁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ନିର୍ଦ୍ଦେଶକ ତଥା ମୋର ପୂଜ୍ୟଗୁରୁ ପ୍ରଫେସର ଡ଼. ଖଗେଶ୍ୱର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରି ଆଦିବାସୀ ଲୋକ ସଂଗୀତକୁ ବୈଜ୍ଞାନିକ ପଦ୍ଧତିରେ ବିଧିବଦ୍ଧ ଗବେଷଣା ପାଇଁ ପ୍ରକଳ୍ପ ପ୍ରସ୍ତୁତି ପୂର୍ବକ ଆବେଦନ କରିଥିଲି । ପରବର୍ତ୍ତୀ ସମୟରେ ଏକାଡେମୀର କର୍ତ୍ତୃପକ୍ଷ ଆଦିମ ଜନଜାତିଙ୍କ ସଂସ୍କୃତିର ଅନ୍ୟତମ ବିଭବ ଗୀତ, ବାଦ୍ୟ ଗୁଡ଼ିକର ସଂରକ୍ଷଣ ତଥା ରୂପରେଖ ନିର୍ଦ୍ଧାରଣ ପାଇଁ ଆଗ୍ରହ ପ୍ରକାଶ କରି ପ୍ରଥମ ପଦକ୍ଷେପ ସ୍ୱରୂପ ଏକ ପ୍ରକଳ୍ପ ହାତକୁ ନେଲେ ଏବଂ ଏକାଡ଼େମୀର ନିର୍ଦ୍ଦେଶକ ପ୍ରଫେସର ଡ଼. ଖଗେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ''ଓଡ଼ିଶାର କନ୍ଧ ଆଦିବାସୀ ସଂଗୀତ ଓ ବାଦ୍ୟ,'' ବର୍ଗୀକରଣ, ରୂପରେଖ ନିର୍ଦ୍ଧାରଣ, ସ୍ୱରଲିପି ନିର୍ଦ୍ଧାରଣ ଇତ୍ୟାଦି ଉପରେ ଗବେଷଣା ପାଇଁ ଏକାଡ଼େମୀର ସହକାରୀ ଗବେଷକ ଭାବେ ସୁଦୂର ଦୁର୍ଗମ ପାହାଡ଼ ଜଙ୍ଗଲ ଅତିକ୍ରମ କରି କନ୍ଧମାନଙ୍କ ଗୀତ ଗୁଡ଼ିକର ରେକର୍ଡିଂ ଓ ବାଦ୍ୟ ଯନ୍ତ୍ର ସଂଗ୍ରହ ପାଇଁ କାର୍ଯ୍ୟ ଆରମ୍ଭ କଲି । ଓଡ଼ିଶାର ଆଦିବାସୀ ସଂଗୀତରେ ଏପରି ବୈଜ୍ଞାନିକ ରୀତିରେ ଆଲୋଚନା ବୋଧ ହୁଏ ପ୍ରଥମ ।

ଗବେଷଣା ପ୍ରବନ୍ଧ ପାଇଁ କନ୍ଧ ଜନଜାତିର ତିନିଗୋଟି ଉପଗୋଷ୍ଠୀ (ଦେଶିଆ କନ୍ଧ, କୁଟିଆ କନ୍ଧ ଓ ଡଂଗରିଆ କନ୍ଧ) ମାନଙ୍କର କୁଇ ଓ କୁଭି ଭାଷାରେ ମୋଟ ୫୦ଟି ମୌଳିକ ଗୀତ ନିର୍ବାଚିତ କରିଛି ଏବଂ ଏଇ ତିନି ଉପଗୋଷ୍ଠୀ ମଧ୍ୟରେ ପ୍ରଚଳିତ ବାଇଶିଟି ଲୋକ ବାଦ୍ୟ ସଂଗ୍ରହ କରାଯାଇ ସଚିତ୍ର ଆଲୋଚନା କରାଯାଇଛି । ପ୍ରତ୍ୟେକ ଗୀତର ସାର୍ଥକ ଓଡ଼ିଆ ଅନୁବାଦ କରିବାରେ ଯେଉଁମାନେ ସାହାଯ୍ୟ କରିଛନ୍ତି ସେମାନେ ହେଲେ; ସୁକଦେବ କହଁର (ଦଣ୍ଡିକିଆ) ପ୍ରଫୁଲ୍ଲ ମିଶ୍ର, (ବିଜ୍ଞାନ ଶିକ୍ଷକ, ଛିନାରସିଂ ହାଇସ୍କୁଲ, ବଇଡା, ଫୁଲବାଣୀ,) ପୀତବାସ କହଁର (ବନବାସୀ ସେବା ସମିତି, ବାଲିଗୁଡ଼ା)। ଏଇ ମାନଙ୍କ ସାହାଯ୍ୟ ଯୋଗୁ ଫୁଲବାଣୀ ଜିଲ୍ଲାରେ ବସବାସ କରୁଥିବା ଦେଶିଆ କନ୍ଧମାନଙ୍କର ସମାଜ ଚଳଣୀର ଚିତ୍ର ପ୍ରତିପାଦିତ ହୋଇ ପାରିଛି । ସେଇଭଳି କୁଟିଆ କନ୍ଧ ପାଇଁ ଗୁଗୁଡ଼ି ମାଝୀ, ରାମଜାନି, ପିତୁଲା ଜାନି, ବାପୁଡ଼ା ଜାନି(ବେଲଘର), ଡଂଗରିଆ କନ୍ଧ ପାଇଁ ପ୍ରାସ୍କା ତମ୍ବରୁଧର ଓ ଦଇତାରି ପ୍ରାସ୍କା(ଖମ୍ବେସୀ) ଯଥାସାଧ ସାହାଯ୍ୟ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ନାରାୟଣ ପାଟଣା, ବଂଧୁଗାଁ ତଥା ଦଶମନ୍ତପୁର ବ୍ଲକରେ ବସବାସ କରୁଥିବା କନ୍ଧମାନଙ୍କର ଲୋକଗୀତ ସଂଗ୍ରହ ପାଇଁ ଇଶ୍ୱର ଦର ମୁିଥାକା, ବିନୋଦ ମାଣ୍ଡିଂ ତଥା ଘନ ମେଲେକା ଅବିସ୍ମରଣୀୟ । ଆଜି ଏଇ କନ୍ଧ ସଂଗୀତ ଓ ବାଦ୍ୟ ଯନ୍ତ୍ର ପୁସ୍ତକ ପ୍ରକାଶନ ଅବସରରେ ସେମାନଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି ।

ଏକାଡେମୀର ସହକାରୀ ଗବେଷକ ଡ. ପରମାନନ୍ଦ ପଟେଲ ଏକାଡେମୀ ପାଠାଗାରରୁ ଯଥୋପଯୁକ୍ତ ପୁସ୍ତକ ଅଧ୍ୟୟନାର୍ଥେ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଆବଶ୍ୟକ ସ୍ଥଳେ କିଛି ମାର୍ଗ ଦର୍ଶନ କରାଇଛନ୍ତି । ଏଇ ଅବସରରେ ତାଙ୍କୁ କୃତଜ୍ଞତା ଜଣାଉଛି ।

ଏକାଡେମୀର ଗବେଷଣା ସହାୟକ ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ଦାସ କନ୍ଧମାନଙ୍କର ଲୋକ ବାଦ୍ୟ ଚିତ୍ର ଓ ପ୍ରଚ୍ଛଦ ଆଙ୍କିଛନ୍ତି । ଗବେଷଣା ଅନୁସନ୍ଧାୟକ ଶ୍ରୀ ଉତ୍ତମ କେରକେଟା ସଂଦର୍ଭର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ଗବେଷଣା ଅନୁସନ୍ଧାୟକ ଶ୍ରୀ ନରେନ୍ଦ୍ର ମାଝୀ ଆବଶ୍ୟକ ସ୍ଥଳେ ମୂଳ ଗୀତକୁ ସଂଶୋଧନ କରିଛନ୍ତି । ଏଇ ଅବସରରେ ଏମାନଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି ।

କନ୍ଧମାନଙ୍କ ସଂସ୍କୃତିରେ ସେମାନଙ୍କ ଗୀତ ବାଦ୍ୟର ପରଂପରା ଶିର୍ଷକ ଗବେଷଣା ବିଷୟବସ୍ତୁକୁ କନ୍ଧ କଳାକାରଙ୍କୁ ନେଇ ଦୂରଦର୍ଶନରେ ଉପସ୍ଥାପନା କରିବାର ସୁଯୋଗ ମିଳିଥିବାରୁ ଦୂରଦର୍ଶନ, ଭୁବନେଶ୍ୱର କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛି ।

କନ୍ଧମାନଙ୍କ ସାମାଜିକ ଜୀବନ, ସେମାନଙ୍କ ଗୀତ ଓ ତାର ବର୍ଗୀକରଣ ତଥା ଓଡ଼ିଆ ଅନୁବାଦ, ବାଦ୍ୟ ବର୍ଗୀକରଣ, ବାଦ୍ୟ ତିଆରି ପ୍ରଣାଳୀ, ବାଦନ ଶୈଳୀ ଇତ୍ୟାଦି ଉପରେ ତାତ୍ତ୍ୱିକ ଆଲୋଚନା କରାଯାଇଛି । ମୋଟ ପଚାଶ ଗୋଟି ଗୀତ ମଧ୍ୟରୁ କେବଳ ଚାରୋଟି ଗୀତର ସ୍ୱରଲିପି ପଣ୍ଡିତ ବିଷ୍ଣୁ ନାରାୟଣ ଭାତ୍‌ଖଣ୍ଡେଙ୍କ ସ୍ୱରଲିପି ପଦ୍ଧତିକୁ ଅନୁସରଣ କରି ପ୍ରସ୍ତୁତ କରାଯାଇଛି । ଏଇ ଚାରୋଟି ଗୀତର ବ୍ୟବହୃତ ସ୍ୱର ଗୁଡ଼ିକ ପ୍ରତ୍ୟେକ ବର୍ଗର ଗୀତ ସହ ପ୍ରାୟ ଯୋଗସୂତ୍ର ରକ୍ଷା କରିଥିବାରୁ ପ୍ରତ୍ୟେକ ଗୀତର ସ୍ୱରଲିପି ପ୍ରୟୋଜନୀୟ ନୁହେଁ । ଏଇ ସାଂଗୀତିକ ସଂଦର୍ଭ ଉପରେ ଯଥାଯଥ ପଠନ ମୂଲ୍ୟାୟନ ସହ ଏହା ଉପରେ ଏକ ଅଭିମତ ପ୍ରଦାନ କରିଥିବାରୁ ମୋର ଗୁରୁ ଡ. ଦାମୋଦର ହୋତାଙ୍କ ନିକଟରେ ଚିର କୃତଜ୍ଞ ।

ପରବର୍ତ୍ତୀ ସମୟରେ କନ୍ଧମାନଙ୍କ ଗୀତରେ କଂପନ ଓ ଆନ୍ଦୋଳନ ଦୃଷ୍ଟିରୁ ସ୍ୱରମାନଙ୍କର ସ୍ଥାନ ନିରୂପଣ ତଥା ତନ୍ତ୍ରୀକୃତ ବାଦ୍ୟ ଗୁଡ଼ିକରେ ଆଘାତ ଜନିତ କଂପନ ସାଂଗକୁ ଚର୍ମ ନିର୍ମିତ ବାଦ୍ୟ ଗୁଡ଼ିକର ନାଦ (Sound) ଉପରେ ବିଧିବଦ୍ଧ ଗବେଷଣା ହେଲେ ଏମାନଙ୍କ ସଂଗୀତର ଧାରା ଉପରେ ଜ୍ଞାନ ଆହରଣ ସାଂଗକୁ ଏହା କିପରି ତଥା କଥିତ ଅନ୍ୟାନ୍ୟ ସଭ୍ୟତାର ସଂଗୀତକୁ ନୂଆ ରୂପ ଦେଇଛି ଏଥି ନେଇ ଅଧିକ ଗବେଷଣାର ସଂଭାବନା ରଖେ ।

ଆଜିର ଭାରତୀୟ ସଂଗୀତରେ ପ୍ରଯୁକ୍ତ ତଥ୍ୟାତ୍ମକ ଜ୍ଞାନ କୌଶଳର ପ୍ରେରଣା ଲୋକ ବିଦ୍ୟାରୁ ହିଁ ଆସିଥିବାର ମନେ ହୁଏ । ପ୍ରଦତ୍ତ କନ୍ଧ ଗୀତର ସ୍ୱର ଲିପିରେ ସ୍ୱର ମାନଙ୍କର ତଥା ସେଥିରେ ତାଳର ଉପଯୋଗ ଦୃଷ୍ଟିରୁ ବିଚାର କଲେ ଭାରତୀୟ ଶାସ୍ତ୍ରୀୟ ସଂଗୀତ ଦ୍ରାବିଡ଼ ସଭ୍ୟତାର ଅଧିବାସୀଙ୍କ ସାଂସ୍କୃତିକ ବିଭବକୁ ଯଥାବିଧି ଗ୍ରହଣ କରି ତାର ପରିସର ପ୍ରସ୍ତୁତ କରିଥିବାର ଜଣାଯାଏ ।

କନ୍ଧମାନଙ୍କର ଅନେକ ଗୀତ ଅଛି ଯାହାର ସଂଗ୍ରହ ଅଧିକ ସମୟ ଆବଶ୍ୟକ କରେ । ଅଧିକାଂଶ କନ୍ଧ ଅଧ୍ୟୁଷିତ ଇଲାକାରେ କନ୍ଧ ଭାଇମାନେ ସେମାନଙ୍କ ଗୀତକୁ ଗାନ କରିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଯାହା ଫଳରେ ସେମାନଙ୍କ ସଂସ୍କୃତିର ସାଂଗୀତିକ ଦିଗଟି ଆସ୍ତେ ଆସ୍ତେ ବିସ୍ମୃତ ହେବାକୁ ଯାଉଛି । ଏପରି ସ୍ଥଳେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ତରଫରୁ ନିଆଯାଉଥିବା ପଦକ୍ଷେପ ସମୟାନୁସାରୀ । ଏହି ସଂଗୀତ ପୁସ୍ତକ କେବଳ କନ୍ଧ ଭାଇ ଭଉଣୀ ମାନଙ୍କର ପ୍ରେରଣାର ଉତ୍ସ ନୁହେଁ, ସଂଗୀତ ପ୍ରତି ଅଭିରୁଚି ଥିବା ସମସ୍ତ ଜନସାଧାରଣ ତଥା ସଂଗୀତ ଛାତ୍ର ଛାତ୍ରୀଙ୍କଠାରେ ଯଦି ପ୍ରେରଣାର ସଂଧାନ ଦେଇ ପାରେ ତେବେ ମୋର ଶ୍ରମ ସାର୍ଥକ ହେବ ।

*ପ୍ରତାପ କୁମାର ପଣ୍ଡା*

-ପ୍ରଥମ ଭାଗ-

# କନ୍ଧ ଜନଜାତି ଓ ସଂଗୀତ

(୧)

## - ଉପକ୍ରମଣିକା -

ଭାରତରେ ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ୧୯୯୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ୩୧୬୫୯୭୩୯, ଅର୍ଥାତ୍ ରାଜ୍ୟ ଜନ ସଂଖ୍ୟାର ୨୨.୨୧% ଆଦିବାସୀ । ଓଡ଼ିଶାର ଏଇ ଆଦିବାସୀମାନଙ୍କ ମଧ୍ୟରୁ କନ୍ଧ ବୃହତ୍ତମ ସଂପ୍ରଦାୟ । ଓଡ଼ିଶାର ଅବିଭକ୍ତ କୋରାପୁଟ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଫୁଲବାଣୀ ଜିଲ୍ଲାରେ ଏଇ କନ୍ଧ ମାନଙ୍କର ବିଶାଳ ସଭ୍ୟତାର ଉନ୍ମେଷ ହୋଇଛି । ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଏଇ କନ୍ଧ ସଂପ୍ରଦାୟ ଭଣା ଅଧିକେ ବାସ କରୁଥିବାର ଲକ୍ଷ୍ୟ କରାଯାଏ । ପୂର୍ବକାଳରୁ କନ୍ଧମାନେ ସେମାନଙ୍କ ମେରିଆ (ନରବଳି) ପର୍ବ ତଥା ପୋଡ଼ୁଚାଷ ଓ ବିଭିନ୍ନ ଫଳଚାଷ ପାଇଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଦେଶିଆ କନ୍ଧ, କୁଟିଆ କନ୍ଧ, ଧାରୁଆ କନ୍ଧ, ମାଲୁଆ କନ୍ଧ, ଡଂଗରିଆ କନ୍ଧ, ମାଟିଆ କନ୍ଧ ଏମିତି ପ୍ରାୟ ବତିଶ ପ୍ରକାରର କନ୍ଧ ସଂପ୍ରଦାୟ ଓଡ଼ିଶାରେ ବାସ କରନ୍ତି ।

ଫୁଲବାଣୀ ଜିଲ୍ଲାର ବଇଡ଼ା, ଦଣ୍ଡିକିଆ, ବାଲିଗୁଡ଼ା ତଥା କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ନାରାୟଣ ପାଟଣା, ବଂଧୁଗାଁ, ଦଶମନ୍ତପୁର ବ୍ଲକରେ ଦେଶିଆ କନ୍ଧ ମାନଙ୍କର ବସତି ଲକ୍ଷ୍ୟ କରାଯାଏ । ଏହି ଜିଲ୍ଲାର ଦକ୍ଷିଣ ପଶ୍ଚିମ ଦିଗ ତୁମୁଡ଼ିବନ୍ଧର ଭୟାବହ ଘାଟି ଆରପଟେ ବେଲଘର, ଗୁମା ପଞ୍ଚାୟତରେ, କଳାହାଣ୍ଡିର ଲାଂଜିଗଡ଼ ତଥା ରାୟଗଡ଼ା ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳରେ କୁଟିଆ କନ୍ଧମାନେ ବସବାସ କରନ୍ତି । ରାୟଗଡ଼ା ଜିଲ୍ଲାର ଗୁଣୁପୁର ସବଡ଼ିଭିଜନ, କଳାହାଣ୍ଡି ଜିଲ୍ଲାସ୍ଥିତ ବିଶ୍ୱନାଥପୁର ତଥା ନିୟମଗିରି ପର୍ବତର ଚତୁଃ ପାର୍ଶ୍ୱରେ ପ୍ରାୟ ୧୨୫ଟି ଗ୍ରାମରେ ଡଂଗରିଆ କନ୍ଧମାନେ ବାସ କରନ୍ତି । ଏହାଛଡ଼ା କଲ୍ୟାଣସିଂହପୁର ବ୍ଲକର ପାର୍ସାଲିରେ ଡଂଗରିଆ କନ୍ଧମାନେ ବସବାସ କରନ୍ତି ।

**ଦେଶିଆ କନ୍ଧ :-**

ଫୁଲବାଣୀ ଏବଂ କୋରାପୁଟ ଜିଲ୍ଲାର ସମତଳ ଇଲାକାରେ ଦେଶିଆ କନ୍ଧମାନେ ବସବାସ କରନ୍ତି । ଦେଶୀୟ ଆଚରଣ ତଥା ଲୋକାଚାର ଗୁଡ଼ିକ ସହ ବହୁଳ ଭାବେ ଜଡ଼ିତ ଥିବାରୁ ଏମାନଙ୍କୁ ଦେଶିଆ କନ୍ଧ କୁହାଯାଏ । ଫୁଲବାଣୀ ଜିଲ୍ଲାର ସହର ତଳିରେ ପ୍ରାୟ ପଚାଶଟି ଗ୍ରାମ ତଥା କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ବଂଧୁଗାଁ, ଦଶମନ୍ତପୁର ବ୍ଲକର ପ୍ରାୟ ୩୦ଟି ଗ୍ରାମରୁ ସେମାନଙ୍କ ସାମାଜିକ ପ୍ରଥା ସାଂଗକୁ ସେମାନଙ୍କ ଲୋକ ଗୀତ ସଂଗ୍ରହ କରାଯାଇଛି । ଫୁଲବାଣୀ ଜିଲ୍ଲାର ଦେଶିଆ କନ୍ଧମାନେ 'କୁଇ' ଭାଷାରେ ଭାବର ଆଦାନ ପ୍ରଦାନ କରନ୍ତି । କୋରାପୁଟର ଦେଶିଆ କନ୍ଧମାନେ 'କୁଭି' ଭାଷାରେ 'କଥୋପକଥନ' କରିଥାନ୍ତି । ସାଂପ୍ରତିକ କାଳରେ ଫୁଲବାଣୀ ଜିଲ୍ଲାର ଦେଶିଆ କନ୍ଧ ମାନଙ୍କ କୁଇ ଭାଷାରେ ଓଡ଼ିଆ ଶବ୍ଦର ପ୍ରଚଳନ, ପୋଷାକର ପରିବର୍ତ୍ତନ, ଶିକ୍ଷାର ପ୍ରସାର ସେମାନଙ୍କୁ ସହରୀ ସଭ୍ୟତାର ଆଚରଣ ବିଧି ମୁତାବକ ଆଧୁନିକ କରି ଦେଇଛି । ଆଧୁନିକ ଫିଲ୍ମ ଗୀତର ସ୍ୱର ଗୁଡ଼ିକ ଏମାନଙ୍କ ଗୀତର ପ୍ରଧାନ ଅଂଗ ହୋଇ ଯାଇଛି । ସେଗୁଡ଼ିକ ମଧ୍ୟରୁ କେତେକ ଗୀତ ଗବେଷଣା ଅନ୍ତର୍ଭୁକ୍ତ କରାଯାଇଛି । ମାତ୍ରସାଙ୍ଗୀତିକତାରେ କିଛି ନୂତନତ୍ୱ ଦେଖାଇବା ପାଇଁ ନୁହେଁ;କେବଳ ସ୍ୱର ଦ୍ୱାରା ସେମାନଙ୍କ ଗୀତି କବିତାରେ ଯେଉଁ ସାମାଜିକ ଚେତନାର ବିକାଶ ଘଟିଛି ତାହାର ରୂପରେଖ ନିର୍ଦ୍ଧାରଣ ସାଙ୍ଗକୁ ବର୍ଗୀକରଣ ପାଇଁ କେତେକ ଗୀତ ନିଆ ଯାଇଛି ।

କୋରାପୁଟ ଜିଲ୍ଲାର ଦେଶିଆ କନ୍ଧମାନଙ୍କ ସଂଗୀତରେ ସ୍ୱତନ୍ତ୍ରତା ଲକ୍ଷ୍ୟ କରାଯାଏ । ଗୀତରେ, ସ୍ୱରର ନିର୍ଯ୍ୟାସରେ, ଭାବନାର ସଂପୂର୍ଣ୍ଣ ବିନ୍ୟାସରେ , ବାଦ୍ୟର ସ୍ୱତନ୍ତ୍ର ବାଣୀରେ କୋରାପୁଟ ଜିଲ୍ଲାର ଦେଶିଆ କନ୍ଧ ମାନଙ୍କ ପରଂପରା ଅଦ୍ୟାବଧି ପ୍ରଚଳିତ । ମାତ୍ର ଆଧୁନିକତାର ସ୍ପର୍ଶ ସେମାନଙ୍କଠାରୁ ମଧ୍ୟ ବାଦ୍ ପଡ଼ି ନାହିଁ । ସେମାନେ କୁଭି ଭାଷାରେ ଓଡ଼ିଆ ଓ ତେଲୁଗୁ ଶବ୍ଦ ପ୍ରୟୋଗ କଲେଣି । ଯୁବକ-ଯୁବତୀ ଆଧୁନିକ ପୋଷାକ ପରିଧାନ କଲେଣି । କନ୍ଧମାଳ ଜିଲ୍ଲାର ଦେଶିଆ କନ୍ଧମାନେ ବୋରିକିଆ ଧାରୁଆ ଭାବେ ପରିଚିତ । ଦାରିଙ୍ଗବାଡ଼ି ଅଞ୍ଚଳରେ କନ୍ଧମାନଙ୍କ ସଂସ୍କୃତିର କ୍ଷୀଣ ଆଲୋକର ଆଭାସ ମିଳେ ।

କୁଟିଆ କନ୍ଧ :-

କୁଟି ଅର୍ଥ ଗାତ । ଯିଏ ଗାତ କରେ ତାହାକୁ କୁଟିଆ କୁହାଯାଏ । ବେଲଘର ଅଞ୍ଚଳର କନ୍ଧମାନଙ୍କୁ କୁଟିଆ ଆଖ୍ୟା ପ୍ରଦାନ କରିବାର ହେତୁ ହେଲା, ଏମାନଙ୍କ ଘର ଗୁଡ଼ିକ ଦ୍ୱାର ବଂଧଠାରୁ ପ୍ରାୟ ୧ ବା ୨ ଫୁଟ ଖାଲୁଆ ଥାଏ । ଏମାନେ କୁଇ ଓ କୁଭି ମିଶ୍ରିତ ଏକ ଉପଭାଷା ମାଧ୍ୟମରେ କଥୋପକଥନ କରନ୍ତି । ଦେଶିଆ କନ୍ଧମାନଙ୍କ ସଂଜ୍ଞା କହଁର, ମେଲେକା,ମ୍ବିଆକା, ମାଣ୍ଡିଂ ଭଳି କୁଟିଆ କନ୍ଧ ସମାଜରେ ସଂଜ୍ଞାର ପ୍ରଚଳନ ରହିଛି ସେଗୁଡ଼ିକ ହେଲା ଗୁଂଜିକା, ଯାନି, ମାଝୀ ଇତ୍ୟାଦି । ପୋଷାକ, ଭାଷା,କୃଷି ତଥା ପର୍ବ ପର୍ବାଣୀ ପାଳନରେ ଏମାନେ ଦେଶିଆ ଓ ଡଂଗରିଆ କନ୍ଧଠାରୁ ଭିନ୍ନ । କୃଷି ଏମାନଙ୍କ ମୁଖ୍ୟ କାର୍ଯ୍ୟ ।

କୁଟିଆ କନ୍ଧ ସଂଗୀତରେ ପାରଂପରିକ ଲୋକ ଧାରାର ଛଟା ରହିଛି । ଗୀତଟିଏ ଗାନ କରିବାକୁ ହେଲେ ସମବେତ କଣ୍ଠ (Corus) ଆବଶ୍ୟକ, ତାହା ପୁଣି ଦୁଇ ଚାରୋଟି ପୁଅ ସହ ଦୁଇ ଚାରୋଟି ଝିଅର । ଆବଶ୍ୟକ ବେଳେ ବାମ ହାତରେ ଗୋଟିଏ ଲମ୍ବା (ପୋଥିପଟା ସଦୃଶ) କାଠ ଓ ଡ଼ାହାଣ ହାତରେ ଗୋଟିଏ ଛୋଟ ବାଡ଼ି । ଗୀତରେ ତାଳ ରକ୍ଷା କରେ ଏଇ ଦୁଇଟି କାଠ ବାଡ଼ି । ଏଇ ବାଡ଼ି ଦ୍ୱୟକୁ ଗାଣି ଓ ଲାଉଡ଼ି କୁହାଯାଏ । କୁଟିଆ କନ୍ଧ ଝିଅ ଅନ୍ୟ ଘରେ କୁଳବଧୂ ହେଲେ ସାଂଗରେ ନେଇ ଯାଏ ଏଇ ଗାଣି ଲାଉଡ଼ି, ଯାହା ଫଳରେ ଶାଶୁ ଘର ଲୋକ ମାନଙ୍କର ହୃଦବୋଧ ହୁଏ ବୋହୂ ଗୀତ, ନାଚ ଜାଣିଛି ।

ଡଂଗରିଆ କନ୍ଧ :-

ଡଂଗର ଅର୍ଥ ପାହାଡ଼, ପାହାଡ଼ ଉପରେ ବସବାସ କରୁଥିବାରୁ ଏମାନଙ୍କୁ ଡଂଗରିଆ କନ୍ଧ କୁହାଯାଏ । ଏମାନଙ୍କ ଭାଷା କୁଭି ଭାବେ ପରିଚିତ । ସମଗ୍ର ଡଂଗରିଆ କନ୍ଧଗୋଷ୍ଠୀକୁ ଛ ଗୋଟି ମୁଠାରେ ବିଭକ୍ତ କରାଯାଇଛି । ସେଇ ମୁଠା ଗୁଡ଼ିକ ହେଲା ୱାଡ଼ାକା, କାଡ୍ରାକା, ପୁଷିକା, ଜାକେଷିକା, ନିସକା ଓ ସିକୋକା ମୁଠା । ଏମାନେ ରାଜବଂଶ ଭାବେ ନିଜକୁ ପରିଚୟ ଦିଅନ୍ତି ଏବଂ ଏମାନଙ୍କ ଦୈନିନ୍ଦିନ ଜୀବନ ଚର୍ଯ୍ୟାରେ ରାଜକୀୟ ଢଙ୍ଗ ଅଦ୍ୟାବଧି ପ୍ରଚଳିତ ।

ଡଂଗରିଆ କନ୍ଧ ମାନଙ୍କର ବ୍ୟକ୍ତିଗତ ତଥା ସାମାଜିକ ଜୀବନ ଚର୍ଯ୍ୟାର ପ୍ରତିଟି ପଦକ୍ଷେପ ପୃଷ୍ଠ ଭାଗରେ ଥାଏ ନୃତ୍ୟ ଗୀତ ପରିବେଷଣର ପରଂପରା । ପର୍ବ ପାଳନ ହେଉ ବା ବିବାହ ମହୋତ୍ସବ ହେଉ, ଶିକାର କରି ଯିବା ହେଉ ବା ବିହନ ବୁଣା ହେଉ ସବୁ କାର୍ଯ୍ୟରେ ସଂଗୀତର ମୂର୍ଚ୍ଛନା ସମଗ୍ର ପାର୍ବତ୍ୟାଞ୍ଚଳରେ ପ୍ଲାବିତ ହୁଏ । ସଂଗୀତର ମଧୁର ଗୁଂଜରଣ ସମସ୍ତଙ୍କୁ ଏକତ୍ର କରି ଦିଏ । ସଂଗୀତ ଆସର ବେଳେ କେହି କାହାର ଶତ୍ରୁ ନୁହନ୍ତି । ସ୍ୱରର ଉପଯୁକ୍ତ ଲୟ ଦେଇ ଛନ୍ଦାୟିତ ଭାବେ ଡଂଗରିଆମାନେ ନୃତ୍ୟରତ ହୁଅନ୍ତି । ସଂଗୀତ ପରିବେଷଣ ପାଇଁ ଲୋଡ଼ା ହୁଏ ଅବନ୍ଦ୍ୱ ବାଦ୍ୟ ସ୍ୱରୂପ ଢ଼ାଁପଟିଏ । ଗୀତ ଗାଇବାକୁ ହେଲେ ଧାଂଗଡ଼ା ସହ ଧାଂଗିଡ଼ିର ସମବେତ

କଣ୍ଠର ସଂଯୋଗ ଘଟେ । ତତ୍ ବାଦ୍ୟର ଉପଯୋଗ ଡଂଗରିଆ କନ୍ଧମାନଙ୍କର ସାଂସ୍କୃତିକ ପରିଚର୍ଯ୍ୟାକୁ ରସାଣିତ କରେ । ତୁଂତୁଣୀ ଧରି କନ୍ଧ ମାନଙ୍କର ପ୍ରାଚୀନ କାହାଣୀ ବର୍ଣ୍ଣନାର ପରଂପରା ଅଦ୍ୟାବଧି ପ୍ରଚଳିତ । ବିନା ସଂଗୀତରେ ଡଂଗରିଆ କନ୍ଧ ବଞ୍ଚି ପାରେ ନା ।  ବଞ୍ଚିବାକୁ ହେଲେ ଖାଦ୍ୟର ଯେତିକି ଆବଶ୍ୟକତା  ତାଠାରୁ ଶତ ଗୁଣରେ ଆବଶ୍ୟକ ପଡ଼େ ସଂଗୀତ । କର୍ମକ୍ଳାନ୍ତ ଜୀବନ ମଧ୍ୟରେ ଦୁଃଖ ବେଦନାକୁ ଲାଘବ କରେ ସଂଗୀତ ।

ଓଡ଼ିଶାରେ ଆଦିମ ଜନଜାତିର ଏକ ବଳିଷ୍ଠ ସଭ୍ୟତାର ସଂସ୍କୃତି ଦୃଷ୍ଟିକୁ ଆସେ । ତାହା ହେଲା କନ୍ଧ ସଭ୍ୟତା । ଓଡ଼ିଶାରେ ଏଇ କନ୍ଧମାନଙ୍କ ସାମାଜିକ ଚଳଣି, ଧର୍ମଧାରା, କୃଷି, ଅର୍ଥନୀତି, ଆଂଗିକ, ଆତ୍ମିକ ଓ ବାଚିକ  ଚିନ୍ତାଧାରା ମଧ୍ୟରେ ସ୍ୱତନ୍ତ୍ର ସଂସ୍କୃତିର ବାର୍ତ୍ତା ମିଳେ । କର୍ମ-କର୍ମାଣି, ପର୍ବ-ପର୍ବାଣି, ଗୃହକାର୍ଯ୍ୟ ସର୍ବୋପରି ବଞ୍ଚିବାର ସମସ୍ତ ଆନୁସଂଗିକ କର୍ମ ଶକ୍ତି ଗୁଡ଼ିକରେ ସ୍ୱତନ୍ତ୍ର ଛଟା ଦେଖାଯାଏ । ଓଡ଼ିଶାର ବାଷଠି ଜନଜାତିଙ୍କ ମଧ୍ୟରେ କନ୍ଧ ପ୍ରଥମ ଆରଣ୍ୟକ ବୋଲି ନିଜକୁ ପରିଚୟ ଦିଏ । ମ୍ଲିଆକା ସଂଜ୍ଞାଧାରୀ କନ୍ଧ ବିଶ୍ୱର ପ୍ରଥମ ସୂର୍ଯ୍ୟୋଦୟ ଦେଖିବାର ଗୌରବ ଅର୍ଜନ କରିଥିଲେ ବୋଲି ଶୁଣାଯାଏ । କନ୍ଧମାନଙ୍କ ସୃଷ୍ଟି ଓ ଆଗମନ ବିଷୟରେ ସେମାନଙ୍କ ମଧ୍ୟରେ ଅନେକ ଲୋକ ଗଳ୍ପର ପ୍ରଚଳନ ଅଛି । ଗୋଟିଏ ଗଳ୍ପ ହେଲା :-

ହାରକା ଯୁଗୁତି କାତା । ଓଡ଼ିଶାତି କୋରାପୁଟ ଜିଲ୍ଲା ଓଡ଼େ ଫୁଲବାଣୀ କୋରାପୁଟ ଜିଲ୍ଲାତି ଏଟକା ତାଲକାତା ଓ୍ୱାହାନାହା ବାସା ଆତେରି । ଏଟିବେଲା ସାରିଓ୍ୱାଜି ହାରେକା ଜାଡ଼ାମାଟେ । ଏଟିବେଲା ଜନ୍ତୁ ଜିଓ୍ୱାଡ଼ି ପଟାୟାଁ, କ୍ଲାନି ବାଲକା ଜନ୍ତଦାରେ ମାଚୁ । ମା ଆକୁୟାଁ ଆବାୟାଁ ଇମ୍ବାୟାଁ ଓ୍ୱାହାନା ଇଲୁଗୁଡ଼ା କିହାନାରୀ/ତିନିକୁଟି ମିତଳେ ବାସା ଆତେରି । ଦିରେ ଦିରେ ଏଲାହିୟେ ଲୋକୁ ଏପା ଆତେରି । ମ୍ଲିଆକା କୁଡ଼ା ଗାଟି କୁୟାଁ ତଳିଯେଇ ଦେଖାତା ଓ୍ୱାତେରି ଇଂଜିହିଁ କାତାମାନେ ।

... ... ... ... ... ... ... ... ... ... ... ... ...

ଏଟକା ଏଟକାତି ଦନ୍ତ ପଟାୟାଁ ମ୍ଲିଆକା ଲେମ୍ବାମାଛି ଆସ୍ତି ଦରକାଟି କୁୟାଁ କୁଡ଼ାଟିଂ ଆକୁ ଆବାୟା ହୁରଇଟି ତେରି ମ୍ଲିଆକା କୁଡ଼ା ଇଟିହିଁ ମିନୁ ଦରୁଟି ଇକୁଡ଼ା ଓ୍ୱାହାନା । ଯୁଗୁବୁଡ଼ା ଆତାଟି ଇକୁଡ଼ା ଗାଟାରି ତାଲପି ଆହାନା ପୁର୍ତ୍ତିତା କୁଡ଼ା ଏପିକି ତେରି । ଏଟି ବେଲା ହାରକା ଜାଗା କ୍ଲାନିତା ହେରଓ୍ୱାନା ହାକି ମାଚେରି । ଏମ୍ବାଃ ଏଜାଃଡ଼ା ଟଣହାନା ତାଷା କାମ୍ବି କିଆଲି ମାଚେରି । ଓଡ଼ିଶାତି ଭୂମି କୋରାପୁଟ ଜିଲ୍ଲା ତାମାନି ବିଷମ କଟକ, ରାୟଗଡ଼ା ଓଡ଼େ ଫୁଲବାଣୀ ଜିଲ୍ଲାତାମାନ ବେଲଘର ବାଲିଗୁଡ଼ା ଆଗେଏ କୋରାପୁଟ ଜିଲ୍ଲାତାମାନି ଲକ୍ଷ୍ମୀପୁର ବଂଧୁଗାଁ ଆଗେଏ ମ୍ଲିଆକା ପୁଞ୍ଜାରେ ତେରି । ଏମ୍ବାଯି ହାରକା ଜାଗା ଏମ୍ବାଟିଉ ହାଜାନା ଏଟକା ଏଟକା ତାଲଦାତା ହାଜାନା ରୋଲେ ରୋଲେଟି ଦୋରୁ ପାଚେରୀ ।

**ଏହି ଲୋକ ଗଳ୍ପର ଓଡ଼ିଆ ସାରମର୍ମ ହେଲା :-**

ଅନେକ ଯୁଗ ତଳର କଥା । ଓଡ଼ିଶାର ଫୁଲବାଣୀ ଓ କୋରାପୁଟ ଜିଲ୍ଲାର କେତେକ ଅଞ୍ଚଳରେ ଆମ କନ୍ଧ ସମାଜର ପୂର୍ବପୁରୁଷମାନେ ବସବାସ କଲେ । ଏହି ସମୟରେ ଚାରିଆଡ଼େ ଜଙ୍ଗଲ ପରିପୂର୍ଣ୍ଣ ଥିଲା । ପଶୁପକ୍ଷୀ, ହିଂସ୍ରଜନ୍ତୁ ବହୁ ପରିମାଣରେ ଥିଲେ । ଆମ ପୂର୍ବପୁରୁଷ ଏଠାରେ କୁଡ଼ିଆ କରି ଦୁଇ/ତିନି ପରିବାର ଏକତ୍ର ରହିଲେ । କାଳକ୍ରମେ ବଂଶ ବୃଦ୍ଧି ହେବାକୁ ଲାଗିଲା ।ମ୍ଲିଆକା ସଂଜ୍ଞାଧାରୀ କନ୍ଧ ପ୍ରଥମେ ଓଡ଼ିଶା ଭୂମିରେ  ପାଦ ପକାଇବା ପ୍ରବାଦ ଅଛି । ବିଭିନ୍ନ ପଶୁପକ୍ଷୀ, ମାଛ ଓ ଅନ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ନାମ ଅନୁସାରେ କନ୍ଧ ମାନଙ୍କର ନାମ ପୂର୍ବପୁରୁଷମାନେ ସ୍ଥିର କଲେ । ମ୍ଲିଆକା ମିନ୍ ବା ମିନ ଧାତୁରୁ ଉଦ୍ଭବ ହୋଇଛି । ପ୍ରଳୟ ସମୟରେ ଏହି ନାମଧରି

କନ୍ଧ ଜନଜାତିର ରକ୍ଷା ପାଇଁ ପୃଥିବୀରେ ବଂଶ ଉତ୍ପନ୍ନ କରିଥିବା କଥା କନ୍ଧମାନଙ୍କ ମଧ୍ୟରେ ପ୍ରବାଦ ଅଛି । ସେତେବେଳେ ଅନେକ ବାଘର ଶିକାର ହୋଇ ମରୁଥିଲେ । କାଳକ୍ରମେ ଜଙ୍ଗଲ ସଫାକରି ଜମି ପ୍ରସ୍ତୁତ କରିବା ସହ ପୋଡୁଚାଷ ଆରମ୍ଭ କଲେ । ଓଡ଼ିଶାରେ କୋରାପୁଟର କୁଟିଂଗା, ମାଣଧାର, ଚାଟିକୋଣା, ବିଷମ କଟକ ଓ ଫୁଲବାଣୀ ଜିଲ୍ଲାରେ କନ୍ଧ ସମାଜ ବାସ କଲେ । ଏହାପରେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ କନ୍ଧ ମାନଙ୍କର ଆବିର୍ଭାବ ଘଟିଲା । କନ୍ଧମାନଙ୍କର ଭାଷା ଭିନ୍ନ ହେଲେ ମଧ୍ୟ ଜାତି ବା ସମାଜ ଗୋଟିଏ ଓ ସମସ୍ତ ମଧ୍ୟରେ ନାମ ବା ସଂଜ୍ଞା ଅନୁସାରେ ବିବାହ ପ୍ରଥାର ବାରଣ ନାହିଁ । କନ୍ଧ ମାନଙ୍କର ଗୀତ ବାଦ୍ୟ ଅତି ପ୍ରାଚୀନ । ଏମାନେ ଓଡ଼ିଶାର ପ୍ରଥମ ଆଦିମ ଆଦିବାସୀ ବୋଲି ମନେ କରନ୍ତି ।

♦♦♦

(୨)

## କନ୍ଧ ଲୋକ ସଂଗୀତର ବିଷୟ ବୈଚିତ୍ର୍ୟ

କନ୍ଧମାନଙ୍କ ସଂଗୀତ ଲୋକ- ସଂଗୀତର ବାର୍ତ୍ତା ପ୍ରଦାନ କରେ । ଆବହମାନ କାଳରୁ ପୃଥିବୀ ପୃଷ୍ଠରେ ପଦାର୍ପଣ କରି ବାସ୍ତବତାର ଜୟଗାନ କରିଛନ୍ତି ଏଇ ଆଦିମ ଗୋଷ୍ଠୀ । ବିଶ୍ୱ ଇତିହାସର ପ୍ରାକ୍ କାଳରୁ ଏଯାବତ୍ ଗୋଟିଏ ଧାରାରେ ସଂଘବଦ୍ଧ ଭାବେ ସେମାନେ ସାମାଜିକ ବାଦ, ଶିକ୍ଷା ଦେଇ ଆସିଛନ୍ତି । ପ୍ରାକୃତିକ ପରିବେଶ ସ୍ୱରୂପ ଜଙ୍ଗଲ, ପାହାଡ଼, ଝରଣା ଓ ଫଳମୂଳ ଛଡ଼ା ସେ ଜାତି ତାର ଦୈନନ୍ଦିନ ଚଳଣିରେ ଆଉ ଅଧିକ କିଛି ଦାବୀ କରି ନାହିଁ, ବରଂ ଗୋଟିଏ ପରେ ଗୋଟିଏ ବଂଶାନୁକ୍ରମିକ ଭାବେ ପିଢ଼ିରୁ-ପିଢ଼ିକୁ ନୃତ୍ୟ, ବାଦ୍ୟ ଗୀତକୁ ସଂବଳ କରି କନ୍ଧ ସମାଜ ଓ ସଂସ୍କୃତି ହୋଇଛି କ୍ରମବର୍ଦ୍ଧିଷ୍ଣୁ ।

କନ୍ଧ ସମାଜ ସୁଖ, ଦୁଃଖ, ହସ, କାନ୍ଦ ସର୍ବୋପରି ଦୈନନ୍ଦିନ ଜୀବନ ଚର୍ଯ୍ୟାର ପ୍ରତିଟି ଛନ୍ଦରେ ତାର ସଂଗୀତକୁ ସାମିଲ କରିଛି । ଗୀତ ସହ ବାଦ୍ୟ ଓ ବାଦ୍ୟ ସହ ନୃତ୍ୟର ଉପଯୋଗ କନ୍ଧ ମାନଙ୍କର ସଂଗୀତର ଆଉ ଏକ ବିଶେଷତ୍ୱ । କନ୍ଧମାନେ ଗୀତ ଗାଇ ପାରନ୍ତି, ତାଙ୍କୁ ବାଦନ କରିପାରନ୍ତି ଓ ନୃତ୍ୟ କରି ପାରନ୍ତି । ଏଇ ତ୍ରିବିଧ କଳାର ସମନ୍ୱୟରେ କନ୍ଧମାନଙ୍କ ଶୃଙ୍ଖଳା ପାରଂପରିକ ମୂଲ୍ୟବୋଧ ଗୁଡ଼ିକୁ ଗୁରୁତ୍ୱ ଦିଏ ।

ଝରଣା, ପଶୁପକ୍ଷୀ, ଜଙ୍ଗଲ ପାହାଡ଼ ଇତ୍ୟାଦି କନ୍ଧ ଲୋକ ସଂଗୀତର ଉପମା, ଅଳଂକାର ଭାବେ ସଂଯୋଜିତ ହୁଏ । ଧାଂଗଡ଼ା ଧାଂଗଡ଼ିକୁ ସଂବୋଧନ ସିଧା ସଳଖ ଗୀତ ମାଧ୍ୟମରେ କରେ ନାହିଁ । ପ୍ରତୀକ ଧର୍ମୀ ଭାବେ ସେ ପ୍ରେମିକାକୁ ପକ୍ଷୀ ସହ, ଝରଣା ସହ ତୁଳନା କରି ଗୀତ ଗାଏ । ଏହି ଗୀତ ସାଧାରଣ ମଣିଷ ପାଇଁ ବୋଧଗମ୍ୟ ନ ହେଲେ ମଧ୍ୟ ପ୍ରେମିକା ଠିକ ତାର ଭାବ ବୁଝି ପାରେ । ପ୍ରତ୍ୟେକ ସଂଗୀତର ବିଷୟ ବୈଚିତ୍ର୍ୟ ପରିବେଶ ଓ ପରିବେଷ୍ଟନୀକୁ ନେଇ ଭାବ ଗର୍ଭିତ ହୁଏ । ଫୁଲବାଣୀ ଜିଲ୍ଲାର ଦେଶିଆ କନ୍ଧମାନଙ୍କର ପ୍ରେମ ଗୀତରେ ଜଙ୍ଗଲ, ପାହାଡ଼, ଝରଣାର ପ୍ରତୀକତା ନାହିଁ । କାରଣ ଏମାନଙ୍କ ପରିବେଶରେ ଆଧୁନିକ ପରିପାଟୀ ବେଶ୍ ଆଦୃତ ହୋଇଛି । ଏମାନଙ୍କ ବେଶୀୟ ଗୀତ ଗୁଡ଼ିକରେ ଉପମା ଅଳଂକାର ଭାବେ ସାଇକେଲ, ଫଟୋ, ସାୟା, ସାଢ଼ୀ, ଗାଡ଼ି, ମଟରଠୁ ଆରମ୍ଭ କରି ଯାନ୍ତ୍ରିକ ଦୁନିଆର ସମସ୍ତ ବିଷୟ ସଜ୍ଜୀକୃତ ହୋଇଥାଏ ।

ଡଂଗରିଆ ତଥା କୁଟିଆ କନ୍ଧମାନଙ୍କ ଗୀତ ଗୁଡ଼ିକ ପ୍ରାକୃତିକ ପ୍ରାଚୁର୍ଯ୍ୟରେ ମହିମାମଣ୍ଡିତ ଓ ପ୍ରତୀକଧର୍ମୀ । ସମାଜବାଦୀ ଚିନ୍ତାଧାରା ସାଂଗକୁ ବଂଶାନୁକ୍ରମିକ ପାରଂପରିକ ସ୍ୱର ନିର୍ଯ୍ୟାସ ଏମାନଙ୍କ ଗୀତର ମୁଖ୍ୟ ଆକର୍ଷଣ । କନ୍ଧ ମାନଙ୍କର ସଂଗୀତର ଆଉ ଗୋଟିଏ ଦିଗ ହେଲା ଧାର୍ମିକ ଚେତନା । ପର୍ବ-ପର୍ବାଣୀ ପାଳନ ଅବସରରେ ବା ପିଲା ମାନଙ୍କୁ ଜ୍ୱର ପାଇଁ ଝଡ଼ାଫୁଙ୍କା ବେଳେ ବିଭିନ୍ନ ଦେବା ଦେବୀଙ୍କ ନାମରେ ମନ୍ତ୍ର ତଥା ଗୀତ ଉଚ୍ଚାରିତ ହୁଏ । ପୁଣି କେତେ ଗୁଡ଼ିଏ ଚେତନା ଧର୍ମୀ ଯଥା :- ମଦ ଛାଡ଼ିବା, ଜଙ୍ଗଲ କାଟିବା ନାହିଁ ଓ ମଣିଷ ଜୀବନ କ୍ଷଣସ୍ଥାୟୀ, ଆନନ୍ଦ ଉପଭୋଗ କରିବା ଇତ୍ୟାଦି ପ୍ରତୀକ ଧର୍ମୀ ଭାବେ ଗଢ଼ି ଆସେ । ଏହି ଭାବଗୁଡ଼ିକର ପରିସ୍ଫୁଟନ ଘଟେ ସେମାନଙ୍କ ଲୋକ ଭାଷାରେ । ଭାଷା ବ୍ୟତିରେକ ସଂଗୀତର ବିଷୟ ବୈଚିତ୍ର୍ୟ ତୁଚ୍ଛ । ଏ ଦୃଷ୍ଟିରୁ କନ୍ଧ ମାନଙ୍କର ଭାଷାର ଉପଯୁକ୍ତ ବିନ୍ୟାସ ଗୀତ ମାଧ୍ୟମରେ ହୁଏ ।

କନ୍ଧ ଜନଜାତିର ସାଂସ୍କୃତିକ ଉନ୍ମେଷ ଓ ବିକାଶରେ ସେମାନଙ୍କ ଗୀତ, ବାଦ୍ୟ ଓ ନୃତ୍ୟ ବିଶେଷ ଭୂମିକା ଗ୍ରହଣ କରେ । ଲୋକ କଳାର ସମସ୍ତ ବିଭବକୁ ସ୍ପର୍ଶ କରି କନ୍ଧ ସଂଗୀତ ବାସ୍ତବ ପ୍ରାଣତାର ଜୟଗାନ କରେ । ସମାଜର ପ୍ରତ୍ୟେକ ଶୃଙ୍ଖଳା ଗୁଡ଼ିକୁ ଆଧାର କରି ସାମାଜିକ ମୂଲ୍ୟବୋଧ ସ୍ଥାପନ କରିବା କନ୍ଧ ସଂଗୀତର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏମାନଙ୍କ ସଂଗୀତ ପାରଂପରିକତା ଉପରେ ଗୁରୁତ୍ୱ ଆରୋପ କରେ । ସେଇ ମାର୍ଗ ଗୁଡ଼ିକ ହେଲା ପର୍ବ-ପର୍ବାଣି, କୃଷି, ବିବାହ, କର୍ମ-କର୍ମାଣି, ଶିକାର ତଥା ସାମୂହିକ ଆନନ୍ଦଚର୍ଯ୍ୟା । ଦୈନନ୍ଦିନ ଜୀବନ ଧାରଣର ଘାତ-ପ୍ରତିଘାତ ଓ ସଂଘାତ ମଧ୍ୟରେ କନ୍ଧ ମାନଙ୍କ ସଂଗୀତ ଓତଃପ୍ରୋତଃ ଭାବେ ଜଡ଼ିତ । ଚଳଣୀ, ଚମକ ଦୃଷ୍ଟିରୁ ଏମାନଙ୍କ ସଂଗୀତକୁ ମୁଖ୍ୟତଃ 'ଛ' ଗୋଟି ବର୍ଗରେ ବର୍ଗୀକୃତ କରାଯାଇପାରେ । ସେଇ ବର୍ଗ ଗୁଡ଼ିକ ହେଉଛି :-

୧- କୃଷି ଭିତ୍ତିକ
୨- କର୍ମ-କର୍ମାଣି ଭିତ୍ତିକ
୩- ଶିକାର ଭିତ୍ତିକ
୪- ବିବାହ ଭିତ୍ତିକ
୫- ପର୍ବ-ପର୍ବାଣି ଭିତ୍ତିକ
୬- ସାମୂହିକ ଆନନ୍ଦ ଚର୍ଯ୍ୟା ଭିତ୍ତିକ

ଉପର ଲିଖିତ ଛ ଗୋଟି ପର୍ଯ୍ୟାୟକୁ ନେଇ କନ୍ଧ ସଂଗୀତ ସେମାନଙ୍କ ସମଷ୍ଟି ଓ ସଂହତିର ବାର୍ତ୍ତା ପ୍ରଦାନ କରେ । ସାମାଜିକ ନ୍ୟାୟ ପ୍ରଦାନ ସାଂଗକୁ ପରଂପରା ପ୍ରତି ଯତ୍ନବାନ ହେବା କନ୍ଧ ସଂଗୀତର ଅନ୍ୟତମ ବୈଶିଷ୍ଟ୍ୟ । ଉପରୋକ୍ତ ବର୍ଗ ଗୁଡ଼ିକରେ ସଂଗ୍ରହ କରାଯାଇଥିବା ଗୀତ ଗୁଡ଼ିକର ସ୍ୱଚ୍ଛ ବ୍ୟାଖ୍ୟା କଲେ ଉଭୟ କନ୍ଧ ସଂଗୀତ ଓ ସାହିତ୍ୟର ସ୍ୱରୂପ ସାଂଗକୁ ଏମାନଙ୍କ ଚେତନାର ଗଭୀରତା ସଂପର୍କରେ କିଛିଟା ମୂଲ୍ୟାୟନ କରି ହେବ ଯାହା ପରବର୍ତ୍ତୀ ସମୟରେ ଏହି ଆଦିମ ଜନଜାତି ବିଷୟରେ ଅଧିକ ଜାଣିବା ପାଇଁ ପ୍ରେରଣା ଯୋଗାଇବ ।

**କୃଷି ଭିତ୍ତିକ ସଂଗୀତ :-**

ଧାନ ହେଉ ବା ଗହମ ହେଉ, କୁଇରୀ ହେଉ ବା ମାଣ୍ଡିଆ ହେଉ, କନ୍ଦା ହେଉ ବା କାନ୍ଦୁଲ ହେଉ ପ୍ରତ୍ୟେକ କୃଷି କାର୍ଯ୍ୟରେ ନିର୍ଦ୍ଦିଷ୍ଟ ଗୀତର ପରଂପରା କନ୍ଧ ସମାଜରେ ପ୍ରଚଳିତ ଅଛି । ହଳ କରିବା ବେଳେ ସଂଗୀତର

ମଧୁମୟ ସ୍ୱର୍ଶ, ବିହନ ବୁଣା ହେଲା ବେଳେ ସଂଗୀତର ଗୁଂଜରଣ, ଫସଲ ଅମଳ ବେଳେ ସଂଗୀତର ମଡୁଆଲା ପ୍ରଥାରା ବେଶ୍ ତାତ୍ପର୍ଯ୍ୟ ପୂର୍ଣ୍ଣ । ଦେଶିଆ କନ୍ଧ କୃଷି କରିବା ପୂର୍ବରୁ ଜମି କାଟିବା ଫସଲ,ବୁଣିବା ସଂପର୍କରେ ଗାନ କରୁଥିବା ଗୀତଟି ହେଲା :-

ଗୀତ - ''କେତାଂଗା ଗୀତେରୁ ନେଡ଼ାଂଗା ଗୀତେରୁ

ଏମ୍ବାମାଟି ତେରୁ କୁଏରି ତେଢ଼ି ।''

ଅର୍ଥାତ - '' ଲୋକମାନେ କୃଷିର ଆବଶ୍ୟକତା ଉପଲବ୍ଧି କରି ଜମି, ବାଡ଼ି, ଖେତ ପ୍ରସ୍ତୁତ କଲେ ଓ କୁଇରି ମାଣ୍ଡିଆ ଚାଷ କଲେ ''।

କୃଷିକାର୍ଯ୍ୟ ପାଇଁ କନ୍ଧ ସମାଜ ତିଥି, ବାର ଓ ନକ୍ଷତ୍ର ସ୍ଥିର କରେ । ଏହାଛଡ଼ା ପାଣି ପାଗର ଉପଯୁକ୍ତ ସମୟ ସୀମା ମଧ୍ୟରେ ବିହନ ବୁଣା କାର୍ଯ୍ୟ ସଂପାଦନ କରିଥାନ୍ତି । କୁଟିଆ କନ୍ଧ ମାନଙ୍କର ବିଚାଗାଣି ଏଠାରେ ପ୍ରଣିଧାନ ଯୋଗ୍ୟ ।

ଗୀତ-
ପିଜୁ ରେପି ମାଂଜା-ନେ
ଡୁଂଡୁରୁ ରେପି ମାଂଜା-ନେ
ଆଲା-ରାଣି ନାତୁ
ଆ-ଲା-ବେହିଆତୁ
ଇସିକା ଇଦାଂଗା ମାଂଜି-ନା
ଇସିକା ସୁସୁକା ମାଂଜି-ନା
... ... ... ... ... ... ...

ଗୀତ-
ତାନୁ ନେରା ତାଲିଲା
ତାନୁ କେପା ଦାଲି-ଲା
ସାଚି କାଂଗୁଲ ପାଇସି
କୁଡ଼େ କାଂଗୁଲ ଗାଇସି
ମାଟେ ରାଂଜି ମାଂଜାଽନେ
ଭସେ ଲାଂଜି ମାଂଜାଽନେ

ଅର୍ଥାତ:
କୁହୁଡ଼ି ଭଳି ବର୍ଷା ବର୍ଷୁଛି
ବୋହୁବେଗି ବିହନ କାଢ଼
ଏମିତି ଶୋଇ ରହିଲେ ଚଳିବ କି ?
ଏମିତି ଅଳସ ଭାଂଗିଲେ ଚଳିବ କି ?
ବିହନ ବାହାର କର କ୍ଷେତରେ ବୁଣିବା ।
... ... ... ... ...

ତେନ୍ତୁ ଶିଘ୍ର ଶିଘ୍ର ବିହନ କାଢ଼
କନ୍ଦା ଓ କାନ୍ଦୁଲ ଆଗ କାଢ଼
ଠିକ୍ ସମୟରେ ପୋତିବା
କିଛି ବିହନ ବୁଣିବା
କିଛି ବିହନ ପୋତିବା ।

କୃଷି କାର୍ଯ୍ୟର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ସହ କୁଳବଧୂ ଘରୁ ବିହନ କାଢ଼ି ଦେବାର ଯେଉଁ ପଂରପରା ରହିଛି ତାହା କୁଟିଆ କନ୍ଧ ସଂସ୍କୃତିର ସ୍ୱରୂପ ପ୍ରକାଶ କରେ । ଫସଲ ଅମଳ ବେଳେ ମଧ୍ୟ କୁଟିଆ କନ୍ଧ ଗୀତ ଗାନ କରେ । ଫସଲର ଉତ୍ପାଦନ ସାଂଗକୁ ଆନନ୍ଦ ଉଲ୍ଲାସରେ ଗୀତର ମୂର୍ଚ୍ଛନା ନିରବ, ନିରୋଳ ଓ ନିଥର ପର୍ବତାଞ୍ଚଳକୁ ମୁଖରିତ କରିଦିଏ । ଏଠାରେ କୁଟିଆ କନ୍ଧ ମାନଙ୍କର ବିତା ଜାରା ଗାଣି ବା ଫସଲ ଅମଳ ଗୀତର ସ୍ୱଚ୍ଛ ଭାବ ପ୍ରଦାନ କରାଗଲା ।

ଗୀତ : ''ବିତା କାୟାତେ କାୟାତେ
ଜାରା କାୟାତେ କାୟାତେ
ବାଂଜୁ ଡାଂଗି କାନ୍ଦୁଲା
ବିତା ଏରେଗେ ଜିକାନା
ଜାରା ଏରେଗେ ଜିକାଽ ନା ।''

ଅର୍ଥାତ୍ : ଫସଲ ଆସ୍ତେ ଆସ୍ତେ ପାଚିଲା
ଏବେ କାଟିବା
ଆସ ମାଆ ଭଉଣୀ
ଆସ ଫସଲ କାଟିବା ।

ପୁଣି କୃଷିର ବହୁବିଧ ଅମଳ ପାଇଁ କୁଟିଆ କନ୍ଧ ଗୀତ ମାଧ୍ୟମରେ କହେ :-

''ବାନୁ ଡାଦା ବାଂଦୁଡ଼େ
ବାନ୍ଦୁ କୋକୁ ଜାଂଦୁଡ଼େ
ରାଇ ମାସ୍ତେ ଆଡ଼େଲା
ବନ୍ଦ ମାସ୍ତେ ଆତେଲା ।''

ଅର୍ଥାତ : ବାପା କାକା ଆସ
ମାଣ୍ଡିଆ କୋଶଲା କାଟିବା ।

କର୍ମ-କର୍ମାଣି ଭିତ୍ତିକ :-

କ- ଆଦିବାସୀ ସମାଜରେ ପିଲା ଜନ୍ମ ହେବାର ଆଭାସ ମିଳିଲେ ପରିବାର ଏକତ୍ର ଗୀତ ଗାନ କରି ଦେବା ଦେବୀଙ୍କୁ ସୁସ୍ଥ ଭାବେ ସେ ସନ୍ତାନର ଜନ୍ମ ପାଇଁ ଆବାହନ କରନ୍ତି । ଅନ୍ତଃସତ୍ତ୍ୱା ନାରୀ ଦଶମାସ ଯାଏ

ସାମାଜିକ ବିଧାନ ମାଧ୍ୟମରେ ଚଳିଥାଏ । ଦେବାଦେବୀ ଦର୍ଶନ ନ କରିବା ଠାରୁ ଆରମ୍ଭ କରି ପାହାଡ଼ ନ ଚଢ଼ିବା ଏମିତି କେତେ ବିଧାନ ଥାଏ ।

ଖ :- ନବଜାତ ଶିଶୁ ଜନ୍ମ ଲାଭ କଲାପରେ ଆଦିବାସୀ ଗ୍ରାମବାସୀ ମାନେ ଧାଂଗଡ଼ା ଶାଳରେ ଏକତ୍ର ହୋଇ ଗୀତ ମାଧ୍ୟମରେ ଆନନ୍ଦ ଅନୁଭବ କରନ୍ତି ।

ଗ :- ପିଲାର ନାମକରଣ ଉତ୍ସବ ଦିନ ଦେବା ଦେବୀଙ୍କ ନାମ ଅନୁସାରେ ପିଲାର ନାମ ଦିଆଯାଏ । ସେଇ ନାମକରଣ ଉତ୍ସବରେ ଗୀତ ବାଦ୍ୟ ନୃତ୍ୟର ଆସର ହୁଏ, ଭୋଜିଭାତ ହୁଏ ।

ଘ :- ପିଲାର ଜନ୍ମଦିନ ପାଳନ ଦିନ ଅବସରରେ ଗୀତ ବାଦ୍ୟ ନୃତ୍ୟର ଆୟୋଜନ ହୁଏ । ଭୋଜିଭାତ ଓ ମଦ୍ୟପାନ ଏ ଉତ୍ସବର ଆଉ ଏକ ନମୁନା । ପିଲା ବଡ଼ ହେଲେ କେତେକ ଆଦିବାସୀ ସମାଜରେ କିଛି ବିଧାନ ପରିଲକ୍ଷିତ ହୁଏ । ପିଲା ଛୋଟ ବେଳେ ଧାଂଗଡ଼ା ଶାଳକୁ ଯାଏ ନାହିଁ, ମାତ୍ର ବଡ଼ ହେଲେ ସେ ଧାଂଗଡ଼ା ଶାଳକୁ ଯାଇଥାଏ ।

କୁଟିଆ କନ୍ଧ ସମାଜରେ ପିଲା ଜନ୍ମ ହେବା ପରେ ଜ୍ଞାତି କୁଟୁମ୍ବ ପିଲାକୁ ଦେଖି ଆଶୀର୍ବାଦ କରିବାର ପ୍ରଥା ରହିଅଛି । ତାହା ନିମ୍ନ ଗୀତରୁ ଜଣାପଡ଼େ ।

''ନମ୍ୱେରି ପାଣା ପାଇଲା ମିଚୁ
ଡୁକା ପାଣା ପାଇଲା ମିଚୁ ॥
ବେଭ ପାଣା ପାଇଲା ମିଚୁ
ଗାମା ପାଣା ପାଇଲା ମିଚୁ'' ॥

ଅର୍ଥାତ :- ''ରଂକୁଣୀ ପୁଅ ପାଇଲା
ଏ ପୁଅକୁ ଜର ନ ହେଉ
ଆନନ୍ଦରେ ରହୁ
ଏ ପୁଅକୁ ବେମାର ନ ହେଉ
ସାଙ୍ଗ ଏ ପୁଅ ଆନନ୍ଦରେ ରହୁ'' ।

ଙ :- ପିଲାଟିକୁ ଯଦି ଜ୍ୱର ହେଲା ଓ ତାହା କ୍ରମାଗତ ଭାବେ ବୃଦ୍ଧି ପାଇଲା ନିଃସହାୟ ଆଦିବାସୀ ଦେବା ଦେବୀଙ୍କୁ ପ୍ରାର୍ଥନା କରେ ଗୀତ ମାଧ୍ୟମରେ ।

ଚ :- ରୋଗ ପାଇଁ ମାନସିକ ପୂଜା ଦେବା ଦେବୀଙ୍କ ପାଖେ ଅନୁଷ୍ଠିତ ହେଲା ବେଳେ ଯାନି ବା ପୁରୋହିତ ମନ୍ତ୍ରପାଠ ମଧ୍ୟ କର୍ମ କର୍ମାଣି ବିଷୟରେ ଏକ ଚେତନା ସୃଷ୍ଟି କରିଥାଏ ।

ଛ :- ଶବ ସତ୍କାର ବେଳେ ପୁରୋହିତ ଆତ୍ମାର ସଦଗତି ପାଇଁ ମନ୍ତ୍ର ମାଧ୍ୟମରେ ପ୍ରାର୍ଥନା ।

ଜ :- ଝିଅ ବାହାଘର ଯୋଗ୍ୟ ହେଲେ ସମାଜରେ ବଢ଼ିଲା ଝିଅ କିପରି ଚଳିବ ତାର ଏକ ନଜିର କନ୍ଧ ଆଦିବାସୀ ମାନଙ୍କ ଗୀତରୁ ପ୍ରାପ୍ତ ହୁଏ ।

ଝ :- ଝିଅ ବଡ଼ ହେଲେ ନୂତନ ଶାଢ଼ୀ ଓ ଆଚି ଅଳଂକାର ପିନ୍ଧିବାର ପ୍ରଥା ଆଦିବାସୀ ସମାଜରେ ପ୍ରଚଳିତ ଅଛି । ହଳଦୀ ପାଣିରେ ଗାଧୋଇବାଠାରୁ ନୂତନ ବସ୍ତ୍ର ପରିଧାନ ଓ ଦେବ ଦେବୀଙ୍କ ଦର୍ଶନ ଏମିତି ମଧ୍ୟ ଗୀତରେ ପ୍ରଚଳନ ଅଛି ।

ଙ :- କନ୍ଧ ସମାଜରେ ଧାଂଗଡି ମାନେ ନିର୍ଦ୍ଦିଷ୍ଟ ସମୟରେ ଅଳଂକାର ପରିଧାନ କରିଥାନ୍ତି । ଧାଂଗଡି ଘର ଯୋଗ୍ୟ ହେଲେ 'ନାକ୍‌ଫୁଲ୍', 'କାନ୍‌ଫୁଲ୍', ଏପରି କି ଶାଢ଼ୀ ପିନ୍ଧିବାର ସ୍ୱୀକୃତି ସମାଜରୁ ମିଳିଥାଏ । ନିମ୍ନ ଗୀତରେ କୁଟିଆ କନ୍ଧ ମାନଙ୍କର ଲୋକାଚାରଗତ ଗୀତ ଏଠାରେ ଦ୍ରଷ୍ଟବ୍ୟ ।

''ଅଲ୍ଲାଲା ଆଲ୍ଲା ଆପିଲା
ଆଲ୍ଲାଲା ଆଲ୍ଲା ଆପିଲା
... ... ... ...
ସନା କଡ଼େ ଦିଆଲ
ରୁପା କଡ଼େ ଜିଆଲ ।''

ଅର୍ଥାତ୍ : ''ହେ ଝିଅ ତୋ ନାକ କାନ ଫୋଡ଼ା ହବ
ତୁ ବଡ଼ ହେଲୁ ନାକ କାନ ଫୋଡ଼ିବୁ
ନାକଫୁଲ, କାନଫୁଲ ପିନ୍ଧିବୁ
ନୂଆ ଲୁଗା ପିନ୍ଧିବୁ ।''

ଶିକାର ଗୀତ :-

ଆଦିବାସୀ ସାମାଜିକ ଚଳଣି ମଧ୍ୟରେ ଶିକାର କରିଁ ଯିବାର ଏକ ପରଂପରା ଅଦ୍ୟାବଧି ପ୍ରଚଳିତ । ଶିକାର ମିଳିଲେ ଆଦିବାସୀ ମାନଙ୍କ ପାଇଁ ଦୁଃଖ ନଥାଏ ଓ ଶିକାର ନ ମିଳିଲେ ସେମାନଙ୍କ ପାଇଁ ଦୁଃଖ ମାଡ଼ି ଆସେ ବୋଲି ସେମାନେ ବିଶ୍ୱାସ କରନ୍ତି ।

ଶିକାର ଗୀତ ସେମାନଙ୍କ କୃଷି ଓ ପର୍ବ ପର୍ବାଣି ସହ ଯୋଗସୂତ୍ର ରକ୍ଷା କରିଥାଏ । ପର୍ବ ପାଳନ ପରେ ପାରିଧି କରିବାର ପରଂପରା ରହିଛି । କୃଷି ଅମଳ ପରେ ନୂଆ ଖିଆ ପାଇଁ ଶିକାର କରିବାର ପ୍ରଥା ରହିଛି । ତେଣୁ ଆଦିବାସୀ ସାମାଜିକ ଅନୁଷ୍ଠାନରେ ଶିକାର ଏକ ପାରଂପରିକ ଅଧ୍ୟାୟ । ଏହା ପାଇଁ ସ୍ୱତନ୍ତ୍ର ଗୀତ ଏଯାବତ୍ ଆଦିବାସୀ ସମାଜରେ ପ୍ରଚଳନ ଅଛି ।

କ :- ଶିକାର କରିବା ପୂର୍ବରୁ ଶିକାର ସରଞ୍ଜାମକୁ ପୂଜା କରିବାର ପାରଂପରିକ ବିଧାନ କୁଟିଆ କନ୍ଧ ଗୀତରୁ ସୁସ୍ପଷ୍ଟ ।

ଗୀତ - ରଏ ଡୁଡୁ ଗଡାଲି
ରାଏ ପାଲୁ ଗଡାଲି
.. .. ..
ବାଏ ଦାରୁ କେଲେନେ
ବାଏ ବାଦା କେଲେନେ ॥

ଅର୍ଥାତ :- କେଉଁ ପଶୁର ନାମ ଧରୁ ନାହୁଁ
ବାଘ କାନ ଦେଇ ଧନୁ ପୂଜା କରୁଛୁ
ଶର ଆମକୁ ଶିକାର ଦେବୁ ॥

ଖ :- ଶିକାର କରି ଯିବା ପୂର୍ବରୁ ଭାଇ ବନ୍ଧୁ କୁଟୁମ୍ବ ଏକତ୍ର ହୁଅନ୍ତି ଓ ଗୀତ ଗାନ କରନ୍ତି ।

ଗୀତ :- ବାହ୍ନୁନିଢ଼େ କଗାରା
ବାହ୍ନୁନିଢ଼େ ଲିକାରା
ଗସାଙ୍ଗା ବିଲୁ ଆହିସି
ସାବିଙ୍ଗା ବିଲୁ ଆହିସି
... ... ...
ଉଡୁକି ବିଲୁ ଆହିସି
ପେଟେକି ବିଲୁ ଅହିସି

ଅର୍ଥାତ :- ଆସ ଆସ ପିଲାମାନେ
କାକା ମାନେ ଭାଇ ମାନେ
ଧନୁ ତୀର ଧରି ଆସି ଦେଖ
ଗସାଙ୍ଗା ପାହାଡ଼ ସାବିଙ୍ଗା ପାହାଡ଼
ସେ ପଟେ କେତେ ଜନ୍ତୁ ।

ଗ :- ଶିକାର ଭଲ ମିଳିବା ପାଇଁ ନିର୍ଦ୍ଦିଷ୍ଟ ଦେବା ଦେବୀଙ୍କୁ ଆରାଧନା ପୂର୍ବକ ମନ୍ତ୍ରପାଠ ।

ଘ :- ଶିକାର କରି ଗଲାବେଳେ ଘରଣୀ ମାନେ ଦାଣ୍ଡ ପିଣ୍ଡାରେ ବସି ଗୀତ ଗାନ କରନ୍ତି । ସେ ଗୀତରେ ବାର୍ତ୍ତାଥାଏ ଯଦି ଶିକାର ନେଇ ଆସିବ ତେବେ ମର୍ଦ୍ଦ ପୁଅ ଓ ଯଦି ଶିକାର ନ ପାଅ ତେବେ ମାଇଚିଆ ।

ଶିକାର କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଏ ଓ କି କି ଯନ୍ତ୍ରପାତି ଆବଶ୍ୟକ ତାର ଉପଯୋଗ କିପରି ହୁଏ ତାର ବିଧିବଦ୍ଧ ଚିତ୍ର ପାଇଁ ସ୍ୱତନ୍ତ୍ର ଗୀତର ପରଂପରା ରହିଛି ।

ଶିକାର କରିବା ପୂର୍ବରୁ କେମିତି କୌଶଳ ଅବଲମ୍ବନ କରନ୍ତି ତାର ଚିତ୍ର ପାଇଁ ଆଦିବାସୀ ସମାଜର ସ୍ୱତନ୍ତ୍ର ଗୀତର ପ୍ରଚଳନ ଅଛି । ଗ୍ରାମବାସୀ ଏକତ୍ର ଶିକାର କରି ଗଲାବେଳେ ମନ ମତାଣିଆ ଗୀତ ଗାନ କରି ଯିବାର ପରଂପରା ରହିଛି । ଶିକାର ମିଳିଥିବା ମାଂସକୁ ଏକତ୍ର ରାନ୍ଧି ଖାଇବା ଓ ମଦ୍ୟ ପାନ ପରେ ନୃତ୍ୟ ଗୀତର ପରଂପରା ମଧ ରହିଛି ।

ଶିକାର ଗୀତକୁ ନିମ୍ନମତେ ଭାଗ କରାଯାଇ ପାରେ ।
କ - ଶିକାର ପୂର୍ବରୁ ଦିନଧାର୍ଯ୍ୟ ଓ ଆନନ୍ଦ ଅନୁଭବ
ଖ - ଶିକାର ଯନ୍ତ୍ରପାତି ପୂଜା ଓ ମନ୍ତ୍ର ପାଠ
ଗ - ଦେବା ଦେବୀ ପୂଜା ଓ ମନ୍ତ୍ର ପାଠ
ଘ - ଶିକାର କରି ଫେରିବା ବେଳର ଗୀତ
ଙ - ଭୋଜି ଖାତର ଗୀତ ।

**ପର୍ବ-ପର୍ବାଣି :-**

କନ୍ଧ ମାନଙ୍କର କୃଷି ଜାତ ଓ ଜଙ୍ଗଲ ଜାତ ଫଳର ଉତ୍ପାଦନ ଉପରେ କେତେକ ପର୍ବ-ପର୍ବାଣି ନିର୍ଭର କରେ । ଫସଲ ବୁଣା ବେଳରୁ ଫସଲ ଅମଳ ଯାଏ ବିଭିନ୍ନ ପର୍ବାଣି କରାଯାଏ । ଏହାଛଡ଼ା ନିଜର ତଥା ପରିବାରର ଓ ଗୃହ ପାଳିତ ପଶୁ ପକ୍ଷୀ ମାନଙ୍କ ନିରାପଦା ପାଇଁ ଆଧାତ୍ମିକ ଅନୁଷ୍ଠାନରେ ଦେବା ଦେବୀଙ୍କୁ ଆରାଧନା କରାଯାଏ ।

ମେରିଆ ପର୍ବରେ ଧରଣୀ ଦେବୀଙ୍କୁ ପୂଜା ବେଳାର ଗୀତ ଓ ମେରିଆ ଗଣ୍ଡି ହାଣିବା ବେଳର ଯାନିର ମନ୍ତ୍ରତନ୍ତ୍ର ସେମାନଙ୍କ ପାରଂପରିକ ସୂତ୍ର ଛଡ଼ା କିଛି ନୁହେଁ ।

ମେରିଆ ପର୍ବ ପାଳନର ବିଧି ଓ ଶୃଙ୍ଖଳା ସେଇ ପର୍ବ ପାଇଁ ଉଦ୍ଦିଷ୍ଟ ଗୀତ ଓ ମନ୍ତ୍ରରୁ ଉପଲବଧ ହୁଏ ।

ଗୀତ :- ଶାରୀ ଶାରୀ ଶାରୀ ମିଲ
ଜୁଡ଼ି ଜୁଡ଼ି ଜୁଡ଼ି ଲୋ
ମାଇ ବାଂଗା ଡିତାକା
ମାଇ ନେଲା ଡ଼ିତାକା
ଟକି ଡିଇ ମାଟାକା
ବନ୍ଧି ଡିଇ ମାଚାକା
ବାଂଗାଡ଼ି ମାଚାକା
ନେଲାଡ଼ି ମାଚାକା

ଅର୍ଥାତ - ସାଂଗ ଆସ ଆସ
ସାଥୀ କାନ ଦେଇ ଶୁଣ
ମାଟି ମାଆ କାନ୍ଦୁଛି
ମେରିଆ ଦେବୀ (ଖୁଣ୍ଟ) କାନ୍ଦୁଛି
ଗାଁ ପଦର ବିଲ କାନ୍ଦୁଛି
ମଇଁଷି ବଳି ପାଇଁ ମାଆ କାନ୍ଦୁଛି
ସମସ୍ତେ କାନ୍ଦୁଛନ୍ତି ।

ଏହି ପର୍ବର ମନ୍ତ୍ରତନ୍ତ୍ର ମୁତାବକ ମେରିଆ ଖୁଣ୍ଟି ହାଣିବାଠାରୁ ଯାନିର ବଳି ପୂଜା ପର୍ଯ୍ୟନ୍ତ ମନ୍ତ୍ର ଜପର ପରଂପରା ରହିଛି ।

"ମାଇଶିରେ ବାଙ୍ଗାତା
ମାଇ ଖଣ୍ଡେ ବାଙ୍ଗାତା
ମାଇ ସର୍ଗି ମୁଣ୍ଡାଡ଼େ
ମାଇ ମାଦି ମୁଣ୍ଡାଡ଼େ ॥

ଗାଁ ପଦରରେ ଥିବା ସର୍ଗିମୁଣ୍ଡା ଗଛକୁ କୁହାଯାଉଛି, ମେରିଆ ଖୁଣ୍ଟ ପାଇଁ ତତେ ଆମେ ହାଣିବୁ । କୁଟିଆ କନ୍ଧମାନଙ୍କର ଡେଡ଼ି ଉସିନା ଗାଣି ବା ଠାକୁରାଣୀ ପୂଜା ଗୀତ, ବିଚାଗାଣି ବା ଫସଲ ଗୀତ, ସେଢ଼ି ଗାଣି ବା ବିବାହ ଗୀତ, ଲକ୍ଷ୍ମୀପୁର ଅଞ୍ଚଳର ଦେଶିଆ କନ୍ଧ ମାନଙ୍କର ବିହା ପାଟ୍, ଡଂଗରିଆ କନ୍ଧମାନଙ୍କ ହେଡ଼ି ପାଣକୁ ବା ବିବାହ ଗୀତ ଗୁଡ଼ିକ ପର୍ବ ପର୍ବାଣି ଅନ୍ତର୍ଗତ ।

ନବଜାତ ଶିଶୁର ନାମକରଣ ଓ ଝିଅର ନାକ କାନ ଫୋଡ଼ାଠାରୁ ଆରମ୍ଭ କରି ସମାଜର ସବୁ ଚକଣିକୁ ସର୍ଶ କରିବା ପ୍ରଣାଳୀ ହିଁ କନ୍ଧ ସଂଗୀତର ସ୍ୱତନ୍ତ୍ରତା । ବିବାହ ପରଂପରା ଅନେକ ମାର୍ଗରେ ଅନୁଷ୍ଠିତ ହୁଏ । ଯଥା- ବୈଦିକ ବା ପ୍ରସ୍ତାବିତ ବିବାହ, ଝିଙ୍କା ବିବାହ, ଉଲପାଇ ବିବାହ ଇତ୍ୟାଦି । ବରକନ୍ୟା ଦେଖା ଦେଖି ହେବାଠାରୁ ଆରମ୍ଭ କରି ବିବାହ ଯାଏଁ ସଂଗୀତର ନିର୍ଦ୍ଦିଷ୍ଟ ପରିପାଟୀ ଥାଏ । ବିବାହ ଉପରାନ୍ତ କନ୍ୟା ଶାଶୁ ଘରକୁ ଗଲାବେଳେ ଲକ୍ଷ୍ମୀପୁରର ଦେଶିଆ କନ୍ଧମାନଙ୍କ ଗୀତ ବାସ୍ତବିକ ପ୍ରାଣବନ୍ତ ।

''ପିଦାନି ଇଜଟି ଜେଟିନାୟାଁ
ଗୁଡ଼େ କାଲମେ ଉସଗାମେ
ଅକାଲି ହଡ଼ ରୁସ ହୁସ ଓ
ଆଂରୋଣି ହଡ଼ି ରୁମୁ ଜମୁ ଓ ।''

ଅର୍ଥାତ : " ସଂସାର କାଜ କାଜ ପାଇଁ
... ... ... ...
ବସିବା ସ୍ଥାନରେ ମନେ ପକାଇବୁ
ଶୋଇବା ସ୍ଥାନରେ ମନେ ପକାଇବୁ । "

କନ୍ଧ ଧାଂଗିଡ଼ି ମାନେ ଧାଂଗିଡ଼ି ଶାଳରେ ଏକତ୍ର ରାତ୍ରିଯାପନ କରନ୍ତି । ସାଂଗମାନେ ଝିଅକୁ କହୁଛନ୍ତି ଆମ ସାଙ୍ଗରେ ଏକତ୍ର ଥିଲୁ,ଏକତ୍ର ଖାଉଥିଲୁ, ଶୋଉଥିଲୁ । ଡ଼ଂଗରିଆ କନ୍ଧ ବିବାହରେ ନୃତ୍ୟ ଗୀତ ପାଇଁ ଉଦ୍ଦିଷ୍ଟ ଗୀତଟିଏ ଏଠାରେ ଉଲ୍ଲେଖ କରାଗଲା ।

ମାରଦେ ମାଲ ଆଦେମା ବାଡ଼ାରେ
ମାରଦେ ମାଲ ଗୟାମା ବାଡ଼ାରେ
ଇଦିଆ ଅନା ଦଣ୍ଡୁଲ ଆଦେଲ
ଇଦିଆ ଆନା କୋଟଲ ଆଦେଲ

ଅର୍ଥାତ :- " ହେ ସାଂଗ ହେ ସାଥୀ
ଏକଣ ଚାଲିଛି
ଏକି ଦଣ୍ଡ ବିଆ ଚାଲିଛି
ଆଉ ନାଚି ପାରିବୁ ନାହିଁ । "

ଆଉ ଗୋଟିଏ ଗୀତରେ ବର ସାଜସଜ୍ଜା ହୋଇ ଆସିବାର କଥା ଅସ୍ପଷ୍ଟ ଭାବେ ପ୍ରକାଶ ପାଏ ।

''ମାଉଷୁର ଆନାଲା ଆଦେଲ
ମା ଉଷୁର କୋଟଲ ଅଦେଲ
କହେଁ ଶିଷଣି ଆନାଲ ଆଦେଲ
କହେଁ ବସଣି ଅନାଲ ଆଦେଲ
ଜେରଲ ସାଇବ ମେଢ଼୍
ଜେରଲ ରାଜାର ମେଢ଼'' ।

**ସାମୂହିକ ଆନନ୍ଦଚର୍ଯ୍ୟା :-**

କନ୍ଧ ସମାଜରେ ଏହି ପର୍ଯ୍ୟାୟଟି ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପର୍ଯ୍ୟାୟର ଗୀତ ଗୁଡ଼ିକର ଦୁଇଟି ଦିଗ ଅଛି । ପ୍ରଥମଟି ହେଲା କର୍ମକ୍ଳାନ୍ତ ଜୀବନକୁ ମଧୁମୟ କରିବା ପାଇଁ ଗୀତ ଗାଇବା, ଏବଂ ଦ୍ୱିତୀୟଟି ହେଲା ଥଟ୍ଟା, ପରିହାସ, ଇଂଗିତ ଓ ପ୍ରେମ ମୂଳକ ।

ସାମୂହିକ ଆନନ୍ଦଚର୍ଯ୍ୟାରେ ଧାଂଗଡ଼ି ମାନଙ୍କ ନୃତ୍ୟ ଗୀତ ଅତି ଆନନ୍ଦଦାୟକ । ପ୍ରତ୍ୟେକ କନ୍ଧ ବସ୍ତିରେ ଧାଂଗଡ଼ା ଧାଂଗିଡ଼ି ଶାଳ ଥାଏ । ସେଇ ଘରେ ଧାଂଗଡ଼ା-ଧାଂଗିଡ଼ି ଏକତ୍ର ହୁଅନ୍ତି । ସେଠାରେ ଗୀତ-ବାଦ୍ୟ-ନୃତ୍ୟ-ତର୍କ-ଛନ୍ଦ ଅନୁଷ୍ଠିତ ହୁଏ । ଜୀବନର ଚରମ ଶାନ୍ତି ଉପଲବ୍ଧ କରିବା ଏପ୍ରକାର ସମାବେଶର ତାତ୍ପର୍ଯ୍ୟ । ନିଷ୍କପଟ ସ୍ନେହ

ଓ ଅଜସ୍ର ଆନ୍ତରିକତାରେ ସେମାନେ ଆଖିସହ ଆଖି ମିଳାନ୍ତି ଆଉ ମନ ସହ ମନ, ହୃଦୟ ସହ ହୃଦୟ ମିଶାଇ ଜୀବନ ସାଥୀ ନିର୍ବାଚନ କରନ୍ତି । ଧାଂଗଡ଼ା ଧାଂଗଡ଼ିଙ୍କର ଅବାଧ ମିଳା ମିଶାକୁ କନ୍ଧ ସମାଜ ସ୍ୱୀକୃତି ଦେଇଛି । ଏଇ ପର୍ଯ୍ୟାୟର ଗୀତଗୁଡ଼ିକ ଧାଙ୍ଗଡ଼ା-ଧାଂଗଡ଼ିଙ୍କର ... ହେଲା ବ୍ୟକ୍ତିଗତ ସ୍ୱାଧୀନତା । ଧାଂଗିଡ଼ି ଗୀତ ପଦେ ଗାଇଲେ ଧାଂଗଡ଼ା ହୃଦୟରେ ତାହା ଗୁଂଜରିତ ହୁଏ । ଏ ବସ୍ତିର ଧାଂଗଡ଼ା ବଇଁଶିର ଆଳାପ ତୋଳିଲେ ଆର ବସ୍ତିର ଧାଂଗିଡ଼ିର ନିଦ ଭାଙ୍ଗିଯାଏ । ବଣ ପାହାଡ଼ ଘେରା ନିଘଞ୍ଚ ଜଙ୍ଗଲ ଅତିକ୍ରମ କରି ଧାଂଗଡ଼ା ଧାଂଗିଡ଼ି ଏକତ୍ର ହୁଅନ୍ତି । ଆରମ୍ଭ ହୁଏ ଗୀତ, ବାଦ୍ୟ, ନୃତ୍ୟର ଆସର । ଧାଂଗିଡ଼ି-ଧାଂଗଡ଼ା ପାଖେ ଅଭିମାନ କରେ । ଅନ୍ୟ ପ୍ରତି ଜୀବନ ଉତ୍ସର୍ଗ କରିବାର ସକଳ ଆକାଙ୍‌କ୍ଷା ଓ ଅଭୀପ୍‌ସା ବୋଧ ଗୀତ ମାଧମରେ ପ୍ରକାଶ ପାଏ ।

''ନାଇ ଜିଉ ତାନିଲା ନାଇ ପରାଣ ତାନି
ରୋହା ପାନ ବିଷିତେନୁ
ନାଇ ଯେ ଡ଼ାତାନି
ଯେଡ଼ାକାତା ଉସେକା ପୁନା ସିଡ଼ାତେନୁ
ଯେଡ଼ାକତା ଆଡ଼େକା ସଇନେ ଆଃତେନୁ ।''

ଅର୍ଥାତ : ମୋ ଜୀବନରେ ଶାନ୍ତି ନାହିଁ ସୁଖ ନାହିଁ
ପ୍ରେମ କଥା ଜାଣି ନ ଥିଲି
ସେକଥା ପଡ଼ିଲେ ରାସ୍ତୁ ଥିଲି ।

ଧାଙ୍ଗଡ଼ା ବୁଝାଇ ଦିଏ :-
କାଲି କାଲି ଡ଼ାଇ ସାଂଜା ମାନାତି
ଅଲାନାଇ ଜେଡ଼ାରା ଜାଲି
ଆବା କୁନା ସୁ ବିକାଲି
ନାଇ ଜେଡ଼ାରା ଜାଲି ।

ଅର୍ଥାତ୍ : ତୋ ମୁଗୁନି ପ୍ରସ୍ତର ଦେହ ଖୁବ୍ ସୁନ୍ଦର
ମୋର ଜନ୍ମ ଜନ୍ମାନ୍ତର ତୁ
ତୋ ପାଇଁ ମୁଁ ସବୁ ଭୁଲିବି ।

ଉପର ଗୀତ ଦୁଇଟିରେ ସାମାଜିକତାର ଆଦାନ-ପ୍ରଦାନ ଘଟିଛି । ସ୍ନେହ, ପ୍ରେମ ସବୁ ଏଠି ଠୁଳ ହୋଇଛି । ଏହା ଦେଶିଆ କନ୍ଧ ମାନଙ୍କ ସାଂସ୍କୃତିକ ଦିଗକୁ ଯଥା ସ୍ଥାନ ଦେଇଛି । କୁଟିଆ କନ୍ଧ ସମାଜରେ ଓ ଗୀତରେ ପ୍ରେମ ମାଦକତାର ଅନ୍ତ ନାହିଁ । ଏମାନଙ୍କଠାରେ ବାତ୍ସାୟନ ଚିହ୍ନା ନୁହନ୍ତି । ଫ୍ରଏଡ଼ଙ୍କୁ ଏମାନେ ଦେଖି ନାହାନ୍ତି, ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କବିତା ପଢ଼ି ନାହାନ୍ତି । ମାତ୍ର ଭାବ ଓ ରସ ଦୃଷ୍ଟିରୁ ବିଚାର କଲେ ସେମାନଙ୍କ ପ୍ରେମ ନିର୍ଯ୍ୟାସରେ ମାନବିକତା ଅନ୍ୟତମ ବ୍ୟାପାର ଭଳି ମନେ ହୁଏ ।

ବନ୍ଧୁ ଗ୍ରାମ ଓ ଧାଂଗିଡ଼ି ପାଖରୁ ବିଦାୟ ନେଇ ଗଲା ବେଳେ ଧାଂଗଡ଼ା ଧାଂଗିଡ଼ିକୁ ଶପଥ କରାଇ ଯାଉଛି ମନେ ରଖିବୁ :

''ଆନୁ ସାଙ୍ଗି ମାଇଁଦେ
ଆନୁ ରେଡ଼ି ମାଇଦେ
ନାଇ ମିଲାଣି ମେକାନା
ମାନମୁ ମିଚୁ ମାନମୁ ରାଣୀ ।''

ଅର୍ଥାତ : ''ମୁଁ ଆମ ଗାଁକୁ ଯାଉଛି,
ମୋତେ ବିଶ୍ରାମ ଦେଇ ନାହିଁ
କେତେ ବା ନାଚି ଥାନ୍ତି
ଏକଥା ଭୁଲିବି ନାହିଁ
ଭୁଲିବୁ ନାହିଁ ସାଂଗ
ବିଦାୟ ସାଂଗ ବିଦାୟ ରାଣୀ ।''

ଅନ୍ୟ ଏକ ଗୀତରେ ଧାଂଗିଡ଼ି ଇଂଗିତ କରେ ଧାଂଗଡ଼ାକୁ ପ୍ରତୀକ ଧର୍ମୀ ଭାବେ :-

''ଇନାକଲା ପିଅଲା ମିଚୁ
ଇନାକିଲା କଡ଼ଲା ମିଚୁ
''ଇନାକାଲା ପିଅଲା ମିଚୁ
ଅଗେଲ ପିଡ଼ ଡ଼ତାନ୍ଦି ମିଚୁ
ଅବଲ କନ୍ଦ ଡ଼ତାନ୍ଦି ମିଚୁ ।''

ଅର୍ଥାତ : ହେ ଚଢ଼େଇ କାହିଁକି କାନ୍ଦୁଛ
କଣ ହୋଇଛି କହୁ ନାହୁଁ
ମୋ ଆଗକୁ ଚାହୁଁଛୁ ପଛକୁ ଚାହୁଁଛୁ

ଡଂଗରିଆ କନ୍ଧ ମାନଙ୍କର ସଂଗୀତରେ ପର୍ଯ୍ୟାପ୍ତ ପରିମାଣରେ ଆବେଗ ଥାଏ । ଏତଦ୍ ବ୍ୟତୀତ କନ୍ଧ ମାନଙ୍କର ଗୀତକୁ ଆଉ ଗୋଟିଏ ପର୍ଯ୍ୟାୟଭୁକ୍ତ କରାଯାଇ ପାରେ, ତାହା ହେଲା ସାମାଜିକ ଶୃଙ୍ଖଳା ।

ଉଦାହରଣ :- ''ଜେଇ ବାଇ ହାରାରେ ପିପଡ଼
ଆର୍ଗୁନାଡ଼ା ପିପଡ଼
ଆର୍ଗୁନାଡ଼ା ପିପଡ଼
ଗରେହୁନା କିଆନେ ।''

ଅର୍ଥାତ୍ : ''ଦେଖ ସାଙ୍ଗ ଅଶ୍ୱତ୍ଥ ପତ୍ର ପରି ମଦପାନ କରି ଥରୁଛ
ଦେଖ ସାଙ୍ଗ ମଦପାନ କରି ତୁମେ ତୁମ ଚେତା ହରାଉଛ
ଶୁଆ ପରି ଗୀତ ଗାଅ, ଘର ଖାଲି କର ନାହିଁ ।''

ସମାଜ ଓ ବ୍ୟକ୍ତି ପାଇଁ ଏହା ଦିଗ୍ ଦର୍ଶନ ଛଡ଼ା କିଛି ନୁହେଁ । ଏହା ମଧ୍ଯ ଆଧୁନିକ ଶାସ୍ତ୍ରୀୟ ସୃଜନ ପାଇଁ, ଶିକ୍ଷାଛଡ଼ା କିଛି ନୁହେଁ । କନ୍ଧ ଜନଜାତି ସଚେତନ। ଏ ଜୀବନ କ୍ଷଣସ୍ଥାୟୀ । ତେଣୁ ଆନନ୍ଦ ଉଲ୍ଲାସରେ ଜୀବନକୁ ଉପଭୋଗ କରିବାକୁ ଗୀତ ମାଧ୍ୟମରେ ଆସେ ଉଦବୋଧନ ।

''ଯେଇଇ ଆଦେନିମା ହାରାରେ
ସୁରୁଜ ବେଡ଼ାୟିମା ସରିଡ଼େ
ଯେଇଲ ବାଜିଲା କେୟାଁରେ
ସୁରୁଜ ବେଡ଼ାୟିମା ସରିଡ଼େ ।''

ଅର୍ଥାତ୍ : ''ହେ ସାଙ୍ଗ ଆସ ନାଚ ଗୀତ କରିବା
ସୂରୁଜ ବୁଡ଼ି ଯିବା ପୂର୍ବରୁ ତାହା ଆମେ ଶେଷ କରିଦେବା
ଫୁଟିଲା ଫୁଲ ପରି ଆମ ଜୀବନ
ଫୁଟିଲା ଖଇ ପରି ଆମ ଯୌବନ
ନାଚ ଗୀତ କରିବା ସୂରୁଜ ବୁଡ଼ିବା ପୂର୍ବରୁ
ଆମେ ତାହା ଶେଷ କରି ଦେବା ।''

♦♦♦

## (୩)
## କନ୍ଧ ସଂଗୀତର ସ୍ୱରଲିପି

ଭାରତୀୟ ଶାସ୍ତ୍ରୀୟ ସଂଗୀତରେ ତିନିଗୋଟି ପଦ୍ଧତି ଅଛି । ଯଥା :- ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ, କର୍ଣ୍ଣାଟକୀ ଶାସ୍ତ୍ରୀୟ ସଂଗୀତ ଓ ଉତ୍କଳ ଶାସ୍ତ୍ରୀୟ ସଂଗୀତ । ଏ ତିନି ପଦ୍ଧତିର କ୍ରିୟାତ୍ମକ କ୍ଷେତ୍ରରେ ନିଜ ନିଜର ମୌଳିକତା ପରିଦୃଷ୍ଟ ହୋଇଥାଏ । ସେହିପରି ଆଦିବାସୀ ମାନଙ୍କର ଭିନ୍ନ ଭିନ୍ନ ସଂପ୍ରଦାୟ ଯଥା:- କନ୍ଧ, ଜୁଆଂଗ, ସାନ୍ତାଳ, ବଣ୍ଡା, ଗଦବା, ମାଙ୍କିଡ଼ିଆ ମାନଙ୍କ ସଂଗୀତର କ୍ରିୟାତ୍ମକ କ୍ଷେତ୍ରରେ ନିଜ ନିଜ ମୌଳିକତା ପରିଦୃଷ୍ଟ ହୁଏ । ଶାସ୍ତ୍ରୀୟ, ଉପଶାସ୍ତ୍ରୀୟ, ଆଧୁନିକ ବା ଆଦିବାସୀ, ଯେ କୌଣସି ସଂଗୀତ ହେଉନା କାହିଁକି ସ୍ୱର, ଲୟ, ତାଳ, ପଦ ଇତ୍ୟାଦି ଏଗୁଡ଼ିକର ଅନିର୍ବାଯ୍ୟ ଅଙ୍ଗ ।

ଶାସ୍ତ୍ରୀୟ ସଂଗୀତ, ଉପଶାସ୍ତ୍ରୀୟ ସଂଗୀତ, ଲଘୁ ସଂଗୀତ, ବ୍ୟବସାୟିକ ସଂଗୀତ, ଲୋକ ସଂଗୀତ ତଥା ଆଦିବାସୀ ସଂଗୀତ, ଏ ସମସ୍ତ ସଂଗୀତ ମଧ୍ୟରେ ମାର୍ଜିତ ଓ ବ୍ୟାକରଣ ସମ୍ମତ ସଂଗୀତ ହେଉଛି ଶାସ୍ତ୍ରୀୟ ସଂଗୀତ ଏବଂ ଏ ପ୍ରକାର ସମସ୍ତ ସଂଗୀତ ମଧ୍ୟରେ ପ୍ରାଚୀନ ହେଉଛି ଆଦିବାସୀ ସଂଗୀତ । ଉପରୋକ୍ତ ସମସ୍ତ ପ୍ରକାରର ସଂଗୀତ ମଧ୍ୟରେ ନିମ୍ନଲିଖିତ ତିନି ପ୍ରକାରର ସଂଗୀତ ହେଉଛି ମୁଖ୍ୟ ।

କ) ଆଦିବାସୀ ସଂଗୀତ
ଖ) ଲୋକ ସଂଗୀତ
ଗ) ଶାସ୍ତ୍ରୀୟ ସଂଗୀତ

ଏଇ ଆଦିବାସୀ ସଂଗୀତ ହିଁ ଲୋକ ସଂଗୀତ ସୃଷ୍ଟି କ୍ଷେତ୍ରରେ ବହୁ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । କାଳକ୍ରମେ ଏହି ଲୋକ ସଂଗୀତ ଏବଂ ଆଦିବାସୀ ସଂଗୀତର ବହୁ ଉପାଦାନକୁ ଆହରଣ କରି ଶାସ୍ତ୍ରୀୟ ସଂଗୀତର ଉଦ୍ଭବ ହୋଇଛି । ଆଜିର ଶାସ୍ତ୍ରୀୟ ସଂଗୀତ ଯେତେ ଶୀର୍ଷରେ ଥିଲେ ମଧ ତାର ଉପୂରିସ୍ଥଳ ନିଶ୍ଚିତ ଭାବରେ ହେଉଛି ଆଦିବାସୀ ସଂଗୀତ । ଆଜିର ଶାସ୍ତ୍ରୀୟ ସଂଗୀତରେ ଆଦିବାସୀ ସଂଗୀତର ସମସ୍ତ ଉପାଦାନ ଭରପୂର ହୋଇ ରହିଅଛି । ଯାହାର ପ୍ରମାଣ ଆମର ପ୍ରକଳ୍ପ ମଧରେ ସଂଗୃହିତ ଓ ସନ୍ନିବେଶିତ ହୋଇଥିବା କେତୋଟି କନ୍ଧ ଗୀତର ସ୍ୱର ଲିପିରୁ ପର୍ଯ୍ୟାପ୍ତ ପରିମାଣରେ ଉପଲବଧ ହୋଇ ପାରିବ ।

ନିମ୍ନ ଲିଖିତ କନ୍ଧ ଗୀତର ସ୍ୱରାବଳୀ ଭାରତୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ପଦ୍ଧତି ମାଧମରେ ପ୍ରସ୍ତୁତ କରାଯାଇଛି, ଯେଉଁ ପଦ୍ଧତିର ଆବିଷ୍କାରକ ହେଉଛନ୍ତି ବିଷ୍ଣୁ ନାରାୟଣ ଭାତଖଣ୍ଡେ ।

୧) ସ୍ୱର ମାନଙ୍କ ନିମ୍ନରେ ବଂଧନୀ ନ ଥିଲେ ତାହା ଏକ ମାତ୍ରା ବୁଝାଯିବ । ଯଥା :- ସା, ରେ, ଗା, ମା, ଏଠାରେ ଚାରିଟି ସ୍ୱର ପ୍ରତ୍ୟେକ ଏକ ଏକ ମାତ୍ରା ବୁଝାଯିବ ।

୨) ଏକାଧିକ ସ୍ୱର ଗୁଡ଼ିକର ନିମ୍ନରେ ବଂଧନୀ ଥିଲେ ବଂଧନୀ ଅନ୍ତର୍ଭୁକ୍ତ ସ୍ୱର ଗୁଡ଼ିକ ଏକ ମାତ୍ରା ମଧରେ ସମାବିଷ୍ଟ ହେବ ।

ଯଥା :- କ) ସାରେ - ଏଠାରେ ଦୁଇଗୋଟି ସ୍ୱର ଏକ ମାତ୍ରା

ଖ) ସାରେଗା - ଏଠାରେ ତିନିଗୋଟି ସ୍ୱର ଏକ ମାତ୍ରା

ଗ) ସାରେଗାମା- ଏଠାରେ ଚାରିଗୋଟି ସ୍ୱର ଏକ ମାତ୍ରା

୩) ଦୁଇଟି ସ୍ୱରର ଉର୍ଦ୍ଧ୍ୱରେ ଅର୍ଦ୍ଧ ବଂଧନୀ ଥିଲେ ତାହା ମିଣ୍ଡ୍ ର ପ୍ରୟୋଗ ବୋଲି ବୁଝାଯିବ ।
ଯଥା :- ସା ମା, ମା ସା
ସା ସ୍ୱରରୁ ମା ସ୍ୱରକୁ ଯିବା ଏବଂ ମା ସ୍ୱରରୁ ସା ସ୍ୱରକୁ ଆସିବାର କୌଶଳ ଏହି ମିଣ୍ଡ୍ ମାଧମରେ ଗାୟନ କରାଯାଏ ।

୪) ସ୍ୱର ଗୁଡ଼ିକର ନିମ୍ନରେ (.) ବିନ୍ଦୁ ଥିଲେ ତାହାକୁ ମନ୍ଦ୍ର ସପ୍ତକ କୁହାଯାଏ ।
ଯଥା :- ନି, ଧା, ପା, ମା, ଗା, ରେ,

୫) ସ୍ୱର ଗୁଡ଼ିକର ଉର୍ଦ୍ଧ୍ୱରେ (.) ବିନ୍ଦୁ ଥିଲେ ତାହାକୁ ତାର ସପ୍ତକ କୁହାଯାଏ ।
ଯଥା :- ସା, ରେ, ଗା, ମା, ପା, ଧା, ନି, ଇତ୍ୟାଦି ।

୬) ସ୍ୱର ଗୁଡ଼ିକର ନିମ୍ନରେ ବା ଉର୍ଦ୍ଧ୍ୱରେ (.) ବିନ୍ଦୁ ନ ଥିଲେ ତାହା ମଧ ସପ୍ତକ ବୋଲି କୁହାଯାଏ ।
ଯଥା :- ସା, ରେ, ଗା, ମା, ପା, ଧା, ନି ।

୭) ସ୍ୱରମାନଙ୍କ ନିମ୍ନରେ (-) ଗାର ଚିହ୍ନ ଥିଲେ ତାହା କୋମଳ ସ୍ୱର ଭାବେ ବୁଝାଯିବ ଯଥା :- ରେ, ଗା, ଧା, ନି ।

୮) ମା ସ୍ୱର ଉପରେ ପୂର୍ଣ୍ଣଛେଦ ଚିହ୍ନ ଥିଲେ ତାହା ତୀବ୍ର ମଧମକୁ ବୁଝାଏ । ଯଥା :- ମା
ଏଠାରେ କନ୍ଧ ମାନଙ୍କର କେତୋଟି ଗୀତର ସ୍ୱରଲିପି ପ୍ରଦାନ କରାଗଲା ।

ଗୀତ ନଂ-୧- ବିଚା ଗାଣି ବା ଫସଲ ଗୀତ

ମୂଳଗୀତ- ପିନ୍ଧୁରେପି ମାଂଜାନେ
ଡୁଣ୍ଡୁର ରେପି ମାଂଜାନେ

ଆଲ୍ଲାରାଣୀ ନାଡୁରେ
ଆଲ୍ଲାବେନ୍ଦି ନାଡୁରେ
ଇସିକି ଇଦାଂଗା ମାଂଜିନା
ଇସିକି ସୁସୁକା ମାଂଜିନା
ଇନୁ ବାଃ ଆଡ଼େ ବେଟାକା
ଇନୁ ବାଃ ଆଡ଼େ ପ୍ଲାମ୍ବୁକା
ବାମୁମୁଟି ସାପ ବାସୁ
ବାମୁ ଗ୍ରଲି ସାପବାମୁ ।

ସ୍ୱରଲିପି :-

| | | | | | | |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ ୮ |
| ମା | ମାପା | ମା | ସାଂ | ମା | ସାଂସାଂ | ମା - |
| ପି | କୁ | ରେ | ପି | ମାଂ | ଭାଽ | ନେଽ |
| ମାମା | ରେଂ | ସାଂ | ମା | ମା | ସାଂସାଂ | ମା - |
| କୁକୁ | ରୁ | ରେ | ପି | ମାଂ | ଭାଽ | ନେଽ |

ଏହି ଗୀତ ଦୁଇ ପାଦରେ ଏକ ପଦ ହୋଇଛି ଏବଂ ଏହି ଗୀତରେ ଅନ୍ତରା ପଦ ନାହିଁ । ମୋଟ ଚାରୋଟି ସ୍ୱର ଯଥା :- ମା, ପା, ସାଂ, ରେଂ, ସ୍ୱର ସଂଗତିରେ ପ୍ରସ୍ତୁତ ଏବଂ ସମସ୍ତ ସ୍ୱର ଶୁଦ୍ଧ ଅଟେ । ୮ ମାତ୍ରା ତାଳ ଏଥିରେ ବିନିଯୋଗ ହୋଇଛି ।

ଗୀତ ନଂ-୩- ବେଟା ଗାଣି ବା ଶିକାର ଗୀତ

ମୂଳଗୀତ- ସାରେଲେ ମାଲେ ସାରେଲେ
କୁଡ଼େଲେ ମାଲେ କୁଡ଼େଲେ
ବାହ୍ନିଡ଼େ କଗାରା
ବାହ୍ନିଡ଼େ ଲିକାରା
ବାହ୍ନିଡ଼େ ତଦା
ବାହ୍ନିଡ଼େ କୋକୁ
ଗସାଂଗା ବିଲୁ ଆହିସି
ସାବିଙ୍ଗା ବିଲୁ ଆହିସି ।

ସ୍ୱରଲିପି-

| | | | | | | | |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାମା, | ମାପା | ମା | ସାଂ | ମାପା | ମାସାଂ | ସାଂ | ସାଂ |
| ସାରେ | ଲେଽ | | ମାଲେ | ସାରେ | ଽଽ | ଲେ | ଽ |
| ରେଂସାଂ | ରେଂ | ସାଂ | ମା | ମାପା | ମାସାଂ | ସାଂ | ସାଂ |
| କୁଢ଼େ | ଲେ | | ମାଲେ | କୁଢ଼େ | ଽଽ | ଲେ | ଽ |

ଏହି ଗୀତ ସାତ ପଦ ବିଶିଷ୍ଟ ଏବଂ ଦୁଇ ପାଦରେ ଏକ ପଦ ହୁଏ । ଗୀତଟି ଆଠ ମାତ୍ରା ବିଶିଷ୍ଟ ଏବଂ ମୋଟ ପାଞ୍ଚଗୋଟି ଶୁଦ୍ଧ ସ୍ୱର ପ୍ରୟୋଗ ହୋଇଛି । ସା ସ୍ୱରରୁ ମା ସ୍ୱରକୁ ତଥା ମା ସ୍ୱରରୁ ସା ସ୍ୱରକୁ ଆରୋହଣ ଓ ଅବରୋହଣ ମିଡ୍ ମାଧ୍ୟମରେ ସ୍ୱରଲିପିରେ ଦେଖାଇ ଦିଆଯାଇ ଅଛି ।

ଗୀତ ନଂ - ୮

ମୂଳଗୀତ :- ମାରଦେ ମାଲୋ ଆଦେମା ବାଡ଼ାରେ
ମାରଦେ ମାଲୋ ଗାୟାମା ବାଡ଼ାରେ ।।
ଇଦିଆ ମାସେ ଦଣ୍ଡଲ ଆଦେଲ
ଇଦିଆ ମାସେ କୋଟଲ ଆଦେଲ ।।
ଇଦିଆନା କୋଟଲ ଆଦେଲ
ଇଦିଆନା ଦଣ୍ଡଲ ଆଦେଲ ।।
ମା ପାପା ଗଡ଼େଲ ଆଦେଲ
ମା ଉଷୂରୁ ଲେଗେଲ ଆଦେଲ ।।
ଗାଟି ସଦର ସାଗେଲ ଆଦେଲ
ଗାଟି ସଦର ଲେଗେଲ ଆଦେଲ ।।

ସ୍ୱରଲିପି :-

| | | | | | | | | | |
|---|---|---|---|---|---|---|---|---|---|
| ୧ | ୨ | ୩ ୪ | ୫ ୬ | ୭ | ୮ ୯ | ୧୦ | ୧୧ | ୧୨ | ୧୩ |
| ସାଂ | ରେଂ | ସାଂନି | ସାଂନି | ପା | ସାଂସାଂ | ସାଂ | ରେଂ | ଗାଂ | ରେଂ |
| ମା | ର | ଦେମା | ଲୋऽ | ଆ | ଦେମା | ବା | ଡ଼ା | ऽ | ରେ |
| ୧ | ୨ | ୩ ୪ | ୫ ୬ | ୭ | ୮ ୯ | ୧୦ | ୧୧ | ୧୨ | ୧୩ |
| ସାଂ | ରେଂ | ସାଂନି | ସାଂନି | ପା | ସାଂ ସାଂ | ସାଂ | ସାଂ | ସାଂ | - |
| ମା | ର | ଦେମା | ଲୋऽ | ଗ | ୟା ମା | ବା | ଡ଼ା | ରେ | ऽ |

ଏହି ଗୀତଟିରେ ମୋଟ ପାଞ୍ଚ ପଦ ସନ୍ନିବେଶିତ ହୋଇଛି ଓ ଦୁଇ ପାଦରେ ଏକ ପଦ ହୋଇଛି । ଅନ୍ତରାପଦ ନାହିଁ । ଏହା ୧୩ ମାତ୍ରା ବିଶିଷ୍ଟ ଏବଂ ଗା ଓ ନି ସ୍ୱର କୋମଳ ଅଟେ । ଏହି ସଂଗୀତରେ ୧୩ ମାତ୍ରା ବିଶିଷ୍ଟ ତାଳ ସୃଷ୍ଟି ଡଂଗରିଆ କନ୍ଧ ମାନଙ୍କ ସଂଗୀତରେ ଏକ ବିଶେଷତ୍ୱ ଯେଉଁ ତାଳର ପ୍ରଚଳନ ଆଜି ଶାସ୍ତ୍ରୀୟ ସଂଗୀତ ଜଗତରେ ଦେଖାଯାଏ ନାହିଁ ।

ମେରିଆ ପର୍ବ ଗୀତ - କୁଟିଆ କନ୍ଧ

ମୂଳ ଗୀତ :- ଶାରୀ ଶାରୀ ଶାରୀ ମିଲ
କୁଡ଼ି କୁଡ଼ି କୁଡ଼ିଲ
ମାଇ ବାଂଗାଡ଼ିତାକା
ମାଇ ନେଲା ଡ଼ିତାକା
ଚକିଡ଼ି ମାଟାକା
ବନ୍ଦିଡ଼ି ମାଟାକା ।।
ଶାରୀ ଶାରୀ ଶାରୀ ମିଲ
କୁଡ଼ି କୁଡ଼ି କୁଡ଼ିକା
ବାଗଜା ମେହି ଇଂଜାଗା
ପୂତୁରା ମେହି ଇଂଜାଗା
ଆଣି ଆଇ ମାଂଜାନେ

ବେଣି ଆଉ ମାଂଙ୍କାନେ ॥
ଶାରୀ ଶାରୀ ଶାରୀ ମିଲ
ଛୁଡ଼ି ଛୁଡ଼ି ଛୁଡ଼ିକା
ସିଂଗାଲିଡ଼ି ମାଂଙ୍କା ନେଲେ
ବାବାଲିଡ଼ି ମାଂଙ୍କାନେ
ବାଙ୍ଗାଡ଼ିଇ ମାଚାକା
ନେଲାଡ଼ି ମାଚାକା ॥

ସ୍ୱରଲିପି :-

| | | | | | | | | |
|---|---|---|---|---|---|---|---|---|
| (ପା)ନି ୧ | (ପା)ନି ୨ | – ୩ | ପା ୪ | ମାରେ ୫ | ମାପା ୬ | ପାସାଂ ୭ ୮ | – ୯ | – ୧୦ |
| ଶା | ରୀ | ଽ | ଶା | ରୀ ଽ | ଶାରୀ | ମିଲୋ | ଽ | ଽ |
| (ପା)ନି | (ପା)ନି | – | ପା | ରେ – | ରେମା | ରେସା | – | – |
| ଛୁ | ଡ଼ି | ଽ | ଛୁ | ଡ଼ି ଽ | ଛୁଁ | ଡ଼ିକ | ଽ | ଽ |
| (ପା)ନି | (ପା)ନି | – | ପା | ରେ – | ରେମା | ରେସା | – | – |
| ମା | ଇ | ଽ | ବା | ଙ୍ଗା ଽ | ଡ଼ିତା | କାଽ | ଽ | ଽ |
| (ପା)ନି | (ସା)ନି | – | ପା ରେ | – | ରେମା | ରେସା | – | – |
| ମା | ଇ | ଽ | ନେଲା | ଽ | ଡ଼ିତା | କାଽ | ଽ | ଽ |
| ନି | ନି | – | ପାରେ | – | ରେମା | ରେସା | – | – |
| ଟ | କି | ଽ | ଡ଼ିଇ | ଽ | ମାଚା | କାଽ | ଽ | ଽ |
| (ପା)ନି | (ସା)ନି | – | ପାରେ | – | ରେମା | ରେସା | – | – |
| ବ | ଢି | ଽ | ଡ଼ିଇ | ଽ | ମାଚା | କାଽ | ଽ | ଽ |

ଏହି ଗୀତ ମୋଟ ତିନି ପଦ ବିଶିଷ୍ଟ ଏବଂ ଛ' ପାଦରେ ଏକ ପଦ ହୋଇଛି । ମୂଳ ପଦର ପ୍ରଥମ ଦୁଇ ଧାଡ଼ି ପ୍ରତ୍ୟେକ ପଦର ପ୍ରଥମରୁ ସମାନ ରହିଛି । ଏହି ଗୀତର ଲୟ ୧୦ ମାତ୍ରା ତାଳର ସୂଚନା ପ୍ରଦାନ କରୁଛି । ହିନ୍ଦୁସ୍ଥାନୀ ତାଳ ପଦ୍ଧତିରେ ୧୦ ମାତ୍ରା ତାଳ ଯଥା :- 'ଝାପତାଳ' ଅନ୍ତର୍ଗତ ଏହି ଗୀତ ଅଟେ । ମୋଟ ପାଞ୍ଚ ଗୋଟି ସ୍ୱର ସହ ଏଇ ଗୀତଟିର ସଂଗତି ହୋଇଛି ଓ ଏଥିରେ ନିଷାଦ ସ୍ୱର କୋମଳ ରୂପେ ବ୍ୟବହୃତ ହୋଇଛି । ନିଷାଦ ସ୍ୱର ଉପରେ ପଞ୍ଚମ ସ୍ୱରର ପ୍ରୟୋଗ ସ୍ପର୍ଶ ସ୍ୱରର ସୂଚନା ଦେଇଛି । ପଞ୍ଚମ ସ୍ୱରକୁ ସ୍ପର୍ଶ କରି ନିଷାଦ ସ୍ୱର ଉଚ୍ଚାରଣ ବିଧି ସ୍ୱର ଲିପିରେ ଦର୍ଶାଇ ଦିଆ ଯାଇଛି ।

ଉପର ଲିଖିତ କନ୍ଧ ଗୀତ ର ସ୍ୱରଲିପିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆଦିବାସୀ ମାନଙ୍କର ବହୁ ସାଂଗୀତିକ ଉପାଦାନ ଭାରତୀୟ ଶାସ୍ତ୍ରୀୟ ସଂଗୀତକୁ ପୁଷ୍ଟ କରିଛି । ଏମାନଙ୍କ ସ୍ୱର ଶୈଳୀ ଓଡ଼ିଶୀ ସଂଗୀତକୁ ମଧ୍ୟ ଭିତ୍ତି ପ୍ରଦାନ କରିଛି ।

◆◆◆

# ସହାୟକ ଗ୍ରନ୍ଥ ସୂଚୀ


**ଓଡିଆ :-**

୧) କୁଇ- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

୨) ଓଡିଶାର ଆଦିବାସୀ ସଂସ୍କୃତି- ମହାନ୍ତି ଡ. ବଂଶୀଧର

୩) ଓଡିଶାର ଆଦିବାସୀ ସମାଜ- ନେପାକ ଭାଗୀରଥି

୪) ଚର୍ଯ୍ୟାଗୀତିକା - ମହାପାତ୍ର ପ୍ରଫେସର ଖଗେଶ୍ୱର

୫) ନାଟ୍ୟଶାସ୍ତ୍ରମ୍ - ପ୍ରଥମଭାଗ- ଭରତ ମୁନି, ଓଡିଶା ସାହିତ୍ୟ ଏକାଡେମୀ

୬) ସଂଗୀତ ରତ୍ନାକର ପ୍ରବଂଧାଧାୟ VoL II (ସଂସ୍କୃତ) ଶାର୍ଙ୍ଗଦେବ - ସଂଗୀତ କାର୍ଯ୍ୟାଳୟ ହାଥରସ ପ୍ରକାଶନ

୭) ଭାରତୀୟ ସଂଗୀତର ଇତିହାସ (ହିନ୍ଦୀ) - ସଂଗୀତ କାର୍ଯ୍ୟାଳୟ ହାଥରସ ପ୍ରକାଶନ

୮) ଭାରତୀୟ ସଂଗୀତର ଇତିହାସ - ହୋତା ଡକ୍ଟର ଦାମୋଦର

**English :-**

1) The Kondh of Orissa - Patnaik. N., Das Patnaik P. S.

2) The Kondhs - Boal M. Barbara

3) Histrorical development of Indian Music - Swami Prajnananda

4) Music of Eastern India - Roy Sukumar

5) Indian Musicology - Chakrabarty Mriganka Sekhar (Melodic Structure)

6) Study of the methodology Implemeted for classification of Ragas by Acharya Sarang Deva, (A dissertation Submitted for the Degree of M. Mus) Panda Pratap kumar

7) Social values in folklore - Punia Deep

8) Sangeetanjali Part (V) - Thakur Pt. Omkar nath

-ଦ୍ୱିତୀୟ ଭାଗ-

# କନ୍ଧ ସଂଗୀତ

# କୁଟିଆ କନ୍ଧ ସଂଗୀତ

## ଗୀତ ନଂ - ୧

## ଲିଙ୍ଗା ଗାଣୀ - ସୃଷ୍ଟି ଗୀତ

ମୂଳ ଭାଷାର ଗୀତ :-

ଇକି ନାଦେର ମାଲେ ନାଦିର
ଦେଲରେ ମାଲେ ଦେଲରେ ॥

ଡ଼ାଏନ୍ ସାପାଙ୍ଗାଡ଼ାSତା
ଡ଼ାଏନ୍ ସାର୍ଟାଙ୍ଗାଡ଼ାSତା ॥

ଡ଼ାଏସିକା ରାଣୀ ପାଲୁSତା
ଡ଼ାଏସିକା ବେନ୍ଦି ପାଲୁତା ॥

ବେଡ଼ାସିଲା ଡ଼ାଏଟି
ଲାଂଜୁ ସିଲ୍ଲା ଡ଼ାଏଟି ॥

ଉଙ୍ଗାଡ଼ି ସିଲ୍ଲା ଡ଼ାଏଟି
ପାଙ୍ଗାଡ଼ି ସିଲ୍ଲା ଡ଼ାଏଟି ॥

ଲିଂଗା ଆବଣ୍ଡି ଗାଇସି
ଜାନାଣି ଆବଣ୍ଡି ଗାଇସି ॥

ଲିଂଗା ପ୍ଲିବନ ଗାଇସି
ଜାନ୍ନାଣି ପ୍ଲିବନ ଗାଇସି ॥

ଡ଼ାଏନିଚ ଲିଂଗା ପାଢ଼େତା
ଡାଏନିଚ'ଜାନ୍ନାଣ୍ ପାଢ଼େତା ॥

ଡ଼ାଏ ମାଲା ସିଲା ଡ଼ାଏଟି
ଡ଼ାଏ ଦୁପା ସିଲା ଡ଼ାଏଟି ॥

ଲିଂଗା ପ୍ଲିS ମାନେଂଜେ
ଜାନ୍ନା ପ୍ଲିS ମାନେଂଜେ ॥

ବେଟା ମାଂଗେର କୁଢ଼େଙ୍କା
ପ୍ଲାମ୍ଭୁ ବାଙ୍ଗେର କୁଢ଼େଙ୍କା ॥

ଓଡ଼ିଆ ରୂପ :-

ନାରେ ନାରେ ନା ନାରେ
ନାରେ ନାରେ ନା ନାରେ ॥

ସାପାଙ୍ଗାଡ଼ା ଓ ସାର୍ଗଗାଡା'ı
ଗାତ ମଧ୍ୟରୁ ॥

ରାଣୀ ଓ ବେନ୍ଦି ନାମକ ଝିଅ ଜନ୍ମ ହେଲେ
ସେଇ ସାପାଙ୍ଗାଡ଼ା ଓ ସାର୍ଟାଂଗାଡ଼ା ॥

ଗାତ ମଧ୍ୟରେ ସୂର୍ଯ୍ୟ ଓ ଚନ୍ଦ୍ର କିରଣ ନ ଥିଲା
ବା ଆଲୁଅ ଫାଲୁଅ ନଥିଲା ॥

ସେ ଅଂଧାର ଗାତ ମଧ୍ୟରେ ଏମାନେ ବୁଲୁ ବୁଲୁ
ପୃଥିବୀରେ ବିଚରଣ ପାଇଁ ଇଛା କଲେ ॥

ଅଣ୍ଡା ଖୋଳପାରୁ ପକ୍ଷୀ ସାବକ ବାହାରିଲା ପରି
ସେ ଗାତ ଦୁଇଟିରୁ ପୁରୁଷ ଶକ୍ତି ଓ ନାରୀ ଶକ୍ତିର
ଉଦ୍ଭବ ହେଲା ॥

ଏମାନେ ସ୍ୱାଧୀନ ଭାବେ ବିଚରଣ କରୁଥିଲେ
ଶିକୁଳି ବା କଡ଼ାରେ ଆବଦ୍ଧ ନ ଥିଲେ ॥
ପରେ ପରେ ଅନେକ ପ୍ରାଣୀ ଜନ୍ମ ନେଲେ
ପଛକୁ ପଛ ବେଟା ମାଂଗେର ଓ ପ୍ଲାମ୍ଭୁ ମାଙ୍ଗେର
ଦୁଇଜଣ ଶିକାରୀ ଜନ୍ମ ନେଲେ ॥

ଗାତ ମଧ୍ୟରୁ ଦୁଇ ଦୁଇ ବା ହଳ ହଳ
ହୋଇ ପଛକୁ ପଛ ଅନେକ ପ୍ରାଣୀ ଜନ୍ମ ହେଲା ॥

କୁଡ଼ କୁଡ଼ ଗଦା ଗଦା ଲୋକ
ସେଇ ଗାତ ମଧ୍ୟରୁ ବାହାରିଲେ ॥

କୁଡ଼େକାଡ ଥାଇ ମାନେର
    ଆଲେକାଡା ଆଇ ମାନେର ॥

କୁଡ଼ା ଗାନା ତାରାଲା
    ପାର୍ଜାଗାନା ତାରାଲା ॥

ଗାଟିଗାନା ତାରାଽଲା
    ବିଡ଼ାଗାନା ତାରାଽଲା ॥

କାଣା ସାଉତା କୁଡ଼େ ଏକା
    ବୁରା ସାଉତା କୁଡ଼େ ଏକା ॥

ଆବାଣୀ କୁଡ଼େ କା ବେଆଽସି
    ଆବାଣୀ ଆଲେକା ବେଆଽସି ॥

ଡିଉ ପେ୍ନୁ କୁଡ଼େଽକା
    ଦୁଦି ପେନୁ କୁଡ଼େଽକା ॥

ଏମାନଙ୍କ ସୃଷ୍ଟି ପାଇଁ
    ଅନେକ ଗାଁ ଗଣ୍ଡା ସୃଷ୍ଟି ସମ୍ଭବ ହେଲା ॥

ପଛକୁ ପଛ କାଣ୍ଣି' ସାଉତା ଓ ବୁରା ସାଉତା
    ଗାଁର ମୁଖିଆଙ୍କର ଜନ୍ମ ହେଲା ॥

ସବା ଶେଷରେ ଦୁଦି ଓ ଡ଼ିଉ ପେନୁ ବା
    ଠାକୁର ଠାକୁରାଣୀଙ୍କର ଜନ୍ମ ହେଲା ॥

----------o--------

ବିଶେଷ କଥନ :-

କୁଟିଆ କନ୍ଧ ମାନେ ଗାତରୁ ଜନ୍ମ ହେବା କଥା ଉପରୋକ୍ତ ଗୀତରୁ ଅବଧାରିତ ହୁଏ । ଅଧୁନା କୁଟିଆ ମାନଙ୍କର ସାଂସ୍କୃତିକ ଚଳଣୀ ଗୁଡ଼ିକରେ ଯେଉଁ ପରଂପରା ଓ ପଦ୍ଧତି ଗୁଡ଼ିକ ପ୍ରଚଳିତ ତାହା ଜନ୍ମ ହୋଇ ଥିବା ଶିକାରୀ ବଂଶ, ମୁଖିଆ ବଂଶ, ଠାକୁର ଠାକୁରାଣୀଙ୍କଠାରୁ ଗଢ଼ି ଆସିଥିବା କଥା ଦର୍ଶାଇ ଦେଉଛି ।

କୁଟିଆ କନ୍ଧ ମାନେ ଏହି ଗୀତଟିରେ ଅନେକ ଯୁଗ୍ମ ଶବ୍ଦ ପ୍ରୟୋଗ କରିବା ଦ୍ୱାରା ଏମାନଙ୍କ କାବ୍ୟିକ ଅନୁଚିନ୍ତା ଉନ୍ନତ ହୋଇଛି ଓ ଉପଯୁକ୍ତ ଭାବ ସୃଷ୍ଟି କରିବା ପାଇଁ ସକ୍ଷମ ହୋଇଛି । ଉଦାହରଣ ଉକାଡ଼ି - ପାକାଡ଼ି ବା ଆଲୁଅ - ଫାଲୁଅ, ବେଡ଼ା, ଲାଂଜୁ ବା ସୂର୍ଯ୍ୟ, ଚନ୍ଦ୍ର ଇତ୍ୟାଦି । ଏଠାରେ କେବଳ ଅଂଧାରର ବାର୍ତ୍ତା ଦେବାକୁ ଯାଇ ଏମାନେ ଆଲୁଅ, ସୂର୍ଯ୍ୟ, ଚନ୍ଦ୍ର କିରଣ ନ ଥିବାର ଉଦାହରଣ ଦେଇଛନ୍ତି ।

## ଗୀତ ନଂ - ୨
## କେନ୍ଦୁ ପୂଜା ମନ୍ତ୍ର

*ଶିଳ୍ପୀ - ଘୁରୁଡ଼ି ମାଝି - ୫୦ , ବେଲଘର*

ମୂଳ କୁଟିଆ ଭାଷାରେ ଗୀତ :-

ମାଇଶିରେ ବାଙ୍ଗାତା
ମାଇ ଖଣ୍ଡେ ବାଙ୍ଗାତା
ମାଗଁ ସର୍ଙ୍ଗି ମୁଣ୍ଡାଢ଼େ
ମାଇ ମାର୍ଦ୍ଦି ମୁଣ୍ଡାଢ଼େ ॥

ମୁଣ୍ଡା ଆପଙ୍ଗାଇସି
ଢ଼େଡ଼ି ଆପଙ୍ଗାଇସି
ତାନୁ ଜାନି ଆତାଂଜା
ତାନୁ ସିସା ଆତଂଜା ॥

ପାରାଅପି ମାନେଜେ
ଗୁଣ୍ଡା ଅପି ମାନେଜେ
ସାଂଜ ଅପି ମାନେଜେ
ଦାଣା ଅପି ମାନେଜେ ॥

ମାଇ ସର୍ଗି ମୁଣ୍ଡାଢ଼େ
ମାଇ ମାର୍ଦି ମୁଣ୍ଡାଢ଼େ
ନାଇ ସାଲେ ମୁଣ୍ଡାଲେ
ନାଇ ଗପଲ ମୁଣ୍ଡାଲେ ॥

ସାତା ବିଚାରି ନାଣେ
ସାତା କଚାରି ନାଣେ
ବିଚାର ମୁଁ ଆଡ଼ିସିଢ଼େ
କଚାର ମୁଁ ଆଡ଼ିସିଢ଼େ ॥

କ୍ଲାନି ଆସ୍ତା ଇପାଲି
ଅଲି ଆସ୍ତା ଇପାଲି
କାଂଜା ଆସ୍ତା ଇପାଲି
ମୁସୁ ଆସ୍ତା ଇପାଲି ॥

ମୁଣ୍ଡା ଆଢ଼େ ଇଚିସି
ଢେଡ଼ି ଆଟେ ଇଚିସି
ପାରା ସର୍ପି ମାନେଜେ
ଗୁଣ୍ଡା ସର୍ପି ମାନେଜେ ॥

ବାବୁଡ଼ାଇ ମାନେଜେ
ଆତାଡ଼ାଇ ମାନେଜେ
ବାଉଡ଼ାଜା ନାଙ୍ଗାଣୀ
ଆତାଡ଼ାଜା ନାଙ୍ଗାଣୀ ॥

ପାଲୁମାନା ଲାଽତେ
ଦତାମାନା ଲାଽଢ଼େ
କଂଘାରିଆ ନାଙ୍ଗାଣେ
ସିଂଘାରିଆ ନାଙ୍ଗାଣେ ॥

ଅତେରି ଆଡ଼ାତେ
ଅତେରି ମୁଣ୍ଡାତେ
ମାଇ ସାଲେ ମୁଣ୍ଡାଢ଼େ
ମାଇ ଗୋପାଲ ମୁଣ୍ଡାଢ଼େ ॥

ରାଣ୍ଡିଆଜା ନାଂଗାଣୀ
ଢୁକିଆଜା ନାଂଗାଣୀ
ଜାନି ଆଜା ନାଂଗାଣୀ
ସିସା ଆଜା ନାଂଗାଣୀ ॥

ମୁଣ୍ଡା କାଂଗରା ମାନେରେ
ନେଡ଼ି କାଂଗରା ମାନେରେ
ଲି ଇବନ ଗାଇସି
ପିଚି ଇବନ ଗାଇସି ॥

ତାରୁ ଇଽ ମାନେର
ତାରୁ କପି ମାନେର
ତାଜି ଗାଟା ଆଜାରେ
ତାମିର ଗୋଟା ଆଜାରେ ॥

ଢ଼େଡ଼ି ଆଡ଼ିନ ବେଏମେ
ପାଟି ଆଡ଼ିନ ବେଏମେ
ବାରାବାଟି ଆଡ଼ିଟେ
ବାରାବାଟି ରଣ୍ଡିଟେ ॥

ମାଇଁ ତେଲି ରାଚାତା
ମାଇ ମାଲି ରାଚାତା
ମାଣ୍ଡା କେପି ମାନେରେ
ଡେଡ଼ି କେପି ମାନେରେ ॥

----------o--------

ଓଡ଼ିଆ ଅନୁବାଦ :-

ଗାଁ ପଦର ଓ ଡ଼ଂଗରରେ ଥିବା ସର୍ଗି ମୁଣ୍ଡା ଗଛ ଗଣ୍ଡିରେ
ମେରିଆ ଖୁଣ୍ଟି ତିଆରି ହୁଏ, ତେଣୁ ସେ ଗଛକୁ
କୁହାଯାଉଛି ମେରିଆ ପୂଜା ପାଇଁ ତତେ ହାଣିବୁ ॥

ସେ ପୂଜା ପାଇଁ କାଠ ଗଣ୍ଡିକୁ ଗଢ଼ କରାଯିବ
କାଠ ଗଣ୍ଡିର ଶିର୍ଷ ଭାଗରେ ଦୁଇଟି ଗୋରୁ ସିଂଗା ସଦୃଶ କରାଯିବ,
ତାପରେ ଜାନି (ପୂଜକ) ଓ ସିସା (ପୂଜକର ସହାୟକ) ଆସିବେ ॥

ଜାନି ଚାଉଳ ଚୁନା ସଂଙ୍ଗ ସଳିତା ଧରି
ଖୁଣ୍ଟିକୁ ବିଧି ପୂର୍ବକ ପୂଜା କରିବେ ॥

ଏହି ପର୍ବ ପାଇଁ ସାତ ଦିନ ଉପବାସ ବା
ହବିସାନ୍ନ ଖାଇବାର ବିଧି ଅଛି । ଉପବାସ ନ ରହି
ପୂଜା କଲେ ଅମଂଗଳ ହେବ ॥

ବିଧି ମୁତାବକ ପୂଜା ନ କଲେ ଭାଲୁ, ମାଙ୍କଡ଼
ରାବ କରିବେ ଓ ଏହା ଅମଂଗଳର ସୂଚନା
ପ୍ରଦାନ କରିବ ॥

ସେଥି ପାଇଁ ଧରଣୀ ଦେବୀଙ୍କର ପୂଜା ଆରାଧନା
ପ୍ରତି ତିନି ବର୍ଷରେ ଥରେ କରାଯିବା ବିଧି ଅଛି ॥

ପୂଜା ପରେ ପରେ ଦେବୀ କାଳେସୀ ଲାଗିବେ ଓ
ମଙ୍ଗଳ ବିଧାନ ନିମିତ୍ତ କେତେ କଥା କହିବେ ॥

ସବୁ ଗଛରେ ମେରିଆ ଖୁଣ୍ଟି ହୋଇ ପାରେ ନାହିଁ
ତେଣୁ ପ୍ରଥମେ ଗଛ ଚିହ୍ନଟ କରିବାକୁ ପଡ଼େ ॥

ଗଛ ଚିହ୍ନଟ କଲା ପରେ ପୂଜାର୍ଚ୍ଚନା ହୁଏ ଓ କଟାହୁଏ
ଜାନି, ସିସା, ଓ ଗ୍ରାମବାସୀ ଗଛ ହାଣୀ ପୂଜା କରି
ଖୁଣ୍ଟ ଗଢ଼କୁ ଗାଁକୁ ଆଣିଲେ ଓ ସେଇ ଖୁଣ୍ଟିରେ କେତେକ
ଚିତ୍ର ବିଚିତ୍ର କଳା ରେଖା ଖୋଦନ କରା ଗଲା ॥

ଭାଇ ବଂଧୁ ମାନେ ବିଧି ପୂର୍ବକ ଉପବାସ ରହି
ମେରିଆ ଖୁଣ୍ଟି ତିଆରି କଲେ ॥

ସମସ୍ତ କାର୍ଯ୍ୟ ସମାପ୍ତ ପରେ ଗାଁ ଦାଣ୍ଡକୁ ଲିପି
ବେଦୀ ବଂଧାଯାଇ ମେରିଆ ଖୁଣ୍ଟିକୁ ପୋତା ହେଲା ॥

ଜାନି ସିସା ଏକତ୍ର ହେଲେ
ଭାଇବନ୍ଧୁ ଗ୍ରାମବାସୀ ଏକତ୍ର ହେଲେ
ଗାଁ ଦାଣ୍ଡରେ ପ୍ରଥମେ ଖୁଣ୍ଟି ନିକଟରେ ବାଉଁଶରେ
ଧଳା ଲୁଗା ବାଂଧି ଅଧିବାସ ପୂଜା ଆରମ୍ଭ କଲେ ॥

ବିଧି ପୂର୍ବକ ମେରିଆ ଖୁଣ୍ଟି ପୋତା ଗଲା
ପୂଜା ଅର୍ଚ୍ଚନା ସହ ବଳି ଦିଆଯାଇ ଶାନ୍ତି ନିମିତ୍ତ
କାମନା କରାଗଲା ॥

●

ଗୀତ ନଂ - ୩

## ବିଚା ଗାଣୀ - ଫସଲ ଗୀତ

(ରେକର୍ଡିଂ ସମୟ ୨୮. ୫. ୯୨,
ଶିଳ୍ପୀ - ଗୁଗୁଡ଼ି ମାଝି- ୫୦,
ରାମ ଜାନି - ୩୫)

କୁଟିଆ କନ୍ଧ ଭାଷାର ଗୀତ :-

ପିଜୁରେପି ମାଂଜାଽନେ
ଡୁଂଡୁରୁ ରେପି ମାଂଜାଽନେ ॥

ଆଲ୍ଲାରାଣୀ ନାଡ଼ୂ ରେଽ
ଆଲ୍ଲାଲୋ ବେନ୍ଦି ନାଡ଼ୂରେ ॥

ଇସିକା ଇଦାଂଗା ମାଂଜିନା
ଇସିକା ସୁସୁକା ମାଂଜିନା ॥

ଇନୁ ବାଃଆଡ଼େ ବେଟାଜା
ଇନୁ ବାଃଆଡ଼େ ପ୍ଲାମୁକା ॥

ବାମୁମୁଟି ସାପବାମୁଁ
ବାମୁଁ ଗ୍ରୁଲି ସାପବାମୁ ॥

ଓଡ଼ିଆ ରୂପ :-

କୁଣ୍ଡା ଝଡ଼ା କୁହୁଡ଼ି ଭଳି ବର୍ଷା ବର୍ଷୁଛି
ବୋହୂ ବେଗି ବେଗି ବିହନ ବାହାର କର ॥

ଏମିତି ଶୋଇ ରହିଛ କାହିଁକି
ଏମିତି ଅଳସ ଭାଙ୍ଗୁଛ କାହିଁକି ॥

ଆସ ଆସ ବିହନ ବାହାର କର
କ୍ଷେତରେ ବୁଣିବା ଫସଲ କାଟିବା ॥

----o----

ବିଶେଷ କଥନ :-

କନ୍ଧ ସମାଜରେ ବିଭିନ୍ନ କୃଷି କରିବାର ଦେଖାଯାଏ । କୃଷି କରିବା ପୂର୍ବରୁ ଗ୍ରାମବାସୀ ଏକତ୍ର ହୁଅନ୍ତି । କୃଷି ପାଇଁ ଅନୁକୂଳ ପାଗ ଆସିଲେ ସେମାନେ ଘରୁ ବିହନ ବାହାର କରନ୍ତି । ଉପରୋକ୍ତ ଗୀତ କୃଷି ପାଇଁ ଅନୁକୂଳ ପାଗ ସହ ବିହନ ବୁଣିବାର ତତ୍ପରତା ସଂକ୍ରାନ୍ତରେ ସୂଚନା ଦିଏ ।

### ଗୀତ ନଂ -୪
## ବିଟାଜାରା ଗାଣୀ- ଫସଲ ଅମଳ ଗୀତ (କୁଟିଆ - କନ୍ଧ)

ମୂଳ କୁଟିଆ ଭାଷାର ଗୀତ :-

ବିଟା କାମ୍ବାତେ କାମ୍ବାତେ
ଜାରା କାମ୍ବାତେ କାମ୍ବାତେ ॥

ଅହଲାଇ ଗାଜା ଆତେ
ଆହ ତୁଙ୍କି ଗାଜା ଆତେ ॥

ବାହ୍ନୁ ତାଦା ବାହ୍ନୁଢ଼େ
ବାହ୍ନୁ କକୁ ବାହ୍ନୁଢ଼େ ॥

ବାହ୍ନୁ ତାଂଗି ବାହ୍ନୁଲା
ବାହ୍ନୁ ତାଙ୍ଗି ବାହ୍ନୁଲା ॥

ବିଟ ଏରେଗେ ବିକାଽନା
ଜାରା ଏରେଗେ ଜିକାଽନା ॥

ରାଇ ମାଣ୍ଡେ ଆତେଲା
ବନ୍ଦ ମାଣ୍ଡେ ଆତେଲା ॥

ଓଡ଼ିଆ ରୂପ :-

ଆସ୍ତେ ଆସ୍ତେ ଫସଲ ପାଚିଲା
ଏବେ ଠିକ ଫଳ ପରିପକ୍ୱ ହେଲା ॥

ଆସ ଆସ ଦାଦା କାକା
ଆସ ଆସ ମା ଭଉଣୀ ॥

ଆସ ଫସଲ କାଟିବା
ଆସ ଫସଲ ଅମଳ କରିବା ॥

ମାଣ୍ଡିଆ କୋଶଲା ପାଚିଲା
ଆସ ଆସ ଜକା, ଖୁସି ମନରେ
ଫସଲ କାଟିବା ॥

●

### ଗୀତ ନଂ -୫
## ମିଲା ଡ଼ାବେଣାଇ ମାଟ୍‌କାନ୍

କୁଟିଆ ଝିଅ ଗାଁକୁ ଭେଣ୍ଡିଆ କୁଣିଆ ହୋଇ ଯାଇଥିବା ବେଳେ କୁଟିଆ ଝିଅମାନେ ଥଟ୍ଟା କରି ଗାଉ ଥିବା ଗୀତ ।

ମୂଳ କୁଟିଆ ଭାଷାର ଗୀତ :-

ପିଅଡ଼ ପିଞ୍ଜାନେ ମିଚୁ
କବଡ଼ ପିଞ୍ଜାନେ ମିଚୁ
ବେଢ଼ି ନେଲା କୁଟାଣି ମିଚୁ
ଭକୁ ନେଲା କାଟାଣି ମିଚୁ ॥

କଞ୍ଜାର ପେଲି ମାଜାବା ମିଚୁ
ମୁସୁର ପେଲି ମାଜାବା ମିଚୁ
ଇନା କଲା ପିଏଲା ମିଚୁ
ଇନା କିଲା କଦଲା ମିଚୁ ॥

ଇନାକିଲା ପିଆଲା ମିତୁ
ଇନାକିଲା କଦଲା ମିତୁ
ଅଗେଲ ପିଡ଼ ଡ଼ତାନ୍ଦି ମିତୁ
ଅଗେଲ ଜଦ ଡ଼ତାନ୍ଦି ମିତୁ ॥

ଅଗେଲୁଚେ ମେଡେଏ ମିତୁ
ଅଗେଲି ଟଣ୍ଡେ ମେଡେଏ ମିତୁ
ଇଂଗା ମୁଂଗା ନମେରୀ ମିତୁ
ଆବା ମୁବା ନମେରୀ ମିତୁ ॥

ଆଲି ମାରା କଟାଣୀ ମିତୁ
ପିପାଡ଼ି ମାରା କାଟାଣୀ ମିତୁ
ଆବାମବା ନମେରୀ ମିତୁ
ଇଂଗା ମୁଂଗା ନମେରୀ ମିତୁ ॥

ଓଡ଼ିଆ ରୂପ :-

ସାଂଗ ଚଢ଼େଇ କାନ୍ଦୁଛି
ଚଢ଼େଇ ତେରେଛେଇ ଚାହୁଁଛି
ଆଖିରେ ପତା ପଡୁ ନାହିଁ ॥

ଜଂଗଲ ଜଗି ଆସିଥିଲି
ଚଢ଼େଇର କାନ୍ଦଣା ଶୁଣିଲି
ମୁଁ ବଗଡ଼ ଚାଷ କ୍ଷେତରୁ ମାଙ୍କଡ଼ ଘୋଡ଼ାଇ ଆସିଥିଲି
ସେ ଚଢ଼େଇ କାହିଁକି କାନ୍ଦିଲା ॥

ହେ ଚଢ଼େଇ କାହିଁକି କାନ୍ଦୁଛ
କାନ୍ଦଣା ବନ୍ଦ ହେଉ ନାହିଁ
କାହିଁକି ମନ ଦୁଃଖ
କହୁ ନାହୁଁ କାହିଁକି ॥

ମୋର ଆଗପଟେ ଆସୁଛି
ମୋର ପଛପଟେ ଆସୁଛି
ଥରେ କହ କାହିଁକି କାନ୍ଦୁଛୁ
ତୋ ବାପା ମାଙ୍କୁ ଜ୍ୱର ହେଲାକି
ନା ତୋ ଦେହ ଖରାପ
ବରଗଛ ଡ଼ାଳରେ ବସିଛୁ
କଣ କହିବା କଥା କହ ॥

ଗୀତ ନଂ -୬

## ରେଜା ତାକାନ ଗାଣି - ଝିଅ ଝିଂକା ଗୀତ

ମୂଳ କୁଟିଆ ଭାଷାର ଗୀତ :-

ସାରେଲେ ମାଲେ ସାରେଲେ
କୁଡ଼େଲେ ମାଲେ କୁଡ଼େଲେ ॥

କୁଆଣି ତାପି ମାଇଲା
ମାଗାଣି ତାପି ମାଇଲା ॥

ଆଡ଼େ ପାଣା ଆକୁଡ଼େ
ଆଡ଼େ ପାଣା ପେମ୍ବାଡ଼େ ॥

ଦାରା ଦେତାଙ୍ଗାତା ଆମୁ
କୁଡ଼ା ଦେତାଙ୍ଗାତା ଆମୁ ॥

ପାଡ଼େ ପାସାଙ୍ଗାତା ଆମୁ
ଜମା ପାସାଙ୍ଗାତା ଆମୁ ॥

କୁଆଣିତ ତାତା ମାନାଽମୁଁ
ମାଗାଣିତ ତାତା ମାନାଽମୁଁ ॥

ମାଇଁ ପରେଣ୍ ବାସା ଆତା
ମାଇଁ ସମଦେଣ, ବାସା ଆତା ॥

ଏତେ ନାଙ୍ଗାଣ ତାତେଏ
ବୁଙ୍ଗେ ନାଙ୍ଗାଣ ତାତେଏ ॥

କୋଡ଼ିସିଆ ତାତେଏଡ଼େ
କୁରୁସିଆ ତାତେଡ଼େ ॥

-----o-----

ଓଡ଼ିଆ ରୂପ :-

ଆମେ ଝିଅ ପାଇଁ ଯାଉଁଛୁ
ପୂର୍ବ ପୁରୁଷ ଯେମିତି ଆଣୁଥିଲେ
ଆମେ ସେମିତି ଆଣିବୁ ॥

କବାଟ ଖୋଲି ବସିଥାଅ
'ଦୁଆର ମେଲେଇ ବସିଥାଅ
ଆମେ କନିଆଁ ଆଣିଲେ
କବାଟ ବନ୍ଦ ହେବ ॥

ପିଢ଼ା ପାରି ବସିଥାଅ
ପାଣି ଧରି ବସି ଥାଅ ॥

ଦେଖ ସୁନ୍ଦର ଝିଅ ଝିଂକି ଆଣିଲୁ
ଦୀପ ଜାଳ ବହୁ ଘରକୁ ଯାଉ ॥

ଆମ ସମୁଦି ବଂଧନ ଲଗାଇଲେ
ଆମେ କାଖେଇ ବହୁ ଆଣିଚୁ ॥

ଟିକେ ଟଳେଇ ଦେଇ ନାହୁଁ ॥

ଗାଈ, ଗୋରୁ, ଛେଳି ମେଣ୍ଢା ଘୁଷୁରୀ
ମଦ ଓ କୁକୁଡ଼ା ଦେଇ ଆମେ ଆଣିଲୁ ॥

ବିଶେଷ କଥନ :-

କନ୍ଧ ସମାଜରେ ବର ପକ୍ଷ ଝିଅ ଖୋଜିବା ଗୋଟିଏ ପରଂପରା ଗତ କଥା । ଏମାନେ ପ୍ରତିଟି କାର୍ଯ୍ୟ ପୂର୍ବ-ପୁରୁଷଙ୍କୁ ଅନୁକରଣ କରି କାର୍ଯ୍ୟ କରିଥାନ୍ତି । 'ବାହାଘର' ଶେଷରେ ବରକନ୍ୟାଙ୍କୁ ବନ୍ଦାପନା କରିବା କନ୍ଧ ସମାଜରେ ମଧ୍ୟ ପ୍ରଚଳିତ । ବିବାହ ବେଳେ ଯୌତୁକ ସ୍ୱରୂପ ବର ପକ୍ଷ ଗାଈ, ଗୋରୁ, ଛେଳି, ମେଣ୍ଢା, ଘୁଷୁରୀ, ମଦ ଓ କୁକୁଡ଼ା ବାବଦକୁ ଅର୍ଥ ଖର୍ଚ୍ଚ କରିବାର ପ୍ରଥା ଅଦ୍ୟାବଧି କନ୍ଧ ସମାଜରେ ପ୍ରଚଳିତ,ତାହା ଏଇ ଗୀତରୁ ସ୍ପଷ୍ଟ ଅନୁମେୟ । ଆଉ କେତେକ କ୍ଷେତ୍ରରେ ଧାଂଗଡ଼ା ମନ ମଧ୍ୟରେ ବାଛି ଥିବା ଧାଂଗିଡ଼ିକୁ ସାର୍ବଜନୀନ ପର୍ବ ସମୟରେ ରୁମାଲ, ଚାଦର, ବା ଫୁଲ ପକାଏ । ଧାଂଗଡ଼ା ପକାଇଥିବା ଚାଦର, ରୁମାଲ ବା ଫୁଲକୁ ଯଦି ଧାଂଗିଡ଼ି ଗ୍ରହଣ କରେ ତେବେ ସେଇଠି ଧାଂଗଡ଼ା ଧାଙ୍ଗିଡ଼ିକୁ ଝିଂକି ନିଏ ନିଜ ଘରକୁ ।

### ଗୀତ ନଂ -୭

## ମାଗାଣୀ ମେକାନ - ବାହାଘର ପାଇଁ ଝିଅ ଦେଖି ଯିବା ଗୀତ

ମୂଳକୁଟିଆ ଭାଷାର ଗୀତ :-

ମାଇଁ ଆବାଣୀ ମେଃଜାନା
ମାଇଁ କକିଣୀ ମେଃଜାନା ॥

ମାଇଁ ଥାବା ଆତାଲି
ମାଇଁ କୋକି ଆତାଲି ॥

ମାଇଁ କୁ ଥା ଆତାଲି
ମାଇ ମାସ୍କା ଆତାଲି ॥

ଓ୍ୱାନା ସାଇ ମେପୁନ ଗାଇସି
ସାଇତି ମେପୁ ଗାଇସି ॥

କାକୁ ଆଟ୍‌କାଡ୍ ଗାଇସି
କାଇ୍ ଆଟକାଡ୍ ଗାଇସି ॥

ଇଡ଼ିନେଏଁ ଆଡ଼ିନେ
ଇରିନେଏ ରଂଜିନେ ॥

ଆଣକିଂସା କଡ଼େ କିନେଜେ
କାଲୁଲା କଡ଼େ କିତେଜେ ॥

ଆତେଡ଼େ ପାରେ ଣାଡିରେ
ଆତେଡ଼େ ସମଦି ଣାଡିରେ ॥

ନିଡ଼େ ମାଂଗାଣ୍ ଗାଇସି
ନିଡ଼େ ମିଲାଣ୍ ଗାଇସି ॥

ଓଡ଼ିଆ ରୂପ :-

ଆମର ଭାଉଜ ଦେଖି ଯିବୁ
ଆମର ଖୁଡ଼ି ଦେଖି ଯିବୁ ॥

ଖୁବ ସୁନ୍ଦର ଭାଉଜ ଦେଖିବୁ
ଖୁବ ସୁନ୍ଦର ଖୁଡ଼ି ଦେଖିବୁ
ସୁନ୍ଦର କି ଅସୁନ୍ଦର, ଚରିତ୍ରବତୀକି ଦୁଷ୍ଟା
ଦେଖି କରି ଆଣିବୁ ॥

ହାତ ଗୋଡ଼, ମୁହଁ, ନାକ ଗଠନ
ସୁନ୍ଦର କି ନୁହେଁ ଦେଖି କରି ଆଣିବୁ ॥

ଏଇ ଝିଅ ସୁନ୍ଦର
ସମସ୍ତଙ୍କୁ ଖୁସି କରିବ ॥

ଆଜିଠାରୁ ତୁମେ ମୋର ବନ୍ଧୁ ହେଲ
ଆଜିଠାରୁ ତୁମେ ମୋର ସମୁଦି ହେଲ ॥

ମୁ ମାଗି ଆସିଛି
ମୋ ପୁଅ ପାଇଁ ତୁମଠୁ ଝିଅ ମାଗୁଛି ॥

-----o-----

ବିଶେଷ କଥନ :-

ବିବାହ ପାଇଁ ଝିଅ ଦେଖିବା ସମୟର ଗୀତ ଗୁଡ଼ିକ କୁଟିଆ କନ୍ଧ ସମାଜର ଗୋଟିଏ ପରଂପରାର ରେଖାପାତ କରେ । ସେମାନଙ୍କ ସମାଜରେ ଝିଅପିତା ବର ଖୋଜେ ନା ବରଂ ବରପିତା କନ୍ୟାପିତା ଘରକୁ ଯାଇ ତାର ପୁଅ ସହ ପ୍ରସ୍ତାବ ପକାଏ ଓ ବିବାହ ସମୟରେ କନ୍ୟାପିତାଙ୍କୁ ବରପିତା ଟଙ୍କା, କୁକୁଡ଼ା, ମଦ ଇତ୍ୟାଦି ଦେଇ ଝିଅକୁ ଗାଁକୁ ଆଣେ, ମାତ୍ର ଘରକୁ ସୁନ୍ଦର ଝିଅ ଆଣିବା ପାଇଁ ସେମାନଙ୍କ ମଧ୍ୟରେ ଝିଅ ଖୋଜା

ଚାଲିଥାଏ ଏବଂ ଯେଉଁଠି ମନସ୍ଥ ହୁଏ ସେଠାରେ ବରପିତା ବିବାହର ପ୍ରସ୍ତାବ ଦିଅନ୍ତି ।

ଗୀତ ନଂ - ୮

## ସେଡ଼ିଗାଣୀ - ବାହାଘର ଗୀତ

ମୂଳ କୁଟିଆ ଭାଷାର ଗୀତ :-

୧) ନାଇଁ ସିନ୍ଦିରି ଓ୍ୱାଣାଙ୍ଗାଲି
ନାଇଁ କାଜୁରି ବ୍ୱିଣା ଗାଲି
କୁଚା ଲୋଗା ଇଦିନେଲି
ମାଣାନେଗା ଇନ୍ଦିନେଲି ॥

୨) ନାଇଁ ସିନ୍ଦିରି ଦ୍ୱିଣାଗାଲି
ନାଇଁ କାଜୁରି ଦ୍ୱିଣାଗାଲି
ରୁମା ଇଜ ଆଇ ଦାଂଲି
ଗାମା ଇଜ ଆଭେ ଦାଂଲି ॥

୩) ନାଇଁ ସିନ୍ଦିରି ଓ୍ୱିଣାଙ୍ଗାଲି
ନାଇ କାଜୁରି ଦ୍ୱିଣାଗାଲି
ଇନାକା ଇଗଜା ଦୁଇ ଆଲି
ଇନାକା ଡ଼ାଁଜେ ଦୁଇ ଆଲି ॥

୪) ନାଇଁ ସିନ୍ଦିରି ଓ୍ୱିଣାଙ୍ଗାଲି
ନାଇ କାଜୁରି ବ୍ୱିଣା ଗାଲି ଓ୍ୱିଣାଙ୍ଗାଲି
ରୁମାଇଜ ମାଚାଲେ ଆଲି
ଗାମା ଇଜ ମାଚାଲେ ଆଲି ॥

୫) ନାଇଁ ସିନ୍ଦିରି ଓ୍ୱିଣା ଗାଲି
ନାଇଁ କାଜୁରୀ ଓ୍ୱାଣାଙ୍ଗାଲି
ପିଜୁ ପାଣଜା ଜିଲ୍ଲାତେ ଆଲି
ବିଡ଼ି ପାଣଜା ଜିଲ୍ଲାତେ ଆଲି ॥

୬) ନାଇଁ ସିନ୍ଦିରି ଓ୍ୱାଣାଙ୍ଗାଲି
ନାଇ କାଜୁରୀ ଓ୍ୱିଣାଙ୍ଗାଲି
ନାଚେ ନାଂଗା ତୁଆଡଲି
ତଏ ନାଂଗା ତୁଆଡଲି ॥

ଓଡ଼ିଆ ରୂପ :-

ନାଇଁ ଝିଅ ତତେ ଖତ ଗଦାକୁ
ପକାଇ ଦେଉ ନାହୁଁ
ଖୁବ ଭଲ ଘରେ ଦେବୁ
ତୁ ସୁଖରେ ରହିବୁ ॥

ଆମ ବହୁକୁ ଆମେ ପଦାରେ
ନ ପକାଇ ଭଲରେ ରଖିବୁ
ଆମ ଘରେ ଝିଅ ଭଲରେ ଥିଲା
ତୁମ ଘରେ ହଇରାଣ କଲେ
ଝିଅ ଆମର କଷ୍ଟ ପାଇବ ॥

ଆମେ ଝିଅକୁ ବର୍ଷା ପାଣିରେ ଭିଜାଉ ନଥିଲୁ
ତମେ ଯଦି ପାଣିରେ ଭିଜାଇବ
ଆମେ ସେମିତି କରିବୁ ନାହିଁ
ବା ଘରୁ କାଢ଼ି ଦେବୁ ନାହିଁ ॥

ବିଶେଷ କଥନ :-

ବାହାଘର ସମୟରେ ଉଭୟ ବର ଓ କନ୍ୟା ପକ୍ଷରେ ସାଂଗ ମାନେ ଝିଅ ଚାରିପିଠି ବସି କନ୍ୟାକୁ କେନ୍ଦ୍ରକରି ଗୀତଗାନ କରନ୍ତି । ଉଭୟ ବର ଓ କନ୍ୟା ପକ୍ଷ ମଧ୍ୟରେ ଗୀତରେ ତର୍କ ହୁଏ ପ୍ରଶ୍ନ ଓ ଉତ୍ତରର ଆଦାନ ପ୍ରଦାନ ହୁଏ । କୁଟିଆ କନ୍ଧ ସମାଜର ବିବାହରେ ଏହି ପ୍ରଥା ଅଦ୍ୟାବଧି ବିଦ୍ୟମାନ । ଉପରୋକ୍ତ ଗୀତଟି ଏଥି ପାଇଁ ଏକ ଜ୍ୱଳନ୍ତ ଉଦାହରଣ ।

ଗୀତ ନଂ-୯

## ବେଟା ଗାଣୀ- ଶିକାର ଗୀତ

ରେକର୍ଡ଼ିଂ ସମୟ ୨୨. ୫. ୯୨
ଶିଳ୍ପୀ- ବାବୁଡ଼ା ମାଝୀ - ୪୦
ବୈକୁଣ୍ଠ ମାଝୀ-୩୫

ମୂଳକୁଟିଆ କନ୍ଧ ଭାଷାର ଗୀତ :-

ବାହ୍ନୁନିଡ଼େ କଗାରାଽ
ବାହ୍ନୁନିଡ଼େ ଲିକାରାଽ ॥

ସଛାଽ ମେହ୍ଣାଽହ୍ନୁଽ
ପ୍ରିଆଽ ମେତାଽହ୍ନୁଽ ॥

ବାହ୍ନୁଽଽ ନିଡ଼େ ତାଦାଽ
ବାହ୍ନୁଽଽ ନିଡ଼େ କୋକୁଽ ॥

ଗସାଙ୍ଗା ବିଲୁ ଆହିସି
ସାବିଙ୍ଗା ବିଲୁ ଆହିସି ॥

ଡ଼ଽନିଽ କଏଽରିଽ
ପାଽନାଽ କଏଽରିଽ ॥

ଭତୁକି ବିଲୁ ଆହିଽସି
ପେଟେକି ବିଲୁ ଆହିଽସି ॥

ସାରେଲେ ମାଲେ ସାରେଲେ
ଯୁଡ଼େଲେ ମାଲେ ଜୁଡ଼େଲେ ॥

-----o-----

ଓଡ଼ିଆ ରୂପ :-

ଆସ ଆସ ପିଲାମାନେ
ଆସ ଆସ କାକାମାନେ ଭାଇମାନେ ॥

ବେଗି ବେଗି ଆସ
ଧନୁ ତୀର ଧରି ଆସି ଦେଖ ॥

ଗସାଙ୍ଗା ପାହାଡ଼ ସିବିଙ୍ଗ ପାହାଡ଼
ସେ ପଟେ କେତେ ଜନ୍ତୁ ॥

ଗୁଣ ଦେଇ ଧନୁ ଭିଡ଼ିବା
ଜନ୍ତୁ ଶିକାର କରିବା
ନାରେ ନାରେ ନାରେ ହାରେ
ନାରେ ନାରେ ॥

## ଗୀତ ନଂ- ୧୦

## ବେଟାଗାଣୀ-ଶିକାର ଗୀତ

ମୂଳକୁଟିଆ ଭାଷାର ଗୀତ :-

ବାହୁନିନେ କଗାରା
ବାହୁନିନେ ଲିକାରା ॥

ବାହୁ ସାଚା ମେତାହ୍ନୁ
ବାହୁ ପ୍ଲିଆ ମେତାହ୍ନୁ ॥

ବାହୁ ନିଢେ ତାଦା
ବାହୁ ନିଢେ କୋକୁ ॥

ଗସାଙ୍ଗ ବିଲୁ ଆହିସି
ସାବିଙ୍ଗା ବିଲୁ ଆହିସା ॥

ଢ଼ନିଽ କଏରି
ପନାଽ କଏରି ॥

ଭଟୁକି ବିଲୁ ଆହିସି
ପେଟେକି ବିଲୁ ଆହିସି ॥

ଆରୁ ସାଚା ମେଁନା
ଆରୁ ପ୍ଲିଆ ମେଁନା ॥

ଗାଟି ଦିଆ ମେକାନା
ଅଣା ଦିଆ ମେକାନା ॥

ମାଲୁ ଅଣା ଆଃନାଜା
ଡ୍ରା ଆଣା ଆଃନାଜା ॥

କେରିଙ୍ଗା ଆଃପି ମାନେଂକେ
ଡାନ୍ଡାଙ୍ଗା ଆପି ମାନେଂକେ॥

ଅଣାରାସ୍ତା ମାନେଂକେ
ଡାନ୍ଡା ରାସ୍ତା ମାନେଂକେ ॥

କିକିଲା ବ୍ରାକା କିନେଂକେ
ଲୁର୍ଣ୍ଣା ବ୍ରାକା କିନେଂକେ ॥

ଓଡ଼ିଆ ରୂପ :-

ଆସ ଆସ ପିଲାମାନେ
ଭାଇମାନେ, କାକାମାନେ ॥

ଧନୁତୀର ଧରି ବାହାରି ପଡ଼ି ଦେଖ
ଗସାଙ୍ଗା ସାବିଙ୍ଗା ପାହାଡ଼ରେ ॥

ଏଣ୍ଡୁଅ ବେଙ୍ଗ ମାରିବା
ଗୁଣ ଦେଇ ଧନୁ ଭିଡ଼ିବା ॥

ସଭିଏଁ ଏକତ୍ର ହୋଇ ଖୋଜିବା
ବଣକୁ ଯାଇ ପାରିଧି କରିବା ॥

ସଂବର, ବରାହ ଯିବା ବାଟକୁ ଜଗିବା
ସଂବର ବରାହ ମାରିବା ॥

ଶିକାର ପାଇଁ ଚୁପଚାପ ରହିବା, ସତର୍କ ରହିବା
ଝିଙ୍କିକା ମାରି ଚାଲିବା ॥

ଉଈ ହୁଂକା ସବୁ ଭାଙ୍ଗିବା
କୁଟୁରା, ହରିଣ ମାରିବା ॥

### ଗୀତ ନଂ -୧୧

## ବେଟା ଗାଣୀ - ଶିକାର ଗୀତ

ମୂଳ କୁଟିଆ ଭାଷାର ଗୀତ :-

ଓ୍ୱାମୁ ତାଦାଡ଼େ ବାମୁଡ଼େ
ବାହୁଡ଼େ କୋକୁ ବାହୁଡ଼େ ॥
ଉଣା ଆହାନା ମେକାନା
ଗଟି ଆହାନା ମେକାନା ॥
କେରି ଆହା ମେକାନା
ଡାଣ୍ଡରେ ଆହା ମେକାନା ॥
ମିଥ ଉଡୁ ଗୁଟୁତା
ମିଥ ବ୍ରାପା ଗୁଟୁତା ॥
ତାରୁ ସିଡ଼ା ଡ଼ାବେଙ୍ଗା
ତାରୁଡ଼େ ଡ଼େଣ୍ଡା ଡ଼ାବେଙ୍ଗା ॥
ଆଡ଼ା ଆକୁ ଗାଇସି
ଗାଟିରେ ଆକୁନ ଗାଇସି ॥
କିଟା ସ୍ଟାଂନି ଆଇସି
ଗାପାଡ଼େ ସ୍ଟାଂନି ଆଇସି ॥
ରୁଣ୍ଡ ବାଇ ମାନେଽରେ
କୁଡୁ ବାଇ ମାନେରେ ॥
ରୁଣ୍ଡ ବାଜା ମାନାଡ଼େ
କୁଡ଼ରେ ବାଜା ମାନେଡ଼େ ॥
ସାଗେରୀ ଅଣାଡା ଆଟାଂଜା
ଲାବେରୀ ଆଣା ଆଟାଂଜା ॥
ଲୁନି ଆଣା ଆଟାଂଜା
ଲାଲି ଆଣା ଆଟାଂଜା ॥

ଓଡ଼ିଆ ରୂପ :-

ଆସ ଭାଇ ବଂଧୁ
ଆସ କାକା ଆସ ॥

ପାରିଧି ଯିବା ଜାଗାରେ ଛକି ବସିବା
ଘାଟି  ରାସ୍ତାରେ ଯଗି ବସିବା ॥

ଆସ୍ତେ ଆସ୍ତେ ଚଢ଼ି ଉପରକୁ ଯିବା
ପାହାଡ଼ ଉପରେ ଜଙ୍ଗଲ ଅଛି ॥

ସେଠାକୁ ଗଲେ ଶିକାର ମିଳିବ
ବଡ଼ ସାନ ସମସ୍ତେ ଆସ ॥

ଧନୁଶର କାଣ୍ଡ ତୀର ଧରି
ସବୁ ଲୋକ ରୁଣ୍ଡ ହେଲେ
ଆଗକୁ ଆଗକୁ ଚାଲିଲେ ॥

ଗୁଣ୍ଡରି ଚଢେଇ, ବଣ କୁକୁଡ଼ା ମାରିଲେ
ବାଘ ଭାଲୁ ମାରିଲେ ॥

ବିଶେଷ କଥନ :-

ପର୍ବ ପର୍ବାଣୀ ଅବସରରେ କନ୍ଧମାନେ ପାରିଧି କରିବାର ପରଂପରା ଓ ଏଥିପାଇଁ ନିର୍ଦ୍ଦିଷ୍ଟ ଗୀତ ମଧ ପ୍ରଚଳନ ଏମାନଙ୍କ ସମାଜରେ ରହିଛି । ପାରିଧି ଭଲହେଲେ ଗାଁ ଗଣ୍ଡାକୁ ଶୁଭ ସଂକେତ । ମାତ୍ର ପାରିଧି ନ ମିଳିଲେ ଦେଶକୁ ଅନାଟନ ପଡ଼େ ବୋଲି କନ୍ଧମାନେ ବିଶ୍ୱାସ କରନ୍ତି ।

ପାରିଧି ପାଇଁ ପରିବାର, ଗ୍ରାମ୍ୟବାସୀ ଏକତ୍ର ହୋଇ ଯାଇଥାନ୍ତି । ଏଥିରୁ ସେମାନଙ୍କ ଗୋଷ୍ଠୀଗତ ଜୀବନ ଚର୍ଯ୍ୟାର ଚିତ୍ର ପ୍ରତିପାଦିତ ହୁଏ ।

●

ଗୀତ ନଂ - ୧୨

## କେନ୍ଦୁ ବା ଧରଣୀ ପର୍ବ ଗୀତ

*ଗଗଡ଼ି ମାଝୀ, ବେଲଘର*

ମୂଳଗୀତ :- ଶାରୀ ଶାରୀ, ଶାରୀ ମିଲ
ଜୁଡ଼ି ଜୁଡ଼ି ଜୁଡ଼ିଲ
ମାଇଁ ବାଙ୍ଗା ଡ଼ିତାକା
ମାଇ ନେଲା ଡ଼ିତାକା
ଟକିଡ଼ିଇ ମାଚାକା
ବନ୍ଦିଡ଼ିଇ ମାଚାକା ॥ ୧ ॥

ଶାରୀ ଶାରୀ ଶାରୀ ମିଲ
ଜୁଡ଼ି ଜୁଡ଼ି ଜୁଡ଼ିଲ
ବାଗଜା ମେହି ଇଂଜାକା
ପୁଟୁରା ମେହି ଇଂଜାକା
ଆଣି ଆଇ ମାଂଜାନେ
ବେଣି ଆଇ ମାଂଜାନେ ॥ ୨ ॥

ଶାରୀ ଶାରୀ ଶାରୀ ମିଲ
ଜୁଡ଼ି ଜୁଡ଼ି ଜୁଡ଼ିଲ
ସିଂଗାଲିଡ଼ି ମାଂଜାନେ
ବାବାଲିଡ଼ି ମାଂଜାନେ
ବଂଡ଼ାଡ଼ିଇ ମାଚାକା
ନେଲାଡ଼ି ମାଚାକା ॥ ୩ ॥

ଶାରୀ ଶାରୀ ଶାରୀ ମିଲ
ଜୁଡ଼ି ଜୁଡ଼ି ଜୁଡ଼ିଲ
ଆଲ୍କା ବେଲ୍କା ଡାଡ୍ଭିଲା
ଆଇ ନିଡ଼େ ଡାଦାଡ଼େ
ଆଇ ନିଡ଼େ କୁକୁଡ଼େ ॥ ୪ ॥

ମିଲା ମ୍ରାପକି ମାଂଜାଟିଇ
ଓଲି ମ୍ରାପ୍‌କି ମାଂଜାଡି
ଇବୁ ସୁ ଗାଇସିଲ
ଇସି କାସା ଗାଇସି
ଶାରୀ ଶାରୀ ଶାରୀ ମିଲ
ଜୁଡ଼ି ଜୁଡ଼ି ଜୁଡ଼ିକା ॥ ୫ ॥

ଓଡ଼ିଆ ରୂପ :- ଶାରୀ ଶାରୀ ଶାରୀ (ସଂବୋଧନ)
ସାଙ୍ଗ ସାଥି, ମାଟି ମାଁ କାନ୍ଦୁଛି
ମେରିଆ ଦେବୀ କାନ୍ଦୁଛି ॥ ୧ ॥

'ପିଲାମାନଙ୍କୁ ଦେଖିବାକୁ କାନ୍ଦୁଛି
ମଇଁଷି ବଳି ଖାଇବାକୁ କାନ୍ଦୁଛି
ମଇଁଷି କାନ୍ଦୁଛି ॥ ୨ ॥

ମେରିଆ ଦେବୀ କାନ୍ଦୁଛି
ବଳି ପାଇଁ କାନ୍ଦୁଛି
ବାଙ୍ଗାଡ଼ି ପାହାଡ଼ କାନ୍ଦୁଛି
ପଦର, ଗାଁ ଦାଣ୍ଡ କାନ୍ଦୁଛି ॥ ୩ ॥

ଆସ ଭଉଣୀ (ଡାକ୍ରିଲ) ସାଳୀକୁ ସଂବୋଧନ
ଆସ ଦେଖିବା
ଆସ ଦାଦା କାକା
ମେରିଆ ପର୍ବ ଦେଖିବା ॥ ୪ ॥

ଏଇ ପର୍ବ ନ କଲେ
ପିଲା ଛୁଆଙ୍କୁ ଜ୍ୱର ହେବ
ଲୋ ଶାରୀ ଲୋ ସାଙ୍ଗ
ଆସ ମେରିଆ ପର୍ବ ଦେଖିବା ॥ ୫ ॥

## ଗୀତ ନଂ - ୧୩

ମୂଳ କୁଟିଆ ଭାଷାର ଗୀତ :-

ଥାନୁ ସାଙ୍ଗି ମାଇଁଦେ
ଥାନୁ ରେଡ଼ି ମାଇଦେ ॥
ନଇଁ ଦି ସାଇନେ
ନାଇଁ ବଷା ସାଇନେ ॥
ନାଇଁ ରାଣ୍ଡିଣି ମେକାନା
ନାଇଁ ଦୁକିଣି ମେକାନା ॥
ନାଇଁ ମିଲାଣି ମେକାନା
ନାଇଁ ଡ଼ୋଲିଣି ମେକାନା ॥
କାଲିଂ ଗାଡିଦି ମାଂଜାଦି
ଢେଲାଂଗା ମାଂଜାଦି ॥
ମାଇ ତାବା ମେସଙ୍କା
ମାଇ କୁକୁ ବେସଙ୍କା ॥
ଛିଲାତା ପେନ୍ଦେ ଶିଟିଇ
ପାକାତା ପେନ୍ଦେ ଗିଟିଇ ॥
ମାନାମୁ ମିଟୁ ମାନାମ୍ ରାଣି ॥

ଓଡ଼ିଆ ରୂପ :-

ମୁଁ ଯାଉଚି, ଆମ ଗାଁକୁ ଯାଉଛି
ମୋ ବୁଢ଼ି ମାକୁ ଦେଖିବି ॥

ମୋ ଦୁଃଖ ଧନକୁ ଦେଖିବି
ମୋର ପିଲା ମାନଙ୍କୁ ଦେଖିବି ॥

ମୋତେ ବିଶ୍ରାମ ଦେଲ ନାହିଁ
ମୋ ଭାଇଙ୍କୁ ଏକଥା କହିବି ॥

ଏକଥା ଭୁଲି ପାରିବି ନାହିଁ
ବିଦାୟ ସାଙ୍ଗ ବିଦାୟ ରାଣୀ ॥

-----o-----

ବଂଧୁ ଗାଁକୁ ଧାଂଗଡ଼ା ଗଲେ ଗାଁର ଧାଂଗଡ଼ା ଧାଂଗିଡ଼ି ନାଚ ଚି । ବଂଧୁ ଗାଁରେ ଥିବା ବେଳର ଆନନ୍ଦକୁ ଗଲାବେଳେ ମନେ ପକାଇଛି ଧାଂଗଡ଼ା, ଏଇ ଗୀତଟିରୁ ଏହା ସ୍ପଷ୍ଟ ହୁଏ

●

## ଗୀତ ନଂ - ୧୪

## କୁଟିଆ କନ୍ଧ ମିଲାତସକା ଗାଣୀ- ପିଲା ଦେଖେଇ ଯିବା ଗୀତ

*ରାମଜାନୀ-, ବେଲଘର*

ନମେରି ପାଣା ପାଇଲା ମିଚୁ
ଦୂକା ପାଣା ପାଇଲା ମିଚୁ
ବେଉ ପାଣା ପାଇଲା ମିଚୁ
ଗାମା ପାଣା ପାଇଲା ମିଚୁ ॥

ମାଇଁ କୁଜା ପାଇଆ ମିଚୁ
ମାଇଁ କୁଜା ଡ଼ାଲି ମିଚୁ
ମାମାଁ ମେହିଁ ଇଂଜିକା
ଆକୁଭ ମେହିଁ ଇଂଜିକା ॥

କାଷେଣି ଆଇ ମାନେଂଜେ ମିଚୁ
ଦୁକେଣାଇ ମାନେଂଜେ ମିଚୁ
ପୁଙ୍ଗାଜରୁ ଗାଇସି ମିଚୁ
ପୁଙ୍ଗା ଗାଡ଼ା ଦାଇସି ମିଚୁ ॥

ଓଡ଼ିଆ ରୂପ :-

ରକ୍ଷୁଣୀ ପୁଅ ପାଇଲା
ଏ ପୁଅକୁ ଜ୍ୱର ନ ହେଉ
ଏ ପୁଅକୁ ବେମାର ନ ହେଉ
ସାଂଗ ଏ ପୁଅ ଆନନ୍ଦରେ ରହୁ ॥

ଏ ପୁଅ ସୁଖରେ ରହୁ
ମୋର ନାତି ହେଲା ସାଂଗ
ମାମୁଁଙ୍କୁ ଦେଖବି ବୋଲି
ଅଜାଙ୍କୁ ଦେଖିବି ବୋଲି ॥

ପୁଙ୍ଗାଜରୁ ଫୁଲ ପରି କୋମଳ ପାଇଁ ସାଙ୍ଗ
ସେ ମାମୁଁ ଓ ଅଜାଙ୍କୁ କହୁଛି ॥

ଆଉ କାନ୍ଦ ନାହିଁ, ଶୋଇ ପଡ଼
ମାମୁଁ ଆସିବେ,
ତୋ ନାମ କରଣ ହେବ ॥

ଛୁଆ ଜନ୍ମ ହେବାର ଛଅ ମାସ କିମ୍ବା ବର୍ଷେ ପରେ ତାକୁ ମାମୁଁ ଗାଁକୁ ପ୍ରଥମ ଥର ପାଇଁ ଦେଖେଇ ଯାନ୍ତି । ସେହି ସମୟରେ ଉପର ଲିଖିତ ଗୀତ ବୋଲା ଯାଇ ଥାଏ ।

ଗୀତ ନଂ - ୧୫

## କୁଟିଆ କନ୍ଧ ଝିଅର ନାକ ଫୋଡ଼ା ଗୀତ

*ରାମ ଜାନୀ, ବୋଲଘର*

ମୂଳ ଗୀତ :-

ସାରେଲେ ମାଲେ ସାରେଲେ
ଜୁଡ଼େଲେ ମାଲେ ଜୁଡ଼େଲେ ॥
ଆଲ୍ଲାଲା ଆଲ୍ଲା ଆପିଲା
ଆଲ୍ଲାଲା ଆଲ୍ଲା ଆପିଲା ॥
ନିଙ୍ଗେ କିଉ ପତପି ମାଂଜାଲ
ନିଙ୍ଗେ ପିଣ୍ଡା ପତପି ମାଂଜାଲ ॥
ଇନୁ କିଣେ ତାଥାଲ
ଇନୁ ଡ଼ିଣ୍ଡେ ଲାଥାଲ ॥
ସନା କଡ଼େ ଦିଆଲ
ରୂପା କଡ଼େ ଦିଆଲ ॥
ନିଙ୍ଗେ କିଉ ପତା ତେଟଲ
ନିଙ୍ଗେ ପାଣ୍ଡା ପତା ତେଏଲ ॥
ଝିରା କଡ଼େ ଝିଂଆଲ
ତୁସୁଣା କଡ଼େ ଝିଂଆଲ ॥
ନିଙ୍ଗେ ଦାକା ଇଥାଲ
ନିଙ୍ଗେ ସିପେ ଇଥାଲ ॥
ନିଙ୍ଗେ ସାସକା ଇଥାଲ
ନିଙ୍ଗେ ମେକର୍ ଇଥାଲ ॥

ଓଡ଼ିଆ ରୂପ :-

ନାରେ ନାରେ ନାରେ
ସାଙ୍ଗ ସାଥିରେ ॥
ହେ ଝିଅ ତୋ ନାକ କାନ ଫୋଡ଼ା ହେବ
ତୁ ବଡ଼ ହେଲୁ ନାକ କାନ ଫୋଡ଼ିବୁ ॥
ନାକଫୁଲ କାନଫୁଲ ପିନ୍ଧିବୁ
ନୂଆ ଲୁଗା କିଣି ଦେବୁ ତୁ ପିନ୍ଧିବୁ ॥
ତତେ ଚୁଡ଼ି, ମାଳି, ହଳଦୀ ଦେବୁ
ତତେ ଧରି ନାଚ କରିବୁ ॥

ଗୀତ ନଂ - ୧୬

## କୁଟିଆ କନ୍ଧ ଶିକାର କରି ଯିବା ପୂର୍ବରୁ ଅସ୍ତ୍ର ପୂଜା ଗୀତ

*ଗୁଗୁଡ଼ି ମାଝୀ, ବେଲଘର*

ମୂଳଗୀତ :-

ରଏ ତୁଦୁ ଗଡାଲି
ରଏ ପାଲୁ ଗଡାଲି
କଡା ମାଂଜା ଜୁଡ଼ିଡ଼େ
ବାର୍ଗା ମାଂଜା ଜୁଡ଼ିଡ଼େ ॥
ବାଏ ଦାରୁ କେଲେନେ
ବାଏ ବାଦା କେଽଲନେ
କିଉ ତୁସକି ମାନେଢ଼େ
ପାଣ୍ଡା ତୁସକି ମାନେଢେ ॥
ତେଲି ରାଟା ସାଟାମ୍
ମାଲି ରାଟା ଚାଟାମ୍
ଇରାଣି ଡଡୁ ତାଇମା
ରାରାଣୀ ଗେଡ଼ି ତାଇମା ॥
ଇଦିଙ୍ଗିଆ ବାପାଲି
ସୁସୁଂଗିଂଆ ବାପାଲି
ମାଇଁ ଅଣା ବେଏପା
ମାଇଁ ଗାଟି ବେଟପା ॥

ଓଡ଼ିଆ ରୂପ :-

କେଉଁ ପଶୁର ନାମ ଧରୁ ନାହୁଁ
ଯାହା ଦେଖିବା ତାହା ମାରିବା ॥
ବାଘ କାନ ଦେଇ କାଡି ପୂଜା କରିବା
ସଂବର କାନ ଦେଇ କାଡି ପୂଜା କରିବା ॥
ଗାଁ ଦାଣ୍ଡ ସମତଳ ଜାଗାରେ ଏ ପୂଜା ହେବ
ଗୋଟିଏ ମା'ର ଯେତେ ଛୁଆ ଥିବେ
ମା ସହ ଆସିବେ, ତୁ ସର ଯାଇ ସବୁ ମାରିବୁ
ଆମେ ଚଗିବା ବାଟରେ ଜୀବ ଜନ୍ତୁ ଆସିବେ
ଆମେ ଚଗିବା କଥା ସେ ଜାଣିବେ ନାହିଁ
ସର ଆମକୁ ଶିକାର ଦେବୁ ॥

## ଗୀତ ନଂ - ୧୭
## ଡଂଗରିଆ କନ୍ଧ ସଂଗୀତ

ମୂଳ ଗୀତ :-

ହେଡ଼ି ପାଣ୍ଡୁ -ବାହାଘର ଗୀତ
ଯେରୁ ଗିଲ ଆବେମା ବାଡ଼ାରେ
ଯେରୁ ଗିଲ ଗୟାମା ବାଡ଼ାରେ ॥

କୁମୁଟି 'ବିହା ହାନାଲ ଆଦେଲେ
ବାମ୍ଣା ବିହା ହାନାଲ ଆଦେଲେ ॥

କାଏଁ ରାଜା ହାନାଲ ଆଦେଲେ
କାଏଁ ପତର ହାନାଲା ଆଦେଲେ ॥

କଏଁ ଇଟ ଲାରେଲେ ଆଦେଲେ
କଏଁ ମେଡ଼ାଚା ଗରେଡ଼ି ଆଦେଲେ ॥

ଜିବିକସେ ହାନାଲ ଆବେଲେ
କଏଁ ବିକସେ ହାନାଲ ଆଦେଲେ ॥

ସମଦିଗରେତା ମାରାଲୋ ଆବେଲେ
ସେହେଣା ଗାରେତା ମାରାଲୋ ଆଦେଲେ ॥

ଜଂଗା ଲାବି ସେ ହାନାଇ ଆଦେଲେ
ପାଡ଼େ ଲବି ସେ ହାନାଲ ଆଦେଲେ ॥

ଜାଇମା ଆବାନେ ନେବେ ରାଜାଲେ
ଜାଇମା ଆବାନେ ବୁଢ଼ା ରାଜାଲେ ॥

-----o-----

ଓଡ଼ିଆ ରୂପ :-

ଆସ ଆସ ସାଙ୍ଗ ବିଭା ଘରେ ଗୀତ ଗାଇବା ॥
ଆସ କୁମୁଟି ବାହା ଘର ଦେଖିବା
ଆସ ବ୍ରାହ୍ମଣ ବାହାଘର ଦେଖିବା ॥
ରାଜା ଘର ବାହାଘର ଦେଖିବା
ମନ୍ତ୍ରୀ ଘର ବାହାଘର ଦେଖିବା ॥
ତାର ପକ୍କା ଘର ଦେଖି ଯିବା
ତାର ଶାସୁ ଘର ଦେଖି ଯିବା ॥
ଚାଲି ଯିବା ତା ଘରେ ଝିଅ ଦେଇ ଆସିବା

ପୁଅ ଘରେ ଝିଅ ଛାଡ଼ି ଆସିବା
ସମୁଦି ଘରକୁ ଯିବା,ସମୁଦୁଣୀ ଘରକୁ ସମସ୍ତେ ଯିବା ॥
ତାଙ୍କ ସହ ଖୁସିରେ ବସିବା
ସମୁଦି ସଙ୍ଗେ ମିଶି କଥା ହେବା
ଚାଲ ନିୟମ ରାଜାକୁ ସାକ୍ଷୀ କରିଯିବା
ବୁଢ଼ା ରାଜାକୁ ସାକ୍ଷୀ କରି ଯିବା ॥

●

ଗୀତ ନଂ-୧୮

## ହେଡ଼ି ପାଣବୁ - ବାହାଘର ଗୀତ

*ସିକକା ସାହୁ, ସିକକା ପୁଞ୍ଜି, ପାର୍ସାଲି.*

ମୂଳଗୀତ :-

ଜଏରିଲ ଆଦେ ବାଡ଼ାରେ ଜଏରିଲ ଗୟା ବାଡ଼ାରେ
କାରାଲା ତାଡ଼ି ବଣ୍ଡଯେ ॥
ରାଜା ମେଡୁତା ଆଦେ ସାଇବ ମେଡୁତା ଆଦେ
କାରାଲା ତାଡ଼ି ବାଣ୍ଡଯେ ॥
ଗଗାସେ ମାର ଆଦେଲେ ଲିଲାସେ ମାର ଆଦେଲେ
କାରାଲା ତାଡ଼ି ବଣ୍ଡଯେ ॥
ଜେମଲ ଆଦେ ବାଡ଼ାରେ ଜେମୁଲ ଗୟା ବାଡ଼ାରେ
କାରାଲା ତାଡ଼ି ବଣ୍ଡଯେ ॥
ଦାରେସେ ଦାରୁ ଲାଣ୍ଡୁରେ ଦାରେସେ ଦାରେ ବଡ଼ଓ୍ବାରେ
କାରଲା ତାଡ଼ ବଣ୍ଡଯେ ॥
ରୁଣ୍ଡସେ ଓ୍ବା ଆଦେଲେ ଗୋଟସେ ଓ୍ବା ଆଦେଲେ
କାରଲା ତାଡ଼ି ବଣ୍ଡଯେ ॥

-----o-----

ଓଡ଼ିଆ ରୂପ:-

ଆସ ସାଙ୍ଗ ଆସ ସାଥି, ଗୀତ ଗାଇବା ॥
ଏଇ ଦେଖ ରାଜା ମେଢ଼

ଏଇ ଦେଖ ସାହେବ ମେଢ଼
ଆସ ଗୀତ ଗାଇବା ॥

ବସି କରି ଗୀତ ଗାଁଇ
ଆସ ମିଶି କରି ଗୀତ ଗାଇବା ॥

ବସିବା ଲୋକକୁ ଜିଦ୍ କରି ଉଠାଇବା
ଆମ ସଙ୍ଗେ ଗୀତ ବୋଲାଇବା ॥

କେତେ ସାଂଗ ଗଛ ମୂଳେ ବସିଛନ୍ତି
ତାଂକୁ ଡ଼ାକି ଆମ ସଂଗେ ଗୀତ ବୋଲାଇବା ॥

●

## ଗୀତ ନଂ - ୧୯
## ଧାଂଗଡ଼ା ଧାଂଗିଡ଼ି ମନୋରଞ୍ଜନ ଗୀତ

ମୂଳ ଗୀତ :-

ଛାମୁ ସାରି ଟାକାନା ଢାଲି ମୁରୁ ଗଡ଼ାଲ
ୟାଲୋ ସାରିଂ ଦାନା ଗଢ଼େ ॥

ଟଣ୍ଡବ୍‌ର୍ ବାଏଗଢ଼େ
ଡ଼ିନେ ଡ଼ାପୁ ବଜାଗଢ଼େ ॥

ୟାଲୋ ସାରିଂଦାନା ଗଢ଼େ
ମେଢା ପାଖେ ତୁଃ ନଲ ॥

ପଦେ କଇ ନଗଢ଼େ
ୟାଲୋ ସାରିଂଦାନା ଗଢ଼େ ॥

ବଲେ ନଲେ ଛିନ ଗଢ଼େ
ଲଡ଼ ମନ ଇଟି ଗଢ଼େ
ୟାଲୋ ସାରିଂଦାନା ଗଢ଼େ ॥

ରୟାମନ ଇଚି ଗଢ଼େ
ଇର୍ଙ୍ଗା ପାଗେ ଡୁଃନ ଗଢ଼େ
ୟାଲୋ ସାରିଂଦାନା ଗଢ଼େ ॥

ଗାବର ଗାତାଚା ପାଗେ ଗଢ଼େ
ଗବର ଗାତାଚା ପାଗେ ଗଢ଼େ
ୟାଲୋ ସାରିଂଦାନା ଗଢ଼େ ॥

ନାକାନାଂ ଦେରୁଗଢ଼େ
ନାମୁକିଂ ଦେରୁଗଢ଼େ
ୟାଲୋ ସାରିଂଜାନା ଗଢ଼େ ॥

-----o-----

ଓଡ଼ିଆ ରୂପ :- ମୋର କଣ୍ଠ ଠିକ ନାହିଁ
କି ଗୀତ ଗାଇବି ଲୋ ସାରିଂଜାନା

ଭଲ ବାଜିବା ଡ଼ାଫ ବଜା
ନ ବାଜିଲେ ଫିଙ୍ଗି ଦେବା ଲୋ ସାରିଂଜାନା

ପଦେ ପଦେ କୁହାକୁହି ହେବା
ଭଲରେ ଭଲରେ ଗାନ କରିବା ଲୋ ସାରିଂଜାନା

ମନ ନ ହେଲେ ମନ ହେଲେ
ଗାଇବା ନାଚିବା ବନ୍ଦ କରିବା

ଖତ ଗଦାରେ ଫୋପାଡ଼ି ଦେବା
ଗୋବର ଗଦାକୁ ଫୋପାଡ଼ି ଦେବା ଲୋ ସାରିଂଜାନା

ଗୀତ ନଂ - ୨୦

## ହେଡ୍ଡି ପଣ୍ଡ୍ନୁ - ବାହାଘର ଗୀତ

*ଫୁଲମଣୀ ପ୍ରାସକା, ଖମେସି,*

ମୂଳଗୀତ :- ମାରଦେ ମାଲୋ ଆଦେ ମାବାଡ଼ାରେ
ମାରଦେ ମାଲୋ ଗାୟାମା ବାଡ଼ାରେ ॥
ଇଦିଆ ମାସେ ଦଣ୍ଡଲ ଆଦେଲେ
ଇଦିଆ ମାସେ କୋଟଲ ଆଦେଲେ ॥
ଇଦିଆନା କୋଟଲ ଆଦେଲେ
ଇଦିଆନା ଦଣ୍ଡଲ ଆଦେଲେ ॥
ମା ପାପ ଗଡ଼େଲ ଆଦେଲେ
ମା ଉଷୁରୁ ଗଡ଼େଲ ଆଦେଲେ ॥
ଗାଟି ସଦର ସାଗେଲ ଆଦେଲେ
ମା ଉଷୁରୁ ଲେଗେଲ ଆଦେଲେ ॥
ଜେରୁ ଗୀଲ ଅଦେମା ବାଡ଼ାରେ
ଜେରୁ ଗୀଲ ଗାୟାମା ବାଡ଼ାରେ ॥
କଏଁ ଶିଷଣୀ ଆନ୍ନାଲ ଆଦେଲେ
କଏଁ ବସଣୀ ଆନ୍ନାଲ ଆଦେଲେ ॥

-----o-----

ଓଡ଼ିଆ ରୂପ :- ଆସ ସାଙ୍ଗ ଗୀତ ଗାଇବା
ଆସ ସାଙ୍ଗ ନାଚ କରିବା ॥
ଏ କି ପ୍ରକାର ଦଣ୍ଡ ଦିଆ ଚାଲିଛି
ଏ କି ପ୍ରକାର କଷ୍ଟ ଦିଆ ଚାଲିଛି ॥
ଘାଟି ରାସ୍ତାରେ ଚାଲି ହେଉ ନାହିଁ
ଆଉ କେତେ ନାଚିବୁ ॥
ଆମେ କି ପାପ କଲୁ
ଆମ ନିଶ୍ୱାସ ତା ଉପରେ ପଡୁ ॥
ଆସ ସାଙ୍ଗ ବିଭା ଘରେ ଗୀତ ଗାଇବା
ଆସରେ ସାଥି ଏକ ହୋଇ ନାଚ କରିବା ॥
ଦୁଇ ଚାରି ସାଙ୍ଗ ହୋଇ ଗୀତ ଗାଇବା
ଦୁଇ ଚାରି ହାତ ଧରି ନଇଁ ନଇଁ ନାଚିବା ॥

ଡ଼ଂଗରିଆ କନ୍ଧ ଗାଁକୁ ବର ବିଭା ଘର ପାଇଁ ଆସିଲେ ଗାଁର ଝିଅ ମାନେ ନାଚଗୀତ କରି ବରକୁ ସ୍ୱାଗତ କରନ୍ତି । ଉପରୋକ୍ତ ଗୀତ ଏହାର ନମୁନା ।

## ଗୀତ ନଂ -୨୧

କୁଇଁଝାରୀ ଗୁଡ଼ା, ଡଣମତପୁର,

ମୂଳଗୀତ :-

ଯେଇ ବିଡ଼ି ବାଡ଼ା ନିମାଲେ
ଯେମ୍ ମେହେଣା ତାଂଗି ନିମାଲେ
ଇନ୍ଦ୍ରାବତୀ ନାରୀ ଜହରେ
ଉର୍ଜିନତା ସାଣା କାମାରେ ॥

ଆଲୁବିନା ତାକି ନିମାଲେ
ଆଲୁକାଲା ତାକି ନିମାଲେ
ଇନ୍ଦ୍ରାବତୀ ନାରୀ ଜହରେ
ଉର୍ଜିଣତା ସାଣା କାମାରେ ॥

ବେଲା ତାକି ବେଲାନିମାଲେ
ଦିନା ତାକି ଦିନାତାମାଲେ
ଇନ୍ଦ୍ରାବତୀ ନାରୀ ଜହରେ
ଉର୍ଜିଣତା ସାଣା କାମାଣେ ॥

ମାଢା ସାଜା ତାକି ନିମାଲେ
ନାୟେଡ଼କା ତାନି ନିମାଲ
ଇନ୍ଦ୍ରାବତୀ ନାରୀ ଜହରେ
ଉର୍ଜିଣତା ସାଣା କମାରେ ॥

ଆବେ ନାଉଁକିଆ ତେମାଲ
ମୁଣ୍ଡୁ ଦୁରୁନିଆ ତେମାଲ
ଇନ୍ଦ୍ରାବତୀ ନାରା ଜହରେ
ଉର୍ଜିନତା ସାଣା କମାଣେ ॥

----o----

ଓଡ଼ିଆ ରୂପ :-

ଦେଖ ସାଙ୍ଗ ଦେଖ ସାଥୀ
ଇନ୍ଦ୍ରାବତୀ ନଦୀ କୂଆର ଢେଉ ଭାଂଗୁଅଛି ॥

ଆଜି ଦିନଟି ଖେଳିବା
ଏ ସମୟ କାଲିକୁ ନଥିବ
ସମୟ ଆସୁଛି ଯାଉଛି
ଦିନକୁ ଦିନ ଅନ୍ତର ॥

କୁଆର ଢେଉ ପରି ଆମେ
ନାଚି ନାଚି ମିଶି ଯିବା
ଆମ ଖୁସି ପାଇଁ ଜୀବନ ପାଇଁ
ଆମେ ଦୁହେଁ ପାଖା ପାଖି ରହିବା ॥

ଯେତେ ଦୁଃଖ ଆସୁ କଷ୍ଟ ଆସୁ
ମୁଣ୍ଡ ଝାଳ ତୁଣ୍ଡରେ ମାରି ନାଚିବା
ଇନ୍ଦ୍ରାବତୀ ନଦୀ କୁଁଆରୀ ପରି
ଆମେ ନାଚି ଯିବା, ଗାଇଯିବା ॥

●

ଗୀତ ନଂ - ୨୨
ଦେଶିଆ କନ୍ଧ ସଂଗୀତ

## ବିହାପାଟୁ - ବାହାଘର ଗୀତ

*ଶିଳ୍ପୀ* - ସୁଜାତା ଜିଲାକାର

ମୂଳଗିତ :-

ଓ୍ୱାଆଲି କଢ଼େ ଓ୍ୱାନେ
ଏହାନ୍ଦିତା ଗାଡ଼ାକା ନିନେଏ ॥

ସେମ୍ବୁ ପାଟେଢ଼ି ଟାଟୋସେ
ତୂରାନ ରାମ୍ବୁ ଓ୍ୱାନେହେ ॥

ମହାପା କାୟାକାଲି ଓ୍ୱାଢ଼େ ଏଏଲା
ତାରା ଆଜିଓ୍ୱା କାଢ଼େଏ ॥

ଆଣା ମାଞ୍ଜିଢ଼େ ଗାମାଟା
ଟିଲେଢ଼ା ଟାମାସା ॥

ଆସା ମାନିଲେ ପାଓ୍ୱାଲା ରିମିନି
ଟାଢ଼ାନି କାଓ୍ୱାଲ ॥

ଓଡ଼ିଆ ରୂପ :-

ଆସିବାକୁ ନେଲେ ଆସିବ
ମଇଁ ଘୋମାରେ ଛିଡ଼ାଦେବ ନାହିଁ ॥

ସୁନା ହାର ଦେଲେ ଦିଅ ନ ହେଲେ ନାହିଁ
ଆମ୍ବର ଢେଂଫ ଛିଡ଼ିଲା ଭଳି

ପ୍ରେମ କରିବା ଦରକାର ନାହିଁ
ହାତରେ ଗାମୁଛା ଅଛି ତ
ବାଂଧି ନିଅ ସବୁଦିନ ପାଇଁ ମତେ ॥

●

## ଗୀତ ନଂ -୨୩

ଇଦି ମାନୁଡ଼େ କୁଡ଼ିଆ ରେଗା ହାଚୁଡ଼େ ପଦାୟାଁ
ପ୍ଲିଡ଼ିକା ପଟାୟା ତୁଲ ତରଗା ହାଚୁଡ଼େ ପଦାୟାଁ ॥

ଯେଇ ମାମରା ଡାବାଲେ ତରଗା ହାଚୁଡ଼େ ପଦାୟାଁ
ରଣ୍ଡିଡ଼ିଏ ସେଇ କୁଣିନୁ ତରଗା ହାଚୁଡ଼େ ପଦାୟାଁ ॥

ଯେଇ ବିଡ଼ିମା ବାଡ଼ାଲେ ତରଗା ହାଚୁଡ଼େ ପଦାୟାଁ
ଯେଇ ମେହେଣା ଡାଂଗିଲେ ତରଗା ହାଚୁଡ଼େ ପଦାୟାଁ ॥

ଯେଇ ମାମାର ତବାଲେ ତରଗା ହାଚୁଡ଼େ ପଦାୟାଁ
ଇଟି ମାମାର ଗୁଡ଼ାଡ଼ା ତରଗା ହାଚୁଡ଼େ ପଦାୟାଁ ॥

ଦୁକୁ ସୁକୁଲୋ ଦୁକୁଡା ତରଗା ହାଚୁଡ଼େ ପଦାୟାଁ
କେୟା ଏମାଆ ରେଟୁଲା ତରଗା ହାଚୁଡ଼େ ପଦାୟାଁ ॥

----୦----

ଓଡ଼ିଆ ରୂପ :-

ମଣିଷ ଜୀବନ କ୍ଷଣକ ପାଇଁ
ଉଡ଼ନ୍ତା ଚଢ଼େଇ ପରି କୁଆଡ଼େ ଉଡ଼ିଯିବ ॥

ଦେଖ ନଦୀର ପୂରା ପାଣି, ପୁଣି ଶୁଖି ଯାଉଛି
କେରାଣ୍ଡି ମାଛ ପରି ଜୀବନର ଖେଳ ॥

ଦେଖ ସାଙ୍ଗ ଦିନ ଆଉ ରାତି
ଦେଖ ଭଉଣୀ ସୂର୍ଯ୍ୟ ଓ ଚନ୍ଦ୍ର

ସମସ୍ତେ ଯାଉଛନ୍ତି ଆସୁଛନ୍ତି
ଦୁଃଖ ସୁଖ ବର୍ଷା ପବନ
ସବୁ ସହିବା ସବୁ ଆମ ପାଇଁ ॥

●

## ଗୀତ ନଂ- ୨୪

ମୂଳ ଗୀତ :-

ଯେଇ ଆବେଲ ହାରାରେ ଯେଇ ବାଇଲ ହାରାରେ
ସରଓ୍ଵେ ଆତେ ଆମ୍ବୁରୁ ଯୁଡ଼ି ଯାକାଢ଼େ ଆୟେଏ ॥

ଯେଇ ତାଣ୍ଡିମା ନିନୁଲେ ଯେଇ ବାଇମା ହିଂଗାଲେ
ସରଓ୍ଵେ ଆତେ ଆମ୍ବୁରୁ ଯୁଡ଼ି ଯାକାଢ଼େ ମାୟେଏ ॥

ସେକା ନାଇଲ ଜାଗାତା ଟିମା ଜଲାଲ ବମିତା
ସରବେ ଆତେ ଆମ୍ବୁରୁ ଜୁଡ଼ି ଯୁକାନେ ଆୟେଏ ॥

ହାରାଜା କଂଲା ଓ୍ଵାଏଲ ପିଢ଼ ଜାକାଲ ବାଓ୍ଵେଲ
ସରବେ ଆତେ ଆମ୍ବୁରୁ  ଜୁଡ଼ି ଯାକାନେ ମାୟେଏ ॥

ନାଦୀ ଟାଂଗିଲେ ନିଭଉଁ ନାବା ବାଢ଼ାଲ ହିଂଗାଆଁ
ସରବେ ଆତେ ଆମ୍ବୁରୁ ଜୁଡ଼ି ଯାକାଢ଼େ ମାୟେଏ ॥

-----o-----

ଓଡ଼ିଆ ରୂପ :-

ଦେଖ ସାଙ୍ଗ, ଦେଖ ସାଥି
ସକାଳ ହେଲା, କାଉ ରାବିଲା
ଏବେ କର୍ମମୟ ଜୀବନ ଆରମ୍ଭ କରିବା
ସେକା ଗ୍ରାମର ଗାଡ ଜମି ଚଷିବା
ଜୀବନ ତ ତେଲ ପଲା ପରି
ମୋ ବାଡ଼ିର ହଳଦୀ ପତ୍ର ପରି ସବୁଜ
ଦୁଃଖ କଷ୍ଟ ଆମ ପାଇଁ ।

●

## ଗୀତ ନଂ - ୨୫

ମୂଳଗୀତ :-

ଯେଇ ସାହାରା ପାଲାମ କଡ଼େୟ
କଡ଼ିଆ ମାଡ଼ିତି ସୁରୁଢୁ ଡ଼ିଆନେ ॥

ଅଟା ମାଡ୍ରାଜା ମାଙ୍ଗେନି ବାଇରେ
କଡ଼ିଆ ମାନିତି ସୁରୁଢ ଡ଼ଆନେ ॥

ତସି ମାଞ୍ଜୟ ପାଲାକା କଡ଼େୟ
କଡ଼ିଆ ମାଡ଼ିତେ ସୁରୁଢ ଡ଼ିଆନେ ॥

-------୦-------

ଓଡ଼ିଆ ରୂପ :-

ହେ ପ୍ରେମିକା ତମେ ଲତା
ବାଙ୍କି ବାଙ୍କି ଯାଉଛ

ଚାରିଆଡ଼େ ଅଲସି ଫୁଲ
ମାତ୍ର ତମେ  ଅଲସି ରଂଗଠାରୁ

ଆହୁରି ସୁନ୍ଦର ଭାବେ
ବାଙ୍କି ବାଙ୍କି ଯାଉଛ

କଥାରେ, ହସରେ ଭଂଗିରେ
ସବୁ ନୂତନତାର । ରଂଗ ବୋଳି ଅଛି ।

## ଗୀତ ନଂ - ୨୬

ମୂଳ ଗୀତ :-

ଢିଲକା ସେରକା ଓ୍ୱାଣା ଗାଟାତି
ଏଚକା ଗାଓ୍ୱାରି ଆଙ୍କା ମାନାତି ॥

କାନିଡ଼େ ଗାଓ୍ୱାଲି ଗୁର୍ବିଆ
ଆନି ରେଣୁ ଏର ମେଟତି ॥

କୁଏ ସାନାଡ଼ା ଡ଼ିଇ ସାହାଡ଼ା
କାରଣ୍ଡ ଉଳୁନି ॥

ନେଙ୍ଗା ପାଇଙ୍ଗା ରେଣୁ ପାଡ୍ରି
ପେକାଟାକା ମେଲାଡ଼ାଃଆ ॥

କୁଃଉଁଜି ମାଟାସି ମାୟା ମାଟାକି ଆଂଗା ମାଚତେ
ଗାଡ଼ି ତୁମ୍ବାବାଡ଼ା ହାନାସି ॥

-----o-----

ଓଡ଼ିଆ ରୂପ :-

ନେଳରେ ଦାଉ ପକାଇ ସୁନ୍ଦର ଦିଶୁଛୁ, ଗର୍ବ କରୁଛୁ
ତୋ ଭଉଣୀ ପାଖକୁ ଯା

ପୂର୍ବ ସାହାଡ଼ା, ଉତ୍ତର ସାହାଡ଼ାରେ
ବିଜୁଳି ଜଳୁଛି ଦେଖିବା ଚାଲ
ଗାଡ଼ିରେ ଚଢ଼ି ବୁଲିଯିବା ॥

●

ଗୀତ ନଂ - ୨୭

## ପିଲାଙ୍କୁ ଗେହ୍ଲା କରିବା ଗୀତ

ମୂଳ ଗୀତ :- ଯେଇ ବିଡ଼ି ବାଢ଼ାଲେ
ଯେଇ ମେହେଣା ତାଂଗିଲେ
ଆଇମାଇ ସବାୟା ମାଢ଼ି ॥

ଦୁକୁରେ ସୁକୁରେ ଦୁକୁତା ମାବାଯେ
ଆଇ ମାଇ ସବାୟା ମାଢ଼ି ॥

କରମା କାକୁଲି କମତା ବାଯେ
ଆଇ ମାଇ ଆକୁୟାଁ ମାଢ଼ି ॥

କିଡ଼ିର ପୁନାଆ ରେଟୁଲା ମା ବାଯେ
ଆଇ ମାଇ ଆକୁୟାଁ ମାଢ଼ି ॥

କେଇଁରେ ଏନାଆ ଗାଟାରୁ ମାବାଯେ
ଆଇ ମାଇ ଆକୁୟାଁ ମାଢ଼ି ॥

ଇଁଚିସେ ଦଶମପୁରଟିମା। ବାଯେ
ଆଇ ମାଇ ଆକୁୟାଁ ମାଢ଼ି ॥

-------o------

ଓଡ଼ିଆ ରୂପ :-

ଆସ ଭଉଣୀ ମୁଁ ତୋର ନିଜର
ଦୁଃଖ ସୁଖ ଆମ ପାଇଁ

ଦୁଃଖ ସୁଖ ମଧ ଦେଇଯିବା
ଜୀବନର ଏହା ପରମ ଆନନ୍ଦ

କର୍ମରେ ଲେଖା ଅଛି ଦୁଃଖ
ଦୁଃଖ ସହିବା କଷ୍ଟ କରିବା

କେଉଁଠୁ ଆସିଲେ ଜଣା ନାହିଁ
କୁଆଡ଼େ ଯିବା ଜଣା ନାହିଁ

ଏଇ ଦଶମନ୍ତ ପୁରୁ ଆମ ନିଜର ଆମେ ତାର ।

●

ଗୀତ ନଂ -୨୮

## ବିହା ପାଚୁ- ବାହାଘର ଗୀତ

ସୁଦର୍ଶନ ପ୍ରେପେକା

ମୂଳ ଗୀତ : ଝିଅ- ଯେଇଆବେ ହାରାରେ ପିପଡ଼
ଯେଇ ବାଇ ହାରାରେ ପିପଡ଼
ଆର୍ଗୁନାରା ପିପଡ଼, ଗରେ ହୁନା କିଆନେ ॥
ଯେଇ ବାଇ ହାରାରେ ପିପଡ଼
ଆର୍ଗୁନାଡ଼ା ପିପଡ଼
ଆର୍ଗୁନାଡ଼ା ପିପଡ଼ ଗରେହୁନା କିଆନେ ॥

ପୁଅ- ଯେଇ ଆବେ ହାରାରେ
ଯେଇ ବାଇ ହାରରେ
ଡ଼ରାଲେଲି କସମି, ଯିଭ ଯାକା ମାଂଙ୍କେଏ ॥
ଯେଇ କୁଡ଼ିଆ ମାଂଗାଲେ
ଓ୍ୱାଇ ଚୁଡ଼ିଆ ଡ଼େଡ଼ିଲେ
ଡ଼ରାଲେଲି କସମି, ଯିଭ ଯାକା ମାଂଙ୍କେଏ ॥

---------o------

ଓଡ଼ିଆ ରୂପ :- ଝିଅ- ଅଶ୍ୱତ୍ଥ ପତ୍ର ପରି ତମେ ମଦଖାଇ ହଲୁଚ
ଦେଖ ସାଙ୍ଗ ତମେ କିପରି ମଦପାନ କରି
ତମ ଚେତା ହରାଉଛ
ସୂର୍ଯ୍ୟ ନଡ଼ା ମୂଳେ ପକ୍ଷୀ ଗୀତ ଗାଇଲାପରି
ତମେ ଗୀତ ଗାନ କର
ଘର ଖାଲି କର ନାହିଁ, ମଦ ପିଅ ନାହିଁ

ପୁଅ- ହେ ମୋର ପ୍ରିୟ ବନ୍ଧୁ
ହେ ମୋର ପ୍ରିୟ ସାଥୀ
ତେନ୍ତୁଳି ଫୁଲ ପରି ତୋ ଦେହ
ମୋ ଦେହରେ ଶିହରଣ କରେ
ହେ ମୋର ପ୍ରିୟ ଆସ ଆସ
ଜଙ୍ଗଲ, ଝରଣା, ପାହାଡ଼ ସହ ମିଶି ଗୀତ ଗାଇବା ।

●

ଗୀତ ନଂ - ୨୯

## ଢୁଂଢୁଂଣୀ ପାଚୁ- ଢୁଂଢୁଣୀ ଗୀତ

*ଘନମେଲେକା-୬୦, ଲକ୍ଷ୍ମୀ ପୁର.*

ମୂଳଗୀତ :

ଗୀତାଓ୍ୱାତେ ବାନ୍ଦାଓ୍ୱାତେ
କିଆପାଣି ଏୟୁମିତେ ॥

ଯେଇ ବିଡ଼ି ବାଡ଼ା ନିମାଲେ
କିଆ ପାଣି ଏୟୁମିତେ ॥

ଯେଇ ମେହେଣା ତାଂଗି ନିମାଲେ
କିୟା ପାଣି ଏୟୁମିତେ ॥

ନିବା କାଷ୍ଟା ମାଛେ ଯେମୁଁ ନିମାଲେ
କିୟା ପାଣି ଏୟୁମିତେ ॥

ଓଡ଼ିଆ ରୂପ :-

ସୁଖ, ଦୁଃଖ ଭଲ ମନ୍ଦ ମଧଦେଇ
ତୁ ବାଜିଲେ ପାଣି ଗଡ଼ି ଗଲା ପରି
ଦୁଃଖ ମୋର ଗଡ଼ିଯାଏ ॥

ସାଙ୍ଗ, ସାଥି ହସ ଖୁସିରେ
ଦିନ ମୋର ଚାଲିଯାଏ ॥

ତୁ ମୋ ହାତରେ ବାଜିଲେ
ମୋର ପ୍ରେମିକା ମୋ ପାଖକୁ
ଆସି ଗଲା ଭଳି ମତେ ଲାଗେ ॥

●

ଗୀତ ନଂ :- ୩୦

## ବିହା ପାଚୁ - ବାହା ଘର ଗୀତ

*ଶିଳ୍ପୀ - ଫୁଲମଣୀ ଜିଲାକାର, ନୂଆଗୁଡ଼ା, ଲକ୍ଷ୍ମୀପୁର.*

ମୂଳଗୀତ :-

ପିଜାନି ଏଜଟି ବେଟିନାୟା
ଗୁଡ଼େ କଲମେ ଉସ୍ତାମେ ॥
ଅଜଲି ହଡ଼ି ରୁମ ହୁମ ଓ
ଆଂଗେଣି ହଡ଼ି ରୁମ ଦୁମ ଓ ॥
ଇଲୁସିମ୍ବାରାନି କିୟାଚି
ପାରା ସିମ୍ବାରାନି କିୟାଚି ॥
ଗୁଡ଼େ କାଲମେ ଉସ ସେଗାମେ
ନିଲାସି ଆୟାନମି ଓ ଏନିବାଣୀ ଆୟାନିମି ଓ ॥
ଗୁଡ଼େ କଲମେ ଉସେଗାମେ
କତା ସତୁ ଅଣ ପିତାନି ତୁର ॥
ସତୁ ଅଣପିତା ନାମି
ଶୁତି କଲମେ ଉସେଗାମେ ॥

ଓଡ଼ିଆ ରୂପ :-

ସଂସାର କାଳ କାଳ ପାଇଁ
ସେ ସଂସାରରେ ଜୀବନତ ଦିନ ଆଉ ରାତି ॥

ପଦା ଆଢ଼େ ଆସୁ ଥିଲେ ଧୁମ୍‌ଧାମ୍
ଅଗଣାକୁ ଯାଉଥିଲୁ ରଣ ଝଣ ॥

କିପରି ଭୁଲିବୁ କିପରି ପାଶୋରିବୁ
ବସିବା ସ୍ଥାନରେ ମନେ ପକେଇବୁ
ଶୋଇବା ସ୍ଥାନରେ ମନେ ପକାଇବୁ ॥

ବିଶେଷ କଥନ :- ବିଭାଘର ପାଇଁ ଝିଅ ଯେତେବେଳେ ବର ଘରକୁ ଆସେ ତାର ସାଂଗ ମାନେ ଏଇ ଗୀତ ଗାଇ ଝିଅକୁ ବିଦାୟ ଦେଇଥାନ୍ତି ।

●

## ଗୀତ ନଂ - ୩୧

## ବିହାପୁଚ- ବାହାଘର ଗୀତ

*ସୁଜାତା ଝିଲାକାର*

ମୂଳ ଗୀତ :-

ସପୁ ତାନିସା ଆଣା ବେଡ଼େଏ
ସପୁ ବାଣ୍ଡିତା ଲେଢା ପେଡ଼େଏ ॥

ଡ଼ିମିରି କିୟାନେଢ଼େ କୋରା ପୁଟ
ଢିଲାତ୍ ମୁସକି ବିୟାଁ ସପୁ କାଣା ହିନେତସ ॥

କଣାକୁଡ଼ ରେମାସିମା ରାଣୀ ଢାମା
ଏୟୁ ମିସୁ ବାତ ନାଡ଼ାମା ଗାଲି ମାରାମୁ ॥

କାନୁରେ ପାତି କାଟିକି ନାଢାତଲେ ସାଟେକି
ଉସପା ମାନି ସୁନମି ସମୁହେଡ଼ି ପୁନାମି ॥

------o------

ଓଡ଼ିଆ ରୂପ :-

ସପୁର ରୋଜଗାର ପାଞ୍ଚ ପଇସା, ଦଶ ପଇସା
ତାର ନିଜ ପେଟ ପୁରେ ନାହିଁ ॥

ସେ କଣ ଦେଇ ପାରିବ କଂଜୁସ ହେବ
ଚାଲାକ ହୋଇ ଖସି ଯିବ କୋରାପୁଟ ॥
ବରଗଡ଼ା ସାଗ ଗଛ ଶାଡମୁଣ୍ଡି
ଗାଧୁଆ ପାଣି ନାକ ବନ୍ଦ କରିବ ॥
ପବନ ପାରେନା ସୁନାକୁ ମୋଡ଼ି
ଆଖି ପତାର କଜଳ ଗାର
ମୋ ସହ ପୁଣି ସରିଛି ॥

ବିଶେଷ କଥନ :- ଦେଶିଆ କନ୍ଧ ସମାଜରେ ବିବାହ ପ୍ରସ୍ତାବରେ ପୁଅର ଆଚାର-ବ୍ୟବହାର ସାଂଗକୁ ଚରିତ୍ର ତଥା ରୋଜଗାର ଉପରେ ପସନ୍ଦ କରିବା ପାଇଁ ଝିଅକୁ ସ୍ୱାଧୀନତା ଦିଆଯାଇ ଥାଏ । ଏହି ଗୀତ ଏହାର ଏକ ଜ୍ୱଳନ୍ତ ଉଦାହରଣ ।

## ଗୀତ ନଂ - ୩୨

## ବିହାପାଚୁ - ବାହାଘର ଗୀତ

ମୂଳଗୀତ :-

ମିୟାଁ ବେସ୍କାବାତେ ସପ୍ପୁକାଡୂ ଗହ ଆସିତେହେ
ମଲା ମାଂଜି ମାଣାକା ମାନୁ କାଡ଼ିୟା
ଡ଼ଅ ରାଣ୍ଡାନା ତାମୁହେ ॥
କାଣିତେ ଅାଁତି ମୁଦି କଓ
ପେଡ୍ଡ ହେଲା ପୁଞ୍ଜି ବୁଦିମା କଞ୍ଜୋହେ ॥
କଡ଼ା ଗେଣ୍ଡା ମାନାତି କଞ୍ଜା ରାଜା
ଅଣ୍ଡା ମାନାତି କଞ୍ଜୋହେ ॥
ମିଡ୍‌ତା ମିଡ୍‌ତା ମେପସି ନାସି
ପିଡ଼ଗଲ୍ଲୁରୁ ଡ଼କିନାସି ॥
ଆକ ପାତା ହେକା ମାରକା
ତ୍ରିବି ମାନେରି ମାମା ମିରକା ॥

------o------

ଓଡ଼ିଆ ରୂପ :-

ମଦ ପିଇବ ନାହିଁ ତମ ମା କହିଗଲେ ॥
ମୂଲ ଲାଗି ମାଣେ ଚାଉଳ ଆଣିବା ମୁଣ୍ଡ ॥
ହାତରେ ମୁଦି ପିନ୍ଧାଇବା ସମ୍ପୁ ପକ୍ଷେ କଷ୍ଟ ହେବ
କାନ୍ଧ ଆଉଜି ଅଳସ ଭାଂଗିବା ଲୋକ
କଣ ପ୍ରେମର ମୂଲ୍ୟ ବୁଝେ ॥
ଖାଲି ହଳ କରିବ, ବଡ଼ ଆଖିରେ ଚାହିଁବ
ହାଣ୍ଡିଏ ହାଣ୍ଡିଏ ଜାଉ ପିଇବ
କି ବିଶ୍ୱାସରେ ତା ହାତରେ ମତେ ଦେଲ ॥

ବିଶେଷ କଥନ :- ବିଭାଘର ପରେ ଝିଅ ପ୍ରଥମ ଥର ବାପ ଘରକୁ ଆସି, ବାପା, ଭାଇ, ମା ତଥା ଅନ୍ୟମାନଙ୍କୁ ନିଜ ଶାସୁ ଘର ଜୀବନ ଯେ ଆଶଂକା ମୟ ତାର ଏକ ଚିତ୍ର ଏଇ ଗୀତରେ ପ୍ରଦାନ କରିଛି ।

## ଗୀତ ନଂ - ୩୩
## ବିହାପାଟୁ - ବାହାଘର ଗୀତ

ମୂଳଗୀତ :-

ଯେଇଲ ଆଦେନିମା ହାରାରେ
ସୁରୁଜୁ ବେଡ଼ାଯିମା ସରିଢ଼େ ॥

ଯେଇଲ ପୁଟିଲାମା ପୁଲରେ
ସୁରୁଜୁ ବେଡ଼ାଯିମା ସରିଢ଼େ ॥

ଯେଇଲ ବାଜିଲା ଲେୟାଁରେ
ସୁରୁଜୁ ବେଡ଼ା ଯିମା ସରିଢ଼େ ॥

ଯେଇଲ କିଆନି ପୁଲରେ
ସୁରୁଜ ବେଡ଼ା ଯିମା ସରିଢ଼େ ॥

ଓଡ଼ିଆ ରୂପ :-

ଆସ ସାଙ୍ଗ ନାଚ ଗୀତ କରିବା
ସୁରୁଜ ବୁଡ଼ିଯିବା ପୂର୍ବରୁ
ତାହା ପୁଣି ଶେଷ କରିଦେବା ॥

ହେ ସାଙ୍ଗ ନିଆଁରେ ଖଇ ଫୁଟିଲା ପରି
ଆମ ଜୀବନ
ଫୁଟିଲା ଫୁଲ ପରି ଆମ ଯୌବନର
ଦିନେ ମହାଯାତ୍ରା ହେବ ॥

ଆସ ସାଙ୍ଗ ନାଚ, ଗୀତ ମଧ ଦେଇ ଯିବା
ଆନନ୍ଦ ଉଲ୍ଲାସ ଚିତ୍ତରେ
ସୁରୁଜ ବୁଡ଼ିଯିବା ପୂର୍ବରୁ ଆମେ
ତାହା ଶେଷ କରିଦେବା ॥

ବିଶେଷ କଥନ :-

ଲକ୍ଷ୍ମୀପୁର ଅଞ୍ଚଳର ଦେଶିଆ କନ୍ଧ ଧାଙ୍ଗିଡ଼ି ମାନେ ବିବାହିତା କନ୍ୟାକୁ ବରଘରେ ଛାଡ଼ିବା ସମୟରେ ଏହି ଗୀତ ଗାନ କରିଥାନ୍ତି । କ୍ଷଣସ୍ଥାୟୀ ଜୀବନର ଶାନ୍ତ କମନୀୟ ପରିବେଶ ମଧ୍ୟରେ ଜୀବନ ଧାରଣ କରିବାର ଆଶା, ଆକାଂକ୍ଷା ଏଇ ଗୀତର ଉପଜୀବ୍ୟ ମାତ୍ର । ପରୋକ୍ଷରେ କନ୍ୟା ପ୍ରତି ଦିଗ୍‌ଦର୍ଶନ ହେଲା କ୍ଷଣ ସ୍ଥାୟୀ ଜୀବନ ମଧ୍ୟରେ ନୃତ୍ୟ, ଗୀତ ତଥା ଆନନ୍ଦ ହିଁ ଚରମ ଉପଲବ୍ଧି ।

●

## ଗୀତ ନଂ :- ୩୪

ମୂଳ ଗୀତ :-

ବେଂଜାରାଦୁ ଆଜାଆବା ଶ୍ରବଣ କୁମାର ତାରା
ଦଶରଥ ରାଜା ଗୁଡ଼ି ବିତାରାଆ ॥

କଂଜା କାର୍ଗାରି ଦେବା ନନ୍ଦ ବ୍ରିସିଚାରି
ଡ଼ାଣ୍ଡା କାଣ୍ଡା ବେଂବାନନ୍ଦ ଦ୍ଵାଡ଼ା ସାଇ ମାନେ ମନ୍ଦ
ଶ୍ରବଣ କେରାଣ୍ଡି ବେଷ୍ଟାନେଂକୁ ଭଲ ମନ୍ଦ
ଜାପି-ଜାପି ପହି ଗିପି ସେଂକୁ
ଶ୍ରବଣ କୁମାର ଇନାଞ୍ଜୁ
ଟାଡ଼ି ଟାଂଜି ଆଜା ମାସୁଲା ଅନ୍ଦ କରମ ମନ୍ଦ
ମେଦି ସିଡ଼ାଡୁ ଭଲ ମନ୍ଦ ॥

ଶ୍ରବଣ ପାଣି ଆସିତେ ଦଶରଥ ଦନୁସରେ
ଟାଡ଼ିଟାଂଜି ମାସୁଲ ଅନ୍ଦ

ଓଡ଼ିଆ ରୂପ :-

ଶ୍ରବଣ କୁମାର ଚରିତ ଶୁଣନ୍ତୁ ବାପା, ମା
ଦଶରଥ ରାଜା କିପରି ବାଣରେ ମାରିଲେ
ଦଣ୍ଡିକିଆ ଦେବାନନ୍ଦ ରଚିଲେ ଏ ଛାନ୍ଦ
ବାଡ଼ି ତଳେ ତାଙ୍କ ବଂଧ
ପିତା ମାତା ମୁଖେ ଭିକ୍ଷା କରିଦିଏ ଭାତ
ପିତା ମାତା ଥିଲେ ଅନ୍ଧ କରମ ମନ୍ଦ
ବାରି ନ ପାରନ୍ତି ଭଲ ମନ୍ଦ ॥
ଶ୍ରବଣ ପାଣି ଆଣିବା ବେଳେ
ଦଶରଥ ବାଣ ମାରେ
ଅନ୍ଧ ପିତା ମାତା କାନ୍ଦନ୍ତି ଜାଣ ॥

●

## ଗୀତ ନଂ - ୩୫
## ରାମାୟଣ ଖଣ୍ଡ

*ସୁକଦେବ କହ୍ଲାର - ୫୫, ଦଣ୍ଡିକିଆ.*

ମୂଳଗୀତ :-

ଅପୂର୍ବ କାତା ବେଙ୍ଗାମୁଁ ସିଆନାମନ, ସୀତା ଦେବୀ ନିୟତେଙ୍ଗୁ ଲଂକା ରାବଣ ॥ ୦ ॥
ମାରିସ ମାଦୁ ବିଆନା ରାମ ଲକ୍ଷ୍ମଣ, ତାଦେରିଆରୁ ସାସେରୁ ଦଣ୍ଡକାରଣ୍ୟ ॥ ୧ ॥
ମେଃଡେରୁ ଢାଡ଼ା କୁଡ଼ିତା ସିଢ଼େ ମୈତିଲି, ମେହା ନାଂଗା ଶ୍ରୀରାମ ଆତେଂଙ୍କୁ ବିକାଲି ॥ ୨ ॥
ମେହୁତା କାଦୁ ବେସାନା ଡ଼ିତେଂଙ୍କୁ ରାମ, ଏମ୍ନେକି ସାସିଲା ନାଇଁ ୨୨ ରାଢାଲି ॥ ୩ ॥
ଢେ- ଡ଼ାଗାଟାତି ସାସିଲା ଇନୁ ଏମ୍ନେକି, ତୁହାନା ସାଢାତି ନାଂଗେ ଉନୁ ଢାନକି ॥ ୪ ॥
ରାମ ଇସେଂଙ୍କୁ ଆମ୍ନେସା ଲଖଣ ବୀର, ଏସେ ଦାଃତା ପା-ନାତାସୁ ଜନକମାର ॥ ୫ ॥
ଲଖନ ସାଲା ମଇନୁ ଅଯୋଧ୍ୟା ପୁରି, ବରତ'ଇ ବେସଦି କାତା ଗୁଲେ ମା-ଦାଉ ॥ ୬ ॥
ସୀତାନୀ ମ୍ରା-କ୍ରାମୁଁ କେବେବା-ଏଂଙ୍କୁରାମ, ଅଯୋଧ୍ୟା ରାଢା ଦିଢ଼େ ଦାଦା ଭରତ ॥ ୭ ॥

------୦-----

ଓଡ଼ିଆ ରୂପ :-

ଅପୂର୍ବ କଥା କହୁଛି ଶୁଣ ମନଦେଇ, ସୀତାଙ୍କୁ ଲଂକା ରାବଣ ନେଲା ଚୋରାଇ ॥ ୦ ॥
ମାରିଚକୁ ମାରି ରାମ ଲକ୍ଷ୍ମଣ ଆସିଲେ, ତାପରେ ଦଣ୍ଡକାରଣ୍ୟ କୁଡ଼ିଆକୁ ଗଲେ ॥ ୧ ॥
ସେ କୁଡ଼ିଆରେ ସୀତା ଦେବୀ ନାହିଁ ଦେଖିଲେ, ସୀତାକୁ ନ ପାଇ ରାମ ବିକଳ ହେଲେ ॥ ୨ ॥

ମୁଣ୍ଡେ ହାତ ଦେଇ କାନ୍ଦିଲେ ରାମ, କୁଆଡ଼େ ଗଲ ମୋର ଜୀବ ଜୀବନ ॥ ୩ ॥
ଛାଡ଼ି ମତେ କେଣେ ଗଲ ଆଗୋ ଶଶି ମୁଖି , ରାମ କହେ ସାନୁଜ ଲକ୍ଷ୍ମଣକୁ ଚାହିଁ ॥ ୪ ॥
କି ବିପଦେ ପଡ଼ି ଗଲେ କହରେ ଭାଇ, ଜନକ ନନ୍ଦିନୀକୁ ଖୋଜି ପାଇଲି ନାହିଁ ॥ ୫ ॥
ଯାଅରେ ଲକ୍ଷ୍ମଣ ତୁହି ଅଯୋଧ୍ୟା ପୁରି, ଏହା ଭରତକୁ କହି ଆସିବୁ ଫେରି ॥ ୬ ॥
ସୀତାଙ୍କୁ ହରାଇବା କଥା କହିବୁ, ଭରତକୁ ରାଜା କରି ଫେରି ଆସିବୁ ॥ ୭ ॥

●

ଗୀତ ନଂ - ୩୬

## ଚଣ୍ଡିକାଇ ଖଞ୍ଜା

*ଖଗେଶ୍ୱର କହଁର - ୫୦.*

ମୂଳଗୀତ :-

ବେସ୍କିନେ ଅମ୍ବିକା ବେଞ୍ଜା ମୁଲାଚଣ୍ଡି କାଇ
ଜଲି ବିହିନାରା ନିଙ୍ଗେ ବୁଝାଇ ଜଆଇ
ମନଡ଼ାଇ ଯେ, ବେସେ କାନି ପୁଞ୍ଜା ଢେକିଡ଼ାଇ ଯେ ॥

ଇସିଙ୍ଗି ବିହିନେ ଜଲିକାଲ ଦିନାତାରି
ବନ୍ଧଆନେ ବିନାତାରି ଗୁଲେ ଆିଇ ନାରି
ଏସେ ଡ଼େଲିଙ୍କେ ପୁର୍ବିଲକୁ ଆନେରୁ ବିକାଲିଯେ ॥

ବୈଶାଖ ସୁତାନି ପାଞ୍ଚଗଡ଼ି ଗୁରୁବାରୁ
ଜାତିଲକୁ ଜାତି ଇଟେରୁ ଗୋଦିନାତାରୁ
ଆଡ଼ିନେରୁବା, ବିନାତାନି ବେଟେ ଗୋମାନାରୁ ବା ॥

ସର୍ଗଡ଼ାଇ ସାତପାଲୁ ଗାମେ ସାବା ଆନେ
ଗଢ଼ା ପେନୁ, ବେଞ୍ଜା ଯଇ ତରବର ଆନେ
ବଳରାମ ବା ହୁଙ୍କାରି ଗିଥାନା କୁ କେଞ୍ଜୁବା ॥

କାଞ୍ଚନାଗ ଦେଶାତାରୁ ନାବାଲି ବାବାଙ୍ଗା
ସତ୍ର ଜନ୍ମ ଦଶକଢ଼ି ଗୁଲେ ଆଡ଼ା ନାଙ୍ଗା
ଭଜି ନେରୁ ବା ଗୁଲେ ରଣ୍ଡା କାତା ଗୋଣିନେରୁବା ॥

ମଲି ପୁରୁ ଦେଶାତାଂଗୀ ଗୁଲେ ନିଂଗିନେରୁ
ସାଲ୍‌କି ଜଡ଼ି ଢେପାସୁନା ରେଙ୍କା ମଲିପୁରୁ
ନିସ୍‌କି ନେରୁବା ନାଡ଼ିତାନି ଗିହ ଗମ୍ଭାଃ ନେରୁବା ॥

ଏଆରତ ଲାକା ଜଞ୍ଜ ଗିନେରୁ ନାଡ଼ିତା
ଦୁଆଳି କୁତିନେ କାଲି ମୁଁ ଡ୍ରେଂବ୍ରି ବାହାତା
ଦିନା ତାରି ଯେ, ଦେରି ଯେନୁ ପୁନେ ମାନାରି ॥

ସଇ ଆବା ମୁଁ ଏରି ତିନିଡ଼ାକ ଗିନେ
ଏରିଡ଼ାକ ତିନି ପୁର ଡାଂଗିଗୁଲେ ସନେ
ଏସେ ଲକୁବା, ବେଂଙ୍ଗାନା ମ୍ରାଂଗିନେ ବୁଦ୍ଧି ମୁକୁବା ॥

ଗିର୍ଦାଂଗା ଗୁଞ୍ଜିଂଗା ଇଟକା ତାନି ଗୋ କପ୍ଲିନୁ
କୁଲ୍ୟାଂଗା ନାଙ୍କୁତା ସାକି ଗାଡ଼ି ଗୋଡ଼ିବିନୁ
ଏରାଡ଼ିକିବା ସାବା କାଳ ବାନେ ଲକୁ ଡିକିବା ॥

ବେଂଜାମୁ ଚଣ୍ଡିକା ଆନୁ ନିଂଗେ ବେସପିଞ୍ଜାଇ
ଏସେ ର୍ବେଲା ଆନୁ ଏମ୍ବା ମୁର୍ଖି ବେଗାଲି ଆଇ
ତିନି ପୁରୁ ଯେ ଲକୁ ମେହାନାଇ ଆଢି ବେରୁ ଯେ ॥

ରାହିଆଏ ବେଦ ସରସ୍ୱତୀ ପେନୁତିରି
କାଲି ପେନୁ ସୁହନେ କଲିକତାଗୋ ମାନାରି
ଦିନା ଡାଂଗିବା ବାନେ ପାପ ଲକୁ ସାବାତିଂଗିବା ॥

ନାଡ଼ାଙ୍ଗି ସୁହନେ ବେଲା ଉଜାଡ଼ି ଆନ୍ଦାରି ଆନେ
ସିରୁ ଦକୁ ସାବାଦିନୁ ସିରୁଗୋ ମ୍ରାଂଗିନେ
ଏସେ ର୍ବେଲାବା, ବେଲ୍ଲା ସୁହନି ବେଂଙ୍ଗ କୁ ନେ ବେଲାବା ॥

ବେଦ ରୂପ ଜଗନ୍ନାଥ ବାନେଂହୁ ସୁହାନା
ପୁରୀଡ଼ାଇ ଲକ୍ଷ୍ମୀ ଦେବୀ ବାନେଗୋ ପୁହାନା

ଓଡ଼ିଆ ରୂପ :-

ଅମ୍ବିକା ବୋଇନ୍ତି ଶୁଣ ଆଗୋ ଚଣ୍ଡିକାଇ
କଳି ଯୁଗ ଶେଷ କଥା କହୁଛି ବୁଝାଇ
ମନ ଦେଇ ଯେ କଳି ଯୁଗ ଶେଷ କଥା ଶୁଣ ଯେ, ॥

ଯାହା ଯାହା ଘଟୁ ଅଛି ପୃଥିବୀରେ ଜାଣ
ଦିନେ ତାହା ଶେଷ ହେବ, ଏହା ପୁରାଣ ଆଖ୍ୟାନ
ଦିନ ଆସିବ ସର୍ବେ ଆଶ୍ଚର୍ଯ୍ୟ ହେବେ ତାହା ଦେଖି ଯେ ॥

ବୈଶାଖ ମାସ ପାଞ୍ଚ ଘଡ଼ି ଗୁରୁବାର ଦିନ
ଜାତି, ଧର୍ମ, ବର୍ଣ୍ଣ ମିଶି କରିବେ ଯଜ୍ଞର ଆୟୋଜନ
ଏକ ମୁଖେ ଯେ ଶାନ୍ତି ଯଜ୍ଞ ହେବ ସମାପନ ଯେ ॥

ସର୍ଗରୁ ବିକଟ ଶବ୍ଦ ଘାତଥର ହେବ
ଧରଣୀ ମାତା ତାହା ଶୁଣି ଥରହର ହେବ
ହରି ନାମ ଯେ ଚାରିଆଡ଼େ ଖାଲି ଶୁଣା ଯିବଯେ ॥

କାଂଚନଗ୍ର ଦେଶରୁ ଲଙ୍ଗଳା ବାବା ଯେ ଆସିବେ
ଅଠେଇଶ ଶହ ଦଶ କଡ଼ି ଲୋକ ଏକତ୍ର ହୋଇବେ
ଗୋଟିଏ କଥାରେ ଯେ
ସଭିଏଁ ଏକମତ ହେବେ ଯେ ॥

ମଲିପୁର ଦେଶକୁ ସଭିଏଁ ଚାଲି ଯିବେ
ସାଲ୍କି ନଦୀ କୂଳରୁ ଫୁଲ ନେଇ ଯିବେ
ଛିଡ଼ା ହୋଇ ଯେ
ଦିଅଁଙ୍କ ନାମରେ ଘିଅ ପୋଡ଼ାଇବେ ଯେ ॥

ଏହିପରି ଯଜ୍ଞ ବିଧି ଆରମ୍ଭ ହୋଇବ
ସେ ଯଜ୍ଞ ଧୂଆଁ କଳା ମେଘରେ ମିଶିବ
ଏହି କଥା ଯେ
ବଡ଼ ଠାକୁର କାନରେ ପଡ଼ିବ ଯେ ॥

ଭୈରବି ତିନି ଥର ଡ଼ାକ ପୁଣି ଦେବ
ସେ ଡ଼ାକରେ ତିନିପୁର ଉଛୁଳି ପଡ଼ିବ
ଜୀବ ଜଗତର
ଏହା ଶୁଣି ବୁଦ୍ଧି ହଜି ଯିବ ॥

ଶାଗୁଣା, ପେଚା ଘରମଥାନ ଉପରେ ବସିବ
ବିଲୁଆ ଘର ଡ଼ିହରେ ରଡ଼ି ଯେ କରିବ
ସେତେବେଳେ ଯେ
ଧ୍ୱଂସ ର ସମୟ ଆସିବ ଯେ ॥

ଶୁଣ ଗୋ ଚଣ୍ଡିକା ତତେ ମୁଁ ବୁଝାଇ କହୁଛି
ସେତେବେଳେ ଅନ୍ୟ ରୂପ ଧରି ମୁଁ ଆସିବି
ତିନି ପୁର ଯେ
ଲୋକମାନେ ସେ ରୂପ ଦେଖିବେ ଯେ ॥

କଳିକତା କାଳି ଖଡ଼୍ଗ ଧରି ବାହାରିବେ
ଗୋଟିକ ପରେ ଗୋଟି ହାଣି ଯେ ଚାଲିବେ
ସେତେବେଳେ ଯେ
ଦେହ ଧରି କେହି ନ ରହିବେ ଯେ ॥

ସରସ୍ୱତୀଙ୍କ ବେଦପାଠ ଅଜାମି ହୋଇବ
ଗଣେଷଙ୍କ ବିଦ୍ୟା ପାଠ ଶୁଣା ଯେ ନୋହିବ
ବେଳ ଥାଉ ଯେ
ପୁଣି ଅନ୍ଧାର ଘୋଟି ଯିବ ଯେ ॥

ପାଣି ଟିକେ ପିଇବାକୁ ମିଳିବ ଯେ ନାହିଁ
ଚତୁର୍ଦ୍ଦିଗ ଶୂନ୍ୟ ହେବ ଶୁଣ ଚଣ୍ଡିକାଇ
ସୂର୍ଯ୍ୟ ଦେବ ଯେ
ନିଜସ୍ଥାନରୁ ବାହୁଡ଼ିବେ ନାହିଁ ଯେ ॥

ଦାରୁ ରୂପି ଜଗନ୍ନାଥ ପରେ ବିଜେ ହେବେ
ବଳଭଦ୍ର ଲକ୍ଷ୍ମୀ ଦେବୀଙ୍କୁ ସଙ୍ଗେ ନେଇଯିବେ
ଏହିଠାରୁ କଳି ଯୁଗ ସଂପୂର୍ଣ୍ଣ କରିବେ ॥

●

## ଗୀତ ନଂ - ୩୭

ମୂଳ ଗୀତ :-

ବେଜ୍ଞାମୁ ସୁନା ନାଇଁଛିଡ଼ାବାନା ପ୍ରାଣ ସୁମନା
ଏମେ ନାଜୁସିକି ବାଛା ସେଞ୍ଜୁ ସାଇକେଲି ଆହାନା ॥

ସେତୁ ଦିନା ସେତୁ ରତି
ଡ୍ରେତେଂଜୁ ସାଇକେଲି

ସମବାର ବେଣ୍ଡାବେଲା
ଆତେଂଜୁ ସାକଡ଼ି

ବ୍ରଡ଼ି ସୁଗା କେତା ପିଡ଼ାତା
ମାର୍ଗା ମାସେଞ୍ଜୁ

ସିରୁ ମିତାତା ସାୟା ବ୍ଲୁତାବା
ଫଟୋ ନିକ୍ଲାତେଞ୍ଜୁ ॥

ଓଡ଼ିଆ ରୂପ :-

ସ୍ନେହର ଝିଅମାନେ
ସାଙ୍ଗମାନେ ଶୁଣ

ବିଦେଶରୁ ଜଣେ ଭେଣ୍ଡିଆ
ସାଇକେଲ ଧରି ଆସିଲା

ସାତଦିନ ସାତରାତି ସାଇକେଲ ଧରି ବୁଲିଲା
ସୋମବାର ଦିନ ସଂଧ୍ୟାରେ ଦେହ
ତାର ଅବଶ ହେଲା

ବର ଗଛ ତଳେ ଥକ୍କା ମାରି ବସିଲା
ସେଇ ବରଗଛ ତଳେ ଗାଧୋଉ ଥିବା
ଝିଅର ଫଟୋ ତୋଳି ନେଲା

●

## ଗୀତ ନଂ .- ୩୮

ମୂଳଗୀତ :-

ପାରବଦୀ ଈଶ୍ୱର ଗାଣି
ସାତାବା ପ୍ରିତାବା ରଗସିଚାନି
ପାରବଡା ଈଶ୍ୱର ଗାଣି ॥

କେତାଂଗା ଘାତେରୁ ନେଡ଼ାଙ୍ଗ ଗାତେରୁ
ଏୟା ମାଟି ତେରୁ କୁଏରି ଡ଼େଡ଼ି
ପାରବତୀ ଈଶ୍ୱର ଗାଣି ॥

ଆମା ନିଛେ ଶାଶୁ ମାମାଇଁ ଶଶୁର
ବାଇନି ଘାତେରୁ ଏସମାଦେଣୀ
ପାରବତୀ ଈଶ୍ୱର ଗାଣୀ ॥

ଓଡ଼ିଆ ରୂପ :-

ପୂର୍ବ କାଳରେ ଶିବ ପାର୍ବତୀ ଥିଲେ
ପ୍ରଥମରୁ ଲୋକମାନଙ୍କୁ ସେ ଜନ୍ମ ଦେଇଥିଲେ ॥

ଲୋକମାନେ ଜମି ବାଡ଼ି କ୍ଷେତ ତିଆରି କଲେ
ବିଲ ମାନଙ୍କରେ କୁଇରି ମାଣ୍ଡିଆ ଚାଷ ହେଲା ॥

ମାଇଁହେଲା ଶାଶୁ ମାମୁଁ ଯେ ଶଶୁର
ଭଉଣୀକୁ କଲେ ସମୁଦୁଣୀ ॥

●

## ଗୀତ ନଂ - ୩୯

ମୂଳଗୀତ :-

ବେଂଙ୍କାରାଦୁ ଆଡାଥାବା ମନସିଥାନା
ଗାଣିରଣ୍ଡା କାହିନମୁ ଖଂଜାରିଥାନା
ବିକାଲାବା କେବେ କୁନା
ଅଲେଡ଼ା ବାନା ॥

କଡ଼ିକାନି ଡିନାତାରି ଜମସିଲା
ନାଣେବ ନିକେ ପ୍ରେମ ଆତେ ମିଡ଼ା ବେଲା
ବିଙ୍କାଲାବା କେବେକୁନା
ଅଲେଡ଼ା ବାନ ॥

ଗାଟୁଂଗାନୀ ଡିନାତାର ମକମରଧନ
କମସିଲାଂଗେ ଆଟେଂକୁ ପ୍ରେମ ମିଲନ
ଯେଡ଼ ଯିଉ ଆର୍ରୁ ଜୀବନ
ଢେସିଥାନା ମନ ॥

ଓଡ଼ିଆ ରୂପ :-

ଆପଣ ମାନେ ମନଧ୍ୟାନ ଦେଇ ଗୀତଟିଏ ଶୁଣ
ଆମେ ପଦ ଖଞ୍ଜି ଗାଉଛୁ
ଗୀତ ଶୁଣି କେବେ ମନ ଦୁଃଖ କରିବ ନାହିଁ ॥

କଡ଼ିକାନି' ବସ୍ତିର କମସିଲା ଝିଅ
ଭେଣ୍ଡିଆ ସହ ସାଥି ହେଲା
ଗାଟୁଂଗାନୀ ବସ୍ତିର କମରଧନ ସହ ପ୍ରେମ କଲା

ଦୁଇଟି ଜୀବନ ଏକ ହୋଇ
ଆଉ ଏକ ଜୀବନ ସୃଷ୍ଟି ହେଲା ॥

●

ଗୀତ ନଂ -୪୦

## ଫେନୁଗାଣୀ - ଠାକୁର ଗୀତ

ଚୈତନ୍ୟ କହଁର, ବାଲିଗୁଡ଼ା

ମୂଳଗୀତ :-

ଅଦେରି ପେନୁ କାଲି ଜଗା ନାଂଗେ ବୁତୁ ଯାତି
ଆନୁ ଆର୍ପାଡ଼ାଇକା ସାଇ ମାଇଁ
ଡ଼ିବା ଡ଼ାଇକା ସାଇ ମାଇଁ
ଇନୁ ବେଞ୍ଜାରା ଜାତି ॥

ସିରୁ ପୁଙ୍ଗ ତୁଲସୀ ତାପିମାଇ କାସ୍କି କାସ୍କି
ନିପାଦାଡ଼ାଇ ଲାକାଇଞ୍ଜାଇ
ନିକାଡ଼ୁତାନି କୁରାଇଞ୍ଜାଇ
ନାଂଗେ ପୁଞ୍ଜାରା ଜାତି ॥

ପାସେ ନାଇ ବାଗାତା ଏଲୁ ଆରେ ପୁରିତା
ନିପାଡ଼ାଇ ସାଇ ମାଇଁ ନି ପାଦାଡ଼ାଇ ଲାକାଇଞ୍ଜାଇ
ଏ ସାରା ପୁଞ୍ଜାରା ଜାତି ॥

-----o----

ଓଡ଼ିଆ ରୂପ :-

ବଡ଼ ଠାକୁର ଜଗା କାଳିଆ
ଭୂଲି ଗଲୁ ମତେ
ଡ଼ାକି ଡ଼ାକି ମରୁଛି କାନ୍ଦି କାନ୍ଦି ମରୁଛି
ଥରେ ଶୁଣିଲୁ ନାହିଁ ॥

ପାଣି, ଫୁଲ ତୁଳସୀ ଦେଇ
ତୁମ ନାମେ ପୂଜା କରୁଛି
ତୁମ ପାଦେ କେତେ ପ୍ରଣତି ହ଼ାକୁଛି
ମତେ ଚିହ୍ନିଲ ନାହିଁ ॥

ଘରେ ତ ସାଗ ନାହିଁ
ତେଣୁ ଭୋଗ ଦେଉ ନାହିଁ
ତୁମ ନାମେ କେତେ ଜପ କରୁଛି
ତଥାପି ଏ ନିକୃଷ୍ଟ ଜାତିର ଦୁଃଖ ଗଲା ନାହିଁ ॥

## ଗୀତ ନଂ - ୪୧

ଦେବକୁମାର କହଁର, ଦଣ୍ଡିକିଆ.

ମୂଳ ଗୀତ :-

ନାଇ ଜିଉତା-ନିଲା ନାଇ ପରାଣ ତାନିଲା
ରେହାପାନ୍ - ବିସିଡ଼େନୁ ନାଇ ଯେ ଡ଼ାତାନି ॥

ଯେଡ଼ା କାତା ଇସେକା ପୁନାସି ଡ଼ାତେନୁ
ଯେଡ଼ା କାତା ଆତେକା ସଇନେ ଆତେନୁ ॥

ଆତାଲା ଆଡ଼େଲି ବାତେରୁ ଡ୍ରେକା ବୁଲି
ଜଲିତାନି ସେଃତେ ବେଡ଼ା ଗାଦାସିନେ
ଡ଼ହୋନା ଦିନା ଏଥାନି ଏଲୁ ଗାତେ

ଓଡ଼ିଆ ରୂପ :-

ମୋ ଜୀବନରେ ଶାନ୍ତି ନାହିଁ ସୁଖ ନାହିଁ
ମୁ ପ୍ରେମ କଥା କିଛି ଜାଣି ନଥିଲି

ସେ କଥା ପଡ଼ିଲେ ମୁ ରାଗୁ ଥିଲି
ସହି ପାରୁ ନ ଥିଲି ॥

ମୋର ଯୁବା ବୟସ ହେଲା
ଲେଣ୍ଡିଆ ମାନେ ବୁଲି ଆସିଲେ

ପ୍ରେମ କଥା କହି ଫାନ୍ଦେ ପକାଇ ଦେଲେ
ସେ ସବୁକୁ ଆଉ ଭୁଲି ପାରୁ ନ ଥିଲି ॥

●

## ଗୀତ ନଂ - ୪୨

ପୀତବାସ କହଁର, ବାଲିଗୁଡ଼ା.

ମୂଳଗୀତ :-

ମେହେଦୁ ମେହେଦୁ ଆବା ସାଣ୍ଡେରୁ
ମେହେଦୁ ମେହେଦୁ ଆବା କାଣ୍ଡେରୁ
ଇର ମାହେ ପାଙ୍ଗା ମାହେ ସସା ମାଇ ଦିନା ତାରା
ଆକୁ କାଣ୍ଡି ପାକା ବେଲେ ପାନବିସିଡ଼ା ସୁଢ଼େ
ଏସାରି କାତା
ଆବାଡ଼େ---------- ଆଜାଗ---------- ॥
ଇଦେ ଆତେଢ଼େ ସର୍କାରୀ
ସୁଇ ଗୀତେଢ଼େ ପର୍କାରୀ
ଇଦେ ମାଇଁ ଦିନାତା କପ୍ପାଗୀତେରୁ କଲ ଜନ୍ତଙ୍ଗା
ଇଦେ ମାଇଁ ଦିନାତା ଚକାଇଣ୍ଡାନା ଗାଢ଼ି ମନ୍ତ୍ରଙ୍ଗା
ଆବାଢ଼େ --------- ଆଜାଗ ----------- ॥
ଇଦେ ପୁନାତା ସୁସଦୀ
ଏଲୁ ଇଲେ ଏରୁ ବୃଦୀ
ଇଦେ ମାଇଁ ଦିନାତା ଚକାଇଣ୍ଡାନା ଗାଢ଼ି ମନ୍ତ୍ରଙ୍ଗା
ଆବାଢ଼େ -------- ଆଜାଗ ---------- ॥

ଓଡ଼ିଆ ରୂପ :-

ମା ମାନେ ବାପା ମାନେ ଶୁଣ
ଆମ ଦେଶରେ ଜଙ୍ଗଲ ପାହାଡ଼ ଥାଇ
ଆମକୁ କାଠକୁଟା ମିଳୁ ନାହିଁ
ଏହା କେମିତି କଥା ॥

ଏବେକାର ସର୍କାର ନୂଆ କାମ କଲେ ବାହାର
ଆମ ଦେଶରେବସା ଗଲା ପୁଣି କଳ କାରଖାନା
ଆମ ଦେଶରେଚାଲିଲା ପୁଣି ଗାଡ଼ି ମଟର
ଏହା କେମିତି କଥା ॥

●

## ଗୀତ ନଂ- ୪୩

*ଶିବାଜି କହଁର, ବାଲିଗୁଡ଼ା.*

ମୂଳଗୀତ :-

ପେନୁଡ଼େ ଅମାଇ ପେନୁ
ମାଙ୍ଗେ ପୁଞ୍ଜାରା ଜାତି
ଆର୍ସି ଆର୍ସି ସାଇ ନାମୁ
ବେଞ୍ଜାରା ଜାତି ॥
ସରୁବାଡ଼ି ପାଙ୍ଗା ଯୁଡ଼ା
ଗୁଲେ ପିଟାଟି
ସେଣ୍ଡେନେନେ ଟାଡ଼ାଲାଇ
ଗୁଲେ ଦେରାଟି ॥
ଇସିଙ୍ଗି ଆନା ପାଦା ଆଃ ଟାଇ ଦିନା ପିଟାଟି
ସେଣ୍ଡେନେଡ଼େ ଟାଡ଼ାଲାଇ ଗୁଲେ ଦେରାଟି
ନେକାଡ଼ାଇ ଇସିଙ୍ଗି ଆନା ପେନୁ ଦେରାଟି
ଧ୍ରୁବ, ସୁନାମା ଇଂଜାନା ପାଦା ପିଟାଟି ॥

ଓଡ଼ିଆ ରୂପ :-

ହେ ଭଗବାନ ଆମକୁ ଚାହିଁଲ ନାହିଁ
ଡ଼ାକି ଡ଼ାକି ତଣ୍ଟି ସୁଖିଲା
ତଥାପି ଶୁଣିଲ ନାହିଁ ॥
ପାହାଡ଼, ପର୍ବତ, ବନ, ଝରଣା ସବୁଠି ତୁମେ
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସବୁ ତୁମ ସପ୍ନେ
କେମିତି ନାମ ଧରିବୁ ହେ ଜଗତ ପତି
ତିନି ଲୋକେ ତୁମେ ପ୍ରଭୁ ଏକା ଯେ ସତ୍ୟ
ତୁମଠାରେ ଡ଼ାକ ଆମ ହେଉଛି ମିଛ
ଧ୍ରୁବ ସୁଦାମା ଡ଼ାକି ତୁମକୁ ତରି ଗଲେଟି ॥

●

## ଗୀତ ନଂ - ୪୪
## କୁଇ ଗାଣୀ- କୁଇ ଗୀତ

ଚୈତନ୍ୟ କହଁର, ବାଲିଗୁଡ଼ା.

ମୂଳଗୀତ :-

ବାଦୁ ବାଦୁ ବାଦୁ ଅଜା ଆବା କାଣ୍ଡେରୁ
ମେହେଦୁ ମେହେଦୁ ମେହେଦୁ ନାଜୁ
ଇସିଙ୍ଗି ଗାଡେରୁ ॥

ବାଦୁ ଆଜୁ କୁଟୁ ଅନାସୁ
କାଲୁ ଉନ୍‌ବା ତିକି ଗୁବା ଗିନାସୁ
ମାଙ୍ଗେ ଗାହିଲ କୁ ଇଂଜାନା
ମାଙ୍ଗେ କୁଇଲକୁ ଇଂଜାନା
ଗୁଲେଡ଼େ ସାସିଂଗା ମାଙ୍ଗେ
ଗାଡ଼ି ଆଜାଡେରୁ ॥

ମାଙ୍ଗେ ଜିଲ୍ଲା ମାଙ୍ଗେ ଦିନା ଦେଶ
କାଲୁ ଉନବା ଡ଼ାଇ ଆଡେନାସ
ନାଜୁ ଡାନି କକେ ବିଦ୍ୟାଗୟ
ପାଟ ପଢ଼ାଡାନିସିନା ଇୟ
ମାଙ୍ଗେ କୁଇଲକୁ ଇଂଜାନା
ମାଙ୍ଗେ ଗାହିଲକୁ ଇଂଜାନା
ଗୁଲେଡ଼େ ସାସିଂଗା ମାଂଗେ
ଗିଡ଼ି ଆଜାଡେରୁ ॥

ଓଡ଼ିଆ ରୂପ :-

ଆସ ଆସ ବାପା, ମା ଆସ
ଦେଖ ଦେଖ ଆମ ବସ୍ତିକୁ ଲୋକମାନେ
ନଷ୍ଟ କଲେଣି ଦେଖ
ଆସ ଆସ ଏକ ହେବ ମଦ ପାନ ବନ୍ଦ କରିବା
ଆମକୁ ନିଚ ଜାତି କହି ଓଡ଼ିଆ ଘୃଣା କଲେଣି ॥

ଆମ ଦେଶରେ ଆମ ରାଜ୍ୟରେ ଜଙ୍ଗଲ ଥାଇ
ଆମେ କୁଟା ଖଣ୍ଡେ ପାଉ ନାହିଁ
ସରକାର ବିଦ୍ୟାଳୟ ବସାଇଲେଣି
ପାଠ ପଢ଼ିବା, ପଢ଼ାଇବା
ଆମକୁ ନିଚଜାତି କହି ଲୋକ ଘୃଣା କଲେଣି ॥

## ଗୀତ ନଂ - ୪୫ •

ମୂଳଗୀତ :-

କାଲି କାଲି ଡ଼ାଇ ସାଙ୍ଗା ମାନାଡି
ଆଲା ନାଇଁ ଛେଡ଼ାରା ଜାଲି
ଆବା କୁନାସୁ ବିକାଲି
ନାହିଁ ଯେଡ଼ା ରାଜାଲି ॥

ଆମ୍ନାଇଁ ଜେଡ଼ା ଜହାରି
ରନେସି ବାଃଜାସି ଆନୁ ବିଲୁଡ଼ି
ଆବା ସେଲୁ ନିକେ ବେରଡ଼ି
ଦଃପା ସାଜା ମାସି ମାରାଡ଼ି
ସିଡ଼ାତି ଇନୁ ବିଲୁଡ଼ି
ଆବା କୁନାସୁ ବିକାଲି
ନାଇ ଯେଡ଼ାରା ଜାଲି

ଓଡ଼ିଆ ରୂପ :-

ମୁଗୁନି ପଥର ଦେହତୋ ସୁନ୍ଦର
ତୁ ମୋର ଅତି ଆପଣାର
ଦୁଃଖ କର ନାହିଁ
ଭଲ ପାଇବାର ପ୍ରତିଶ୍ରୁତି ନିଅ ॥

ସଂଧ୍ୟାରେ ଯାଇଥିଲି ଦିନେ
ତୋ ସାତେ ପ୍ରୀତି ବୋଲା କଥା ହେବା ପାଇଁ
ମାତ୍ର ତୁ ଥିଲୁ ଜଙ୍ଗଲ ମଧ୍ୟରେ
ଶାଙ୍କ ମଂଜି ଗୋଟାଉ ଥିଲୁ ॥

•

## ଗୀତ ନଂ - ୪୬

ମୂଳଗୀତ :-

ଅନାଇ ଯେଡ଼ାବାନା
ଇସାରି ମାଞ୍ଜାତେ ଯୁରା
ଅନାଇ ଯେଡ଼ାବାନା ॥

ଗ୍ରାମ୍ଭିତେଞ୍ଜୁ କାଲୁ ଉନ୍‌ବା
ଡାଣ୍ଡିତେକା କାଜାଲି ଆବା
କେତାନାଂଗା ଧନ ଦର୍ବ ପ୍ରାସାରାଙ୍ଗା ॥

ପାସେ ନାଇଁ ବାଗାତା
ଡାଣ୍ଡିତେକା କାଜାଲି ଆରା
କେତାନାଂଗା ଧାନ ଭାତ ଦର୍ବନାଂଗା ॥

ଓଡ଼ିଆ ରୂପ :-

ସାଥୀରେ ମୋର ଏ କି ବେଳ ହେଲା
ମଦ ଖାଇ ବେକାର ହେଲି
ବିଲ ବାଡ଼ି ବିକ୍ରି ହେଲା ॥

କେତେ ଧନ ଦ୍ରବ୍ୟ ନଷ୍ଟ କଲି
ସାଥୀରେ ମୁଁ ଦିଗହରା, ପଥ ହରା ॥

ପାଖରେ ପଇସା ନାହିଁ
ଏ କି ଦଶା ହେଲା ॥

•

## ଗୀତ ନଂ - ୪୭

ମୂଳଗୀତ :-

ଲେଡ଼ା ଘାଟି ନାଇଁ ବାବୁ
ଡାସାଦିଆ ମଡ଼େ ବାସନା ସାବୁ
ମିଇ ମା ଗବୁ ଗବୁ ରାଜତି ଆଇମା ବାବୁ ॥

ମିବା ସାବୁନାକା ସାତୁଟା ଡ଼ାତି
ରାଣ୍ଡାନେ ତାଦିମା ଆପୁନା ନାତି
ରାଜତି ପାଇଙ୍ଗା ବିରାଗିତି ॥

ବାଡ଼ାତା ମାନାରୀ ଲୁକୁ ଜଏଲି
ଇଗଜା ଈାଦିନାଙ୍କେ ପ୍ରେମ ଲୁଏଲି
ରାଜତି ଡ଼ଃଚାଡ଼ି ଲୁହାସି କାଲି ॥

ଓଡ଼ିଆ ରୂପ :-

ସ୍ନେହର ବାବୁ ମୋର
ବାସନା ସାବୁନ ଆଣି ମୋତେ ଦେବୁ
ଭଲ ଭାବେ ଗାଧୋଇବି
ତୁ ମତେ ରାଣୀ କରିବୁ ॥

ଗାଧୁଆ ସାବୁନ ସାତଟା ଆଣିଲୁ
ଗୋଟେ ଆଣିଲେ ଚଳି ଥାନ୍ତା
ଅଯଥା ପଇସା ଖର୍ଚ୍ଚ କଲୁ ॥

ମତେ ମନ ପାଏ କାମେଜି କାଂଚଲା
ଆଣି ଥାନ୍ତ ରଂଗୀନ ସାଢ଼ୀ
ହାତେ ମୋ ପକାଇ ଥାନ୍ତୁ ସିକୁଳି ॥

●

## ଗୀତ ନଂ - ୪୮

ମୂଳଗୀତ :-

ଅଲାନାଇ ଅଲାନାଇ ପ୍ରାଣ ରସିକ
ନାଇ କୁଇଟି ମାଂଜାନେ ଇସାରି ସୁକ ॥

ମନ୍ଦିର ତାନି ସାଜାନା ଡ଼ିଞ୍ଜାସ ଦିବା
ବେଲା ଆକା ନଡ଼ିଆଂଗା ଡିଂଜାସ ଦିବା ॥

ଲକ୍ଷ୍ମୀଧର ମିରେଂକୁ ପ୍ରମୋଦ କାଲି ଗାଟାଂକୁ
ଉଂଦ ମାର ସିନ୍ଦୁରୀ ବୁଡ଼ିନି ବୁଦି ଗୀତେଂକୁ ॥

କାଡ଼ା ସାଜି ସାଜିଡ଼େ ମିଆନେର ଆର୍ସାନାଇ
ବୁଡ଼ି ନାଇ ସୁନା ଦୋଷ ମୁଁ କ୍ଷମା
ନିନ୍ଦା ପନ୍ଦା ଆରମ୍ଭ ଗିନା ସନିମାଡ୍ରାଣା ॥

ଓଡ଼ିଆ ରୂପ :-

ମୋର ଦୋଷ କ୍ଷମା କରି ଆସ
ନାଚ ଗୀତ ଡ୍ରାମା କରିବା ॥

ମୋର ପ୍ରାଣଧନ, ମୋର ଦୁଃଖ ଶୁଣ
ମନ୍ଦିରରେ ସଂଜ ଦେଇ ॥

ନଡ଼ିଆ ବାଡ଼େଇ ମତେ ପ୍ରେମ କଲୁ
ଲକ୍ଷ୍ମୀଧର ପୁଅ ସହ ପ୍ରେମ କଲୁ ॥

ସେ ତତେ ଠକେଇ ଦେଲା
ମୁଁ ତତେ ଚାହିଁଛି, ଆସ ॥

●

## ଗୀତ ନଂ - ୪୯

ମୂଳଗୀତ :-

ଚାଲେ ବୟସୀ ଡ଼ାଳିମ୍ବ କସି
ଗୀତ ଗାଇଲେ ଜୀବ ଶାନ୍ତି
ଆକୁଲ ପତର କୁଡ଼ି
ମତେ ଡ଼ାକୁତିଲୁ ବାସନ୍ତି ବୋଲି
ମଲ୍ଲିଫୁଲ ଗୁଂଛି ଥିଲି ॥

ନଇ ଯିବ ହାତେ ବିତେ
ପିନ୍ଧିଲା ଗୋନକେ ନେଇ ଯା ମତେ
ଚନା ଦେକିତିବି ତତେ ॥

ଡ଼ଂଗର ଉପରେ ବାଜେ
ତମେ ଦେଲା ପାନ ନ କାଏ ଲାଜେ
ଟକିଲି ମାରିଚ କାଜେ ॥

ଗାଈ ଛାଡ଼ିଦିଅ ଗୋରୁ
ବାଇ ଚାଡ଼ିଦିଅ ଅଣ୍ଡାକି ପଡ଼ୁ
ସଏ ସଂପା ଫୁଲ ଜୋଡ଼ୁ ॥

ନଡ଼ିଆ ଗଛର ଚେର,
ଗୀତ ନ ଜାଣିଲେ ମୋ ପାଦେ ପଡ଼
ଲେଖିଦେବି ସ୍ୱର, ସର ॥

ଓଡ଼ିଆ ରୂପ :-

ମୁଁ ଷୋଳ ବୟସୀ, ଡ଼ାଳିମ୍ବ କସି
ଗୀତଗାଇଲେ ଦେବି ଶାନ୍ତି ॥

କେନ୍ଦୁ ପତ୍ର ଖୁଣ୍ଟୁ ଥିଲି
ଡ଼ାକିଲୁ ତୁ ମତେ ବାସନ୍ତି ବୋଲି
ମଲ୍ଲୀ ହାର ପିନ୍ଧି ଥିଲି ॥

ପାହାଡ଼ ଉପରେ ବାଇଦ ବାଜେ
ଦେଇଥିବା ପାନ ନଖାଏ ଲାଜେ
ଟିକିଲି ମାରିଚି ମୁଣ୍ଡେ ॥

ଡ଼ଂଗରକୁ ଛାଡ଼ ଗୋରୁ
ବାଳ ଛାଡ଼ି ଦିଅ ଅଣ୍ଟାକୁ ପଡ଼ୁ
ଖୋସେ ଚଂପା ଫୁଲ ମାରୁ ॥

ନଡ଼ିଆ ଗଛର ଚେର
ଗୀତ ନ ଜାଣିଲେ ମୋ ପାଦେ ପଡ଼
ଲେଖି ଦେବି ସୂର ତାଳ ॥

●

## ଗୀତ ନଂ -୫୦

## ସାକଡ଼ି ଗିନେ - ଶାନ୍ତି ଚାହୁଁ

*ଶିଳ୍ପୀ :- ଭଗବତ ଦିସାରୀ, ବାଟା ଗୁଡ଼ା.*

ମୂଳଗୀତ :-

ସାକଡ଼ି ଗାଟାସୁ ଆଲୁ ଇଦିନାଇକୁ
ବିହାଇସି ଡ଼େମାଜାରା ବିକାଲି ଦୂକୁ
ପାଟ ପଡ଼ି ଆବାତାଂଗୀ ମିଡ଼ାକାନି ପାଟକିନାସୁ
ମାଷ୍ଟ୍ର ପଡ଼ି ଗିଆତେକା ଆଳୁ ପ୍ଲାପିସିଡ଼ାସୁ ॥

ସରପଞ୍ଚ ଏମେଲାଇ ଭୋଟ ସିପକା ମାନାସୁ
ଭୋଟ ସିଆନା ଜେଡ଼ା ପାନବିଡ଼ାସୁ
ସାକନି ଗାଟାସୁ ଆଳୁ ଇଦିନାଇକୁ ॥

ଓଡ଼ିଆ ରୂପ :-

ଏଇ ଗାଁ ଲୋକ ଆମେ ଶାନ୍ତ ସରଳ
ହେଲେ ଆମ ଦୁଃଖ କଷ୍ଟ ସରୁ ନାହିଁ ॥
ପାଠ ପଢ଼ିବାକୁ ପିଲା ମାନଙ୍କୁ ପଠାଉଛୁ
ଶିକ୍ଷକ ପାଠ ନ ପଢ଼ାଇଲେ
ଆମେ କିଛି କହି ପାରୁ ନାହୁଁ ॥
ସରପଞ୍ଚ ଏମେଲେଙ୍କୁ ଭୋଟ ଦେଉଛୁ
ତାଙ୍କ ଠାରୁ ଆମେ କିଛି ସାହାଯ୍ୟ ପାଉ ନାହୁଁ ॥

●

# -ତୃତୀୟ ଭାଗ-

# କନ୍ଧ ବାଦ୍ୟଯନ୍ତ୍ର

## କନ୍ଧ ବାଦ୍ୟଯନ୍ତ୍ର

ବହୁ ପ୍ରାଚୀନ କାଳରୁ ଲୋକ ମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ସୃଷ୍ଟି ହୋଇଥିବା ବାଦ୍ୟ ଯନ୍ତ୍ରକୁ ଲୋକବାଦ୍ୟ କୁହାଯାଏ । ଭାରତ ବର୍ଷର ସଂଗୀତ ଜଗତରେ ଅନେକ ବାଦ୍ୟ ଦେଖିବାକୁ ମିଳେ । ଏଇ ବାଦ୍ୟ ଗୁଡ଼ିକ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇଥିବାରୁ ଏହାକୁ ଲୋକବାଦ୍ୟ କୁହାଯାଏ । ଲୋକବାଦ୍ୟ ମାଂଗଳିକ କର୍ମକାଣ୍ଡ, ଧାର୍ମିକ ଅନୁଷ୍ଠାନ ସାଂଗକୁ ମନୋରଂଜନ ପାଇଁ ଉଦ୍ଦିଷ୍ଟସଂଗୀତ କଳା ସହ ମିଶି ମଣିଷ ସମାଜକୁ ଉତ୍କର୍ଷତାରେ ବୁଡ଼ାଇ ରଖେ । ସାଧାରଣତଃ ଲୋକଗୀତ ସହ ଲୋକ ବାଦ୍ୟ ସଂପର୍କ କେବଳ ନିବିଡ଼ ନୁହେଁ ବରଂ ଲୋକ ପରଂପରା ଓ ଲୋକ ସଂସ୍କୃତି ସହ ଏହାର ସଂପର୍କ ଅଙ୍ଗାଙ୍ଗୀ ମନେ ହୁଏ । ଭାରତ ବର୍ଷର ସଂଗୀତ କ୍ଷେତ୍ରରେ ତବଲା, ମୃଦଂଗ, ପଖୱାଜ, ସୀତାର, ବଂଶୀ, ଏସରାଜ, ସାରଂଗୀ, ସାହାନାଇ ପ୍ରଭୃତି ବାଦ୍ୟ ପରଂପରା ଭଳି ଓଡ଼ିଶାରେ ମଧ୍ୟ ବହୁତ ଲୋକ ବାଦ୍ୟ ଦୃଷ୍ଟିକୁ ଆସେ ।

ଲୋକ ସଂଗୀତ ପାଇଁ ତଥା ସଂଗୀତକୁ ଅଧିକ ରୁଚି ପୂର୍ଣ୍ଣ କରିବା ପାଇଁ ଲୋକମାନଙ୍କ ଦ୍ୱାରା ଆଦୃତ ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ରକୁ ଲୋକ ବାଦ୍ୟ କୁହାଯାଏ । ଓଡ଼ିଶାର ଫୁଲବାଣୀ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କନ୍ଧ ଆଦିବାସୀ ମାନଙ୍କ ମଧ୍ୟରେ ପ୍ରଚଳିତ ତଥା ସେମାନଙ୍କ ସଂଗୀତ, ନୃତ୍ୟ ସହ ବ୍ୟବହୃତ ହୋଇ ଆସିଥିବା ଭିନ୍ନ ଭିନ୍ନ ବାଦ୍ୟମାନ କନ୍ଧ ସଂପ୍ରଦାୟର ଲୋକ ବାଦ୍ୟ ଭାବରେ ଗ୍ରହଣୀୟ । ଏହି ବାଦ୍ୟ ଗୁଡ଼ିକ ସମ୍ବନ୍ଧରେ ସମ୍ୟକ ବିବରଣୀ ନିମ୍ନଲିଖିତ ତାଲିକା ଅନୁକ୍ରମରେ ଦ୍ରଷ୍ଟବ୍ୟ ।

| | | |
|---|---|---|
| ୧ - | ଢେଁକା - | ଦେଶିଆ କନ୍ଧ ଫୁଲବାଣୀ |
| ୨ - | ଡୁଂଡୁଣୀ - | ଦେଶିଆ କନ୍ଧ ଲକ୍ଷ୍ମୀପୁର |
| ୩ - | ଡୁଂଡୁଣୀ - | ଡଂଗରିଆ କନ୍ଧ ଖମ୍ବେସୀ |
| ୪ - | କେନ୍ଦରା - | ଦେଶିଆ କନ୍ଧ ଫୁଲବାଣୀ |
| ୫ - | ଢୋଲକ - | ଦେଶିଆ କନ୍ଧ ଫୁଲବାଣୀ |
| ୬ - | ଚାଙ୍ଗୁ - | ଦେଶିଆ କନ୍ଧ ଫୁଲବାଣୀ |
| ୭ - | ଟାମକ୍ - | ଦେଶିଆ କନ୍ଧ ଫୁଲବାଣୀ |
| ୮ - | ଖଂଜରି - | ଦେଶିଆ କନ୍ଧ ଫୁଲବାଣୀ |
| ୯ - | ଡାଡାମ - | କୁଟିଆ କନ୍ଧ ବେଲଘର |
| ୧୦- | ଟାପକା - | କୁଟିଆ କନ୍ଧ ବେଲଘର |
| ୧୧- | ବଡ଼ ବାଜା - | ଦେଶିଆ କନ୍ଧ ଲକ୍ଷ୍ମୀପୁର |
| ୧୨- | ଡାମ୍ପ - | ଡଂଗରିଆ କନ୍ଧ ଖମ୍ବେସୀ |
| ୧୩- | ପିଣ୍ଡିମ୍ - | କୁଟିଆ କନ୍ଧ ବେଲଘର |
| ୧୪- | ଢୋଲ - | ଦେଶିଆ କନ୍ଧ ଫୁଲବାଣୀ |
| ୧୫- | ମହୁରି - | ଦେଶିଆ କନ୍ଧ ଫୁଲବାଣୀ |
| ୧୬- | କମା - | କୁଟିଆ କନ୍ଧ ବେଲଘର |
| ୧୭- | ବଂଶୀ - | ଦେଶିଆ କନ୍ଧ ଫୁଲବାଣୀ |
| ୧୮- | ବାଶୀ - | କୁଟିଆ କନ୍ଧ ବେଲଘର |
| ୧୯- | ଗାଣି ଲାଉଡ଼ି - | କୁଟିଆ କନ୍ଧ ବେଲଘର |
| ୨୦- | ଝାଞ୍ଜଙ୍ଗ୍ - | ଡଂଗରିଆ କନ୍ଧ ପାର୍ସାଲି |
| ୨୧- | ଟରଡ଼କି - | କୁଟିଆ କନ୍ଧ ବେଲଘର |

ଉପରୋକ୍ତ ପ୍ରତ୍ୟେକ ବାଦ୍ୟ ଯନ୍ତ୍ରର ଗଠନ ପ୍ରଣାଳୀ ଚିତ୍ର ସହ ଦର୍ଶାଇ ଦିଆଯାଇ ଅଛି ଏବଂ ସଂପୃକ୍ତ ବାଦ୍ୟ ଗୁଡ଼ିକ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ଆଦିବାସୀ କଳା ମଣ୍ଡପରେ ସଂରକ୍ଷଣ କରାଯାଇଛି ।

ଏହି ବାଦ୍ୟ ଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଏଗୁଡ଼ିକ ମୋଟାମୋଟି ଭାବେ ଦୁଇ ବର୍ଗରେ ବିଭକ୍ତ । ଯଥା :- ପ୍ରଥମ ବର୍ଗର ବାଦ୍ୟଯନ୍ତ୍ର ଗୁଡ଼ିକ ସ୍ୱର (NOTE) ଯନ୍ତ୍ର ଏବଂ ଦ୍ୱିତୀୟ ବର୍ଗର ଯନ୍ତ୍ର ଗୁଡ଼ିକ ତାଳ (Ry-thm) ବାଦ୍ୟରେ ବିଭକ୍ତ କରାଯାଇ ପାରେ । ପ୍ରଥମ ବର୍ଗର ବାଦ୍ୟଯନ୍ତ୍ର ଗୁଡ଼ିକ, ଯଥା :- ଦେଶିଆ କନ୍ଧ ମାନଙ୍କ ଢେଁକା, ଡୁଂଡୁଣୀ ତଥା ଡଂଗରିଆ କନ୍ଧ ମାନଙ୍କର ଡୁଂଡୁଣୀ । ଏହି ବାଦ୍ୟ ଗୁଡ଼ିକ ଉଭୟ ଗାୟନ ଓ ନର୍ତ୍ତନକୁ ସ୍ୱର ସାହାଯ୍ୟରେ ଅଧିକ ରୁଚିପୂର୍ଣ୍ଣ କରାଇବା ପାଇଁ ସୃଷ୍ଟି ହୋଇଥିବାର ଜଣାଯାଏ । ଦ୍ୱିତୀୟ ବର୍ଗର ବାଦ୍ୟ ଗୁଡ଼ିକ ଯଥା, ଢୋଲକି, ଟାମକ, ବଡ଼ବାଜା,ଟାପକା,ନିସାନି ଇତ୍ୟାଦି ସଂପୃକ୍ତ ସଂଗୀତକୁ ତାଳ ଓ ଲୟ ନିୟନ୍ତ୍ରିତ ତଥା ସୁବ୍ୟବସ୍ଥିତ କରିବା ପାଇଁ ଉଦ୍ଦିଷ୍ଟ ।

ପ୍ରଥମ ବର୍ଗର ସ୍ୱରବାଦ୍ୟ ଗୁଡ଼ିକୁ ସେମାନଙ୍କ ଗୁଣ ଓ ଧର୍ମର ଆଧାର ଉପରେ ତିନି ଉପବର୍ଗରେ ବିଭକ୍ତ କରାଯାଇ ପାରେ, ଯଥା :-

୧ମ ଉପବର୍ଗ - ବାୟୁ ସାହାଯ୍ୟରେ ବାଦନ ହେଉଥିବା ସ୍ୱର ଯନ୍ତ୍ର , ଯଥା :- ଦେଶିଆ କନ୍ଧ ମାନଙ୍କ ବଂଶୀ ଓ କୁଟିଆ କନ୍ଧ ମାନଙ୍କ ବାଶୀ ଓ ସିଂଗା । ଏହାକୁ ପାଟିରେ ପବନ ଦ୍ୱାରା ବାଦନ କରାଯାଏ । ଦେଶିଆ କନ୍ଧ ମାନଙ୍କର ମହୁରୀ ମଧ୍ୟ ଏହି ଶ୍ରେଣୀ ଅନ୍ତର୍ଗତ ।

୨ୟ ଉପବର୍ଗ - ଏହା ଆଘାତ ସାହାଯ୍ୟରେ ବାଦନ କରାଯାଇଥାଏ । ବିଶେଷ କରି ତାର ଯୁକ୍ତ ବାଦ୍ୟ, ଯଥା :- ଡୁଂଡୁଣୀ ଓ ଢେଁକା, ଏହି ବାଦ୍ୟରେ ହାତ ସାହାଯ୍ୟରେ ତାରକୁ ଆଘାତ କରାଯାଏ ।

୩ୟ ଉପବର୍ଗ - ଯାହା ଘର୍ଷଣ ସାହାଯ୍ୟରେ ବାଦନ କରାଯାଏ । ଯଥା :- ଦେଶିଆ କନ୍ଧ ମାନଙ୍କର କେନ୍ଦରା ।

ଦ୍ୱିତୀୟ ବର୍ଗର ତାଳବାଦ୍ୟ ଯଥା - କୁଟିଆ କନ୍ଧମାନଙ୍କ ଟାପକା, ମାଦା ଟାପକା, ପିଣ୍ଡିମ୍ ଓ ଡଂଗରିଆ କନ୍ଧ ମାନଙ୍କ ଡ଼ାମ ତଥା ନିସାନୀ ଓ ଦେଶିଆ କନ୍ଧମାନଙ୍କ ଚାଙ୍ଗୁ, ଢୋଲକି, ମୃଦଙ୍ଗ, ବଡ଼ବାଜା ଓ ଟାମକ ଗୁଡ଼ିକୁ ମଧ୍ୟ ପୁନଶ୍ଚ ଦୁଇ ଉପବର୍ଗରେ ବିଭକ୍ତ କରାଯାଇ ପାରେ । ଯଥା :-

୧ମ ଉପବର୍ଗ - ଯେଉଁ ବାଦ୍ୟର ସମ୍ମୁଖ ଭାଗ ଉଭୟ ପାର୍ଶ୍ୱରେ ଚମଡ଼ାର ବନ୍ଧେଇ ହୋଇଥାଏ, ଯଥା - ଢୋଲ, ଚାଙ୍ଗୁ, ଟାମକ, ବଡ଼ବାଜା, ଟାପକା ବାଦ୍ୟ । ଏହି ବାଦ୍ୟ ଗୁଡ଼ିକୁ ଅବନଦ୍ଧ କୁହାଯାଏ । ଏହି ବାଦ୍ୟ ଗୁଡ଼ିକୁ ହାତରେ ବା କାଠି ସାହାଯ୍ୟରେ ବାଦନ କରାଯାଇ ସଂପୃକ୍ତ ସଂଙ୍ଗୀତର ତାଳ ବା ଲୟର ସୁରକ୍ଷା କରାଯାଇ ଥାଏ ।

୨ୟ ଉପବର୍ଗ - ଦେଶିଆ କନ୍ଧ ମାନଙ୍କର ଝାନ୍ଜ ଓ କୁଟିଆ କନ୍ଧ ମାନଙ୍କ ଗାଣି-ଲାଉଡ଼ି ତଥା ଡଂଗରିଆ କନ୍ଧ ମାନଙ୍କର ଜାଂଜିଂ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ବାଦ୍ୟ ଗୁଡ଼ିକ ମାଧ୍ୟମରେ ସଂପୃକ୍ତ ସଂଙ୍ଗୀତର ମୁଖ୍ୟତଃ ଲୟର ସୁରକ୍ଷା କରାଯାଇ ଥାଏ । ଏହି ବାଦ୍ୟ ଗୁଡ଼ିକ ଆମ୍ଭମାନେ ସଂଗୀତର ପ୍ରତ୍ୟେକ ମାତ୍ରାକୁ ଅବଗତ କରାଇବା ସହ ଲୟକୁ ସୁନିୟନ୍ତ୍ରିତ କରାଇଥାଏ । ସଂପୃକ୍ତ ସଂଗୀତର ପ୍ରତ୍ୟେକ ମାତ୍ରାରେ ଏହି ଯନ୍ତ୍ର ମାଧ୍ୟମରେ ଆଘାତ ଦେବା ଦ୍ୱାରା ତାହା ସଂପୃକ୍ତ ସଂଗୀତର ଲୟ ସୁରକ୍ଷା କରାଇବା ସହ ତାଳ ବାଦ୍ୟର ଭୂମିକା ଗ୍ରହଣ କରିଥାଏ ।

ଭରତ ମୁନି ପ୍ରାୟ ଖ୍ରୀଷ୍ଟୀୟ ୧ମ ଶତାବ୍ଦୀରେ ତାଙ୍କ ପ୍ରଣୀତ ନାଟ୍ୟଶାସ୍ତ୍ର ଗ୍ରନ୍ଥରେ ମଧ୍ୟ ବାଦ୍ୟର ଚାରି ବର୍ଗ ସଂବନ୍ଧରେ ଉଲ୍ଲେଖ କରିଛନ୍ତି । ଯଥା :-

କ - ''ତତଂ ଚୈବାବନଦ୍ଧଂ ଚ ଘନଂ ଶୁଷିରମେବଚ
ଚତୁର୍ବିଧଂ ଚ ବିଜ୍ଞେୟ ମାତୋଦ୍ୟଂ ଲକ୍ଷଣା ନ୍ୱିତମ''
(ନା, ଶା, ପୃ-୧୩୩ ଓ. ସା. ଏକାଡ଼େମୀ)

ଖ - ''ତତଂ ତନ୍ତ୍ରୀ ଗତଂ ଜ୍ଞେୟମବନଦ୍ଧଂତୁ ପୌଷ୍କରମ୍
ଘନସ୍ତୁତାଳୋ ବିଜ୍ଞେୟଃ ଶୁଷିରୋ ବଂଶ ଏବଚ''
( ନା. ଶା. ପୃ- ୧୩୩/୩୪ ଓ. ସା. ଏକାଡ଼େମୀ)

ଅର୍ଥାତ :- ସମସ୍ତ ତାର ବାଦ୍ୟ ଗୁଡ଼ିକ ତତ୍ ବାଦ୍ୟ ଅନ୍ତର୍ଗତ । ଚର୍ମ ନିର୍ମିତ ବାଦ୍ୟ ଗୁଡ଼ିକ ଅବନଦ୍ଧ ବାଦ୍ୟ ଅନ୍ତର୍ଗତ । କଂସା ପିତଳ ନିର୍ମିତ ବାଦ୍ୟ ଘନ ବାଦ୍ୟ ଅନ୍ତର୍ଗତ ।ବଂଶୀଶୁଷିର ବାଦ୍ୟ ଅନ୍ତର୍ଗତ ।

ମଧ୍ୟ ଯୁଗୀୟ ସଂଗୀତ ବିଦ୍ୱାନ ପଣ୍ଡିତ ଶାର୍ଙ୍ଗଦେବ ତ୍ରୟୋଦଶ ଶତାବ୍ଦୀରେ ତାଙ୍କ ସଂଗୀତ ରତ୍ନାକର ଗ୍ରନ୍ଥରେ ଅନୁରୂପ ମନ୍ତବ୍ୟ ପ୍ରଦାନ କରନ୍ତି, ଯଥା :-

ଚମର୍ବନଦ୍ଧବଦନ ମବନଦ୍ଧଂତୁ ବାଦ୍ୟତେ

ଘନେ ମୂର୍ତ୍ତିଃ ସାଭିଧାତା ଦ୍ୱଧତେତ୍ରୟତତ୍ ଘନମ୍ ।

ଭାରତୀୟ ଶାସ୍ତ୍ରୀୟ ସଂଗୀତ ଜଗତର ମନିଷୀ ଗଣ ସେମାନଙ୍କ ଶାସ୍ତ୍ରରେ ଫୁଙ୍କିବା ଦ୍ୱାରା ବାଦନ କରାଯାଉଥିବା ବାଦ୍ୟକୁ ଶୁଷିର ବାଦ୍ୟ ଓ ଆଘାତ ଦ୍ୱାରା ବାଦନ କରାଯାଉଥିବା ବାଦ୍ୟକୁ ତତ୍ ବାଦ୍ୟ କୁହନ୍ତି ।

ଆଉ କେତେକ ବିଦ୍ୱାନ ଏହି ତତ୍ ବାଦ୍ୟକୁ ଦୁଇ ବର୍ଗରେ ବିଭକ୍ତ କରିଛନ୍ତି ଯଥା :- ଆଘାତ ଜନିତ ବାଦ୍ୟ ତତ୍ ବାଦ୍ୟ ଓ ଘର୍ଷଣ ଜନିତ ବାଦ୍ୟ ବିତତ୍ ବାଦ୍ୟ ଅନ୍ତର୍ଗତ ।

ମୋଟ ବାଦ୍ୟର ଚାରି ବର୍ଗ ଥିବା ବିଷୟରେ ଭାରତୀୟ ସଂଗୀତ ଶାସ୍ତ୍ରକାର ମାନେ ଗ୍ରହଣ କରିଛନ୍ତି ।

ଯଥା :- ବାଦ୍ୟଂ ଚତୁର୍ବିଧଂ ପ୍ରୋକ୍ତ ତତ୍ ମାନଦ୍ଧ ମେବଚ

ଶୁଷିରଂ ଚ ଘନଂ ଚୈବ ମିଥ୍ୟାଂ ବାଦ୍ୟଂ ଚତୁର୍ବିଧମ୍

ବାଦ୍ୟର ସେଇ ଚାରିବର୍ଗ ହେଲା

ତତ୍, ଅନଦ୍ଧ ବ ଅବନଦ୍ଧ, ଘନ ଓ ଶୁଷିର।

ଉପର ଲିଖିତ ଶ୍ଳୋକ ଗୁଡ଼ିକରୁ ଜଣାଯାଏ ଯେ ଭାରତରେ ଶାସ୍ତ୍ରୀୟ ସଂଗୀତରେ ବ୍ୟବହୃତ ହେଉଥିବା ବିଭିନ୍ନ ବାଦ୍ୟ ଯଥା :- ତାନପୁରା, ବୀଣା, ସୀତାର, ଏସରାଜ, ସରୋଦ, ବେହେଲା, ତବଲା, ମୃଦଙ୍ଗ, ମହୁରୀ, ସାହାନାଇ, ମଂଜିରା ଇତ୍ୟାଦିକୁ ତତ୍ୱବିତ୍‌ଗଣ ଯେପରି ଚାରି ବର୍ଗ କରିଚନ୍ତି ସେଇ ଦୃଷ୍ଟିରୁ ସଂପୃକ୍ତ କନ୍ଧ ଆଦିବାସୀ ସଂପ୍ରଦାୟର ଲୋକ ବାଦ୍ୟକୁ ଚାରିବର୍ଗ କରାଯାଇ ପାରେ ।

ଯଥା :- ତତ୍ ବାଦ୍ୟ - ଦେଶିଆ କନ୍ଧ ମାନଙ୍କ ଢେଁକା, ଡୁଡୁଣୀ, ଡଂଗରିଆ କନ୍ଧ ମାନଙ୍କ ଡୁଂଡୁଣୀ ।

ଶୁଷିର - ପବନ ସାହାଯ୍ୟରେ ବାଦନ କରାଯାଇଥିବା ଦେଶିଆ କନ୍ଧ ମାନଙ୍କ ମହୁରୀ, ବଂଶୀ ଓ କୁଟିଆ କନ୍ଧ ମାନଙ୍କ ବାଂଶି ଓ ସିଂଗା ।

ଅବନଦ୍ଧ - ଦେଶିଆ କନ୍ଧ ମାନଙ୍କ ଚାଙ୍ଗୁ, ବଡ଼ ବାଜା, ଟାମୁକ୍, ମୃଦଙ୍ଗ, କୁଟିଆ କନ୍ଧ ମାନଙ୍କ ଡାଡ଼ାମ୍, ଚାପକା ଓ ଡଂଗରିଆ କନ୍ଧ ମାନଙ୍କ ଡାମ୍ପ ଓ ନିସାନୀ ।

ଘନବାଦ୍ୟ - କୁଟିଆ କନ୍ଧ ମାନଙ୍କ ଗାଣୀ-ଲାଉଡ଼ି, ଦେଶିଆ କନ୍ଧଙ୍କ ଝାନ୍ଜ ଓ ଡଂଗରିଆ କନ୍ଧମାନଙ୍କ ଜାଂଜିଂ ଏହି ଶ୍ରେଣୀ ଅନ୍ତର୍ଗତ ।

ଓଡ଼ିଶାର ସମଗ୍ର ବାଷଠି ଜନଜାତିଙ୍କ ମଧ୍ୟରେ କନ୍ଧମାନଙ୍କ ଲୋକ ବାଦ୍ୟର ଗୋଟିଏ ବଳିଷ୍ଠ ପରଂପରା ରହିଛି । ଫୁଲବାଣୀ ଜିଲ୍ଲାର ଦେଶିଆ କନ୍ଧ ମାନଙ୍କର ବଂଶି, ଢ଼େଁକା, ଟାଙ୍ଗୁ, ଢ଼ୋଲକି ଓ ଲକ୍ଷ୍ମୀପୁର ଅଞ୍ଚଳର ଦେଶିଆ କନ୍ଧମାନଙ୍କର ତୁଂତୁଣୀ, ଟାଙ୍ଗୁ ଓ ବଡ଼ ବାଜାର ପ୍ରଚଳନ ଥିବା ବେଳେ କୁଟିଆ କନ୍ଧ ସମାଜରେ ଗାଣି-ଲାଉଡ଼ି, ବାଂଶୀ, ସିଂଗା, ଟାପକା, ମାଦାଟାପକା, ଡାଡାମ ଓ ପିଣ୍ଡିମ୍ ବାଦ୍ୟର ପ୍ରଚଳନ ଅଛି । ଡଂଗରିଆ କନ୍ଧମାନଙ୍କ ଲୋକ ବାଦ୍ୟ ହେଲା ଡାମ୍ଫ, ପିଣ୍ଡିମ୍, ତୁଂତୁଣୀ, ଛାଂଛିଂ ଇତ୍ୟାଦି । ଏହି ବାଦ୍ୟ ଗୁଡ଼ିକରୁ କେତେକ ପର୍ବ-ପର୍ବାଣି ପାଇଁ, କେତେକ ଜଙ୍ଗଲର ଫସଲକୁ ପଶୁ ଦାଉରୁ ରକ୍ଷା କରିବା ପାଇଁ, କେତେକ ଶିକାର ପାଇଁ ଓ ଆଉ କେତେକ ସାମୂହିକ ଆନନ୍ଦ ଚର୍ଯ୍ୟା ପାଇଁ ଉଦ୍ଦିଷ୍ଟ ହୋଇଥାଏ । କନ୍ଧ ସମାଜରେ ଗୀତ ସହ ବାଦ୍ୟର ଏକ ବଳିଷ୍ଠ ପରଂପରା ରହିଛି । କେତେକ ବାଦ୍ୟ ବୃନ୍ଦ ବାଦନରେ ଓ ଆଉ କେତେକ ବାଦ୍ୟ ଏକକ ଭାବେ ବ୍ୟବହୃତ ହୋଇ ଥାଏ ।

ଗୀତରେ ଲୟ ବା ।(Rythm)।ର ଭାରସାମ୍ୟ ରକ୍ଷା ନିମିତ୍ତ ବାଦ୍ୟର ଉପଯୋଗ ହୋଇଥାଏ । ବାଦ୍ୟ ମାଧ୍ୟମରେ ନିର୍ଦ୍ଦିଷ୍ଟ ଗୀତ ପାଇଁ ନିର୍ଦ୍ଦିଷ୍ଟ ତାଳର ପ୍ରଚଳନ ଥାଏ । ଯାହା ଫଳରେ ଗୀତ ସଂଗୀତର ଛନ୍ଦ ମାଧୁରୀରେ ରୂପାନ୍ତରିତ ହୋଇଥାଏ । ଏହା ଦ୍ୱାରା ଗୀତର ଉତ୍କର୍ଷତା ବୃଦ୍ଧି ପାଉଥାଏ । ତେଣୁ ଗୀତରେ ବାଦ୍ୟ ହେଉଛି ମାପ କାଠି ଯାହା ଗୀତ ଓ ବାଦ୍ୟର ବାଣୀ ମାଧ୍ୟମରେ ଏକ ସମନ୍ୱୟ ରକ୍ଷା କରେ, ଯାହାକୁ ଲୟ କୁହାଯାଏ । ତେଣୁ ସମୟର ମାପକାଠିକୁ ତାଳ କୁହାଯାଏ । ଗୀତ ସହ ବାଦ୍ୟର ଉପଯୋଗ କନ୍ଧ ସଭ୍ୟତାର ସାଂସ୍କୃତିକ ବିକାଶର ମୁଖ୍ୟ ହେତୁ ।

କନ୍ଧ ସମାଜରେ ଡାମ୍ଫ, ଟାପକା, ପିଣ୍ଡିମ୍ ଇତ୍ୟାଦି ନୃତ୍ୟସହ ଯୋଗସୂତ୍ର ରକ୍ଷା କରେ । ବିନା ବାଦ୍ୟରେ କନ୍ଧମାନଙ୍କର ନୃତ୍ୟ ଗୀତ ସମ୍ଭବ ହୁଏ ନା । ଏମାନଙ୍କ ମଧ୍ୟରେ କେତେକ ବାଦ୍ୟ କେବଳ ବର୍ଷରେ ଥରେ ବାହାରେ ଓ ସର୍ବଦା ସଦର ଘରେ ରହିଥାଏ । ଉଦାହରଣ - ଡାମ୍ଫ, ପିଣ୍ଡିମ୍ ଇତ୍ୟାଦି ।

ଶେଷରେ କେତୋଟି କଥା ଉଲ୍ଲେଖନୀୟ :-

(୧) କନ୍ଧମାନଙ୍କର ଲୋକ ବାଦ୍ୟ କେତେକ କ୍ଷେତ୍ରରେ ସମାନ ଥାଏ ମାତ୍ର ନାମ ଭିନ୍ନ ଥାଏ । ଦେଶିଆ କନ୍ଧ ଟାଙ୍ଗୁ କହୁଥିବା ବେଳେ, କୁଟିଆ କନ୍ଧ ଏଇ ବୃତ୍ତାକାର ଛେଳି ଚମଡ଼ା ବାଦ୍ୟକୁ ଡାଡାମ୍ କହନ୍ତି ଓ ଡଂଗରିଆ କନ୍ଧ ଏଇଟିକୁ ଡାମ୍ଫ କହନ୍ତି ।

(୨) ବାଦ୍ୟ ବାଦନ ପୂର୍ବରୁ ପୂଜା କରିବା ବିଧି କନ୍ଧ ସମାଜ ଗୁଡ଼ିକରେ ପ୍ରଚଳିତ ଅଛି ।

(୩) ସାଂପ୍ରତିକ ଯୁଗରେ କନ୍ଧମାନଙ୍କର କେତେକ ବାଦ୍ୟର ଧିରେ ଧିରେ ଅବକ୍ଷୟ ଲକ୍ଷ୍ୟ କରାଯାଉଛି । ତୁଂତୁଣୀ ବାଦକ ମାନଙ୍କର ଅଭାବ ଦେଖା ଦେଲାଣି । ସମ୍ଭବତଃ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ଥରେ ବାଦ୍ୟଟିଏ ଭାଙ୍ଗି ଗଲେ ପୁଣି ତିଆରି କରିବା କଷ୍ଟକର ହୋଇ ପଡୁଛି କିମ୍ବା ଆଧୁନିକ ଯୁଗର ନୂତନ ରୁଚି ଦ୍ୱାରା ସେମାନେ ପ୍ରଭାବିତ ହୋଇ ପରଂପରାର ସମ୍ମୋହନ ପରିତ୍ୟାଗ କରୁଛନ୍ତି ।

## (କ) ତତ୍ ବାଦ୍ୟ

ସମସ୍ତ ପ୍ରକାର ତାର ବାଦ୍ୟ ଯନ୍ତ୍ର ଗୁଡ଼ିକ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ଭାରତୀୟ ବାଦ୍ୟ ଗୁଡ଼ିକ ମଧ୍ୟରୁ ସୀତାର, ବୀଣା, ସାରଂଗୀ, ସରୋଦ, ସନ୍ତୁର, ତାନପୁରା ଇତ୍ୟାଦି ଏହି ତତ୍ ବାଦ୍ୟ ଅନ୍ତର୍ଗତ ।

କନ୍ଧ ସଂପ୍ରଦାୟ ପ୍ରାଚୀନ ଐତିହ୍ୟ ଓ ପରଂପରାକୁ ଅନୁସରଣ କରି ଏ ଯାବତ୍ ଚଳି ଆସିଛନ୍ତି ।


ଏମାନଙ୍କର ସାଂସ୍କୃତିକ ଜୀବନରେ ବାଦ୍ୟ କଳାର ନିଦର୍ଶନ ଏଠାରେ ପ୍ରଦାନ କରାଯାଇଛି । ଦେଶିଆ କନ୍ଧ ମାନଙ୍କର ଢେଁକା ଓ ତୁଂତୁଣୀ ତଥା ଡଂଗରିଆ କନ୍ଧମାନଙ୍କର ତୁଂତୁଣୀ ତତ୍ ବାଦ୍ୟ ବିଭାଗରେ ଅନ୍ତର୍ଭୁକ୍ତ । ଫୁଲବାଣୀ ଦେଶିଆ କନ୍ଧମାନଙ୍କର କେନ୍ଦରା ଘର୍ଷଣ ଦ୍ୱାରା ବାଦନ କରାଯାଉଥିବାରୁ ଏହା ବିତତ୍ ବାଦ୍ୟ ଭାବେ ପରିଚିତ । କୋରାପୁଟର ଲକ୍ଷ୍ମୀପୁର ଅଞ୍ଚଳରେ ବାସ କରୁଥିବା ଦେଶିଆ କନ୍ଧ ମାନଙ୍କର ତୁଂତୁଣୀ ତଥା ରାୟଗଡ଼ା ଜିଲ୍ଲାର ବସତି ସ୍ଥାପନ କରିଥିବା ଡଂଗରିଆ କନ୍ଧମାନଙ୍କର ତୁଂତୁଣୀରେ ତାର ମୁଖ୍ୟ ଅବୟନ ଓ ଏଥିରୁ ତନ୍ତ୍ରୀକୃତ ସ୍ୱର ନିର୍ଗତ ହୁଏ । ଲକ୍ଷ୍ମୀପୁର ଅଞ୍ଚଳର ଦେଶିଆ କନ୍ଧ ମାନଙ୍କ ତୁଂତୁଣୀ ଓ ଡଂଗରିଆ କନ୍ଧମାନଙ୍କ ତୁଂତୁଣୀର ଗଠନ ପ୍ରଣାଳୀ ଓ ସ୍ୱର ଶୈଳୀ ଭିନ୍ନ ଭିନ୍ନ ଅଟେ ।

ନିମ୍ନରେ ବାଦ୍ୟ ଯନ୍ତ୍ର ଗୁଡ଼ିକର ଚିତ୍ର ଓ ବିବରଣୀ ପ୍ରଦାନ କରାଗଲା ।

ଢେଁକା :-

ଆବଶ୍ୟକ ଉପକରଣ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ :-

ଦେଶିଆ କନ୍ଧ ସମାଜରେ ଢେଁକା ବାଦ୍ୟର ପ୍ରଚଳନ ଅତି ପ୍ରାଚୀନ ଅଟେ । ଏହା ତନ୍ତ୍ରୀକୃତ ବାଦ୍ୟ । ଭାରତୀୟ ବାଦ୍ୟ ବର୍ଗୀକରଣ ଅନୁସାରେ ଏହା ରୁଦ୍ରବୀଣା ସହ ଗଠନ ଦୃଷ୍ଟିରୁ ପ୍ରାୟ ସମାନ । ଏକ ଫୁଟ ବାଉଁଶ ପାତିଆର ଦୁଇ ମୁଣ୍ଡରେ ସେକା ଗଛର ଫଳର (ଏକ ପ୍ରକାରର ଲାଉ) ଅଗ୍ରଭାଗକୁ କାଟି ପାତିଆ ସହ ସଂଯୋଗ କରାଯାଏ । ୧ଫୁଟ ଲମ୍ବର ପାତିଆର ଦୁଇ ପାର୍ଶ୍ୱରେ ଦୁଇଟି ସରୁ କାଠି ଖୁଣ୍ଟି ଆକାରରେ ପ୍ରାୟ ୧½" ଲମ୍ବର ତାରକୁ ଭିଡ଼ି ଧରିଥାଏ । କଳାକାର ମାନେ ଏହାକୁ ଛାତିରେ ଧରି ଅଂଗୁଳି ଚାଳନା କରି ସ୍ୱର ମାନଙ୍କର କଳାତ୍ମକ ବିନ୍ୟାସ ପରିସ୍ଫୁଟନ କରିଥାନ୍ତି ।



ଢେଁକା


ଏକଫୁଟ ପାତିଆର ଦୁଇ ପାର୍ଶ୍ୱଖୁଣ୍ଟି ଘୋଡ଼ାଚୁଳ ଦ୍ୱାରା ବଂଧାଯାଇ ଥାଏ । ଏହାର ମଧ ଦେଶ ପାତିଆରେ ଝୁଣା ଅଠା ଦ୍ୱାରା ବିଭିନ୍ନ ପ୍ରକାର ମାଳି ଓ ପଇସାରେ ବାଦ୍ୟକୁ ସଜାଇ ଦିଆଯାଇ ଥାଏ ।

କର୍ମକ୍ଳାନ୍ତ ଜୀବନରେ ଶାନ୍ତି କାମନାରେ ଏହି ବାଦ୍ୟକୁ ଦେଶିଆ କନ୍ଧ ମାନେ ବାଦନ କରିଥାନ୍ତି ।

ଢୁଂଢୁଣୀ :-

(କ) ଲକ୍ଷ୍ମୀପୁର ଅଞ୍ଚଳରେ ବସବାସ କରୁଥିବା ଦେଶିଆ କନ୍ଧମାନଙ୍କ ଡୁଂଡୁଣୀ ତତ୍ ବାଦ୍ୟ ଅନ୍ତର୍ଗତ । ଏଇ ବାଦ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକ ଉପକରଣ ହେଲା ବାଉଁଶ, ଲାଉତୁମ୍ବା ଓ ଷ୍ଟିଲ ବା ପିତଳ ତାର । ୨୭"ଲମ୍ବ ବିଶିଷ୍ଟ ବାଉଁଶର ନିମ୍ନ ଦେଶରେ ତଳକୁ ୨" ଲମ୍ବ ବାଦ୍ ଦେଇ ଗୋଲାକାର ଲାଉତୁମ୍ବା ମଧ୍ୟ ଦେଶରେ ବାଉଁଶ ସଂଯୋଗ କରାଯାଏ । ତାରର ଲମ୍ବ ୨୧"। ଲାଉ ତୁମ୍ବାର ଗୋଲେଇ ୨୩ " । ନୂଆଖାଇ ପର୍ବରେ ଏହି ବାଦ୍ୟର ପ୍ରଚଳନ ଅତି ମାତ୍ରାରେ ଦୃଷ୍ଟି ଗୋଚର ହୁଏ । ଏହାଛଡ଼ା ସୃଷ୍ଟି ସଂପର୍କିତ ଗୀତ ଗୁଡ଼ିକ ଏଇ ଡୁଂଡୁଣୀ ମାଧ୍ୟମରେ ଗାନ କରାଯାଏ ।

ଏଇ ଡୁଂଡୁଣୀରେ ସଂଯୋଗ ହୋଇଥିବା ତାରକୁ ଆଘାତ କଲେ ସ୍ୱର ନିର୍ଗତ ହୁଏ, ଏବଂ ସେଇ ଗୋଟିଏ ସ୍ୱରକୁ ଗ୍ରହ ସ୍ୱର କରି ଦେଶିଆ କନ୍ଧ ମାନେ ଗୀତ ଗାନ କରନ୍ତି । ଦେଶିଆ କନ୍ଧ ମାନଙ୍କ ଡୁଂଡୁଣୀର ଆକୃତି ଭାରତୀୟ ବାଦ୍ୟ ଏକତାରା ସହ ସମାନ ।




ଟୁଙ୍ଗୁଣୀ

କଖ - ୨୭"
କଙ - ୨୧⅓"
ଘଙ - ୨୩"
ଗଛ - ୨"
ଙଘ - ୧"
ଚଛ - ୨"

(ଖ) ଡଂଗରିଆ କନ୍ଧମାନଙ୍କ ସମାଜରେ ଆଉ ଏକ ଡୁଂଡୁଣୀ ବାଦ୍ୟର ପ୍ରଚଳନ ଅଛି । ଏହା ଦେଶିଆ କନ୍ଧ ମାନଙ୍କ ଡୁଂଡୁଣୀ ଠାରୁ ଆକୃତି ଓ ଗଠନରେ ଭିନ୍ନ । ଲାଉ ତୁମ୍ବା ବାଉଁଶରେ ତାରର ସଂଯୋଗ ଦ୍ୱାରା ଏହା ନିର୍ମିତ । ଏହାର ଲମ୍ବ ୨୭¹/₂"। ବାଉଁଶର ମୋଟେଇ ୨", ୨୪" ଲମ୍ବ ବିଶିଷ୍ଟ ତାରରେ ଆଘାତ ଦ୍ୱାରା ସ୍ୱର ନିର୍ଗତ ହୁଏ ଓ ଏହି ସ୍ୱରର କଂପନ ସୃଷ୍ଟି କରିବାର ଲାଉ ତୁମ୍ବାର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଅଟେ ।


କର୍ମକ୍ଳାନ୍ତ ଜୀବନରେ ଆନନ୍ଦ ଉପଲବ୍ଧି ନିମିତ୍ତ ଏହି ବାଦ୍ୟ ବ୍ୟବହାର କରାଯାଏ । ପୁରାଣ ଆଖ୍ୟାନ, ଗାଥା, କିମ୍ବଦନ୍ତି, ପୂର୍ବପୁରୁଷଙ୍କ ଗୁଣ ଗାନ, ସ୍ତୁତି ଚାରଣ ତଥା ସେମାନଙ୍କ ସୃଷ୍ଟି ସଂପର୍କିତ ଗୀତ ଗୁଡ଼ିକ ଏଇ ଢୁଂଢୁଣୀ ବାଦ୍ୟରେ ବିଶେଷ କରି ଗାନ କରାଯାଏ ।




**ଢୁଙ୍ଗୁଣୀ**

କେନ୍ଦରା :-

ଦେଶିଆ କନ୍ଧମାନଙ୍କ କେନ୍ଦରା ଘର୍ଷଣ ବାଦ୍ୟ ଅନ୍ତର୍ଗତ । ଏକ ଫୁଟ ବାଉଁଶର ଅଗ୍ରଭାଗରେ ୭" ଗୋଲାକାର ସଢ଼େଇ ସଂଯୋଗ ହୁଏ ଓ ସଢ଼େଇର ମୁଖଦେଶ ଗୋଧି ଚର୍ମରେ ଆବୃତ ହୁଏ । ଘୋଡ଼ା ଚୂଳରେ ଏକ




କେନ୍ଦରା

ଅର୍ଦ୍ଧବୃତ୍ତାକାର କାଠି ଡାହାଣ ହାତରେ ଧରାଯାଏ । କେନ୍ଦରାର ଅଗ୍ର ଦେଶରୁ ନିମ୍ନ ଯାଏ ଘୋଡ଼ା ଚୂଳ ବନ୍ଧା

ଯାଇଥାଏ । ବାମ ହାତରେ ଧରି ଏଇ କାଠି ସାହାଯ୍ୟରେ  ଘର୍ଷଣ କରାଯାଏ । କାଠିର ଲମ୍ବ ୯" ଇଂଚ୍ ଓ କାଠିରେ ଘୋଡ଼ା ଚୁଳର ଲମ୍ବ ୬" ଇଂଚ୍ ।

## (ଖ) ଅବନଦ୍ଧ

ମଧ୍ୟଯୁଗୀୟ ସଂଗୀତ ବିଦ୍ୱାନ ଶାର୍ଙ୍ଗ ଦେବଙ୍କ ସଂଗୀତ ରତ୍ନାକର ଗ୍ରନ୍ଥ ଅନୁସାରେ ସମସ୍ତ ଚର୍ମ ନିର୍ମିତ ବାଦ୍ୟ ଗୁଡ଼ିକ ଏଇ ଅବନଦ୍ଧ ଶ୍ରେଣୀ ଅନ୍ତର୍ଗତ । ବୈଦିକ ଯୁଗରୁ ଭାରତୀୟ ସଂସ୍କୃତି ଆକାଶରେ ବାଦ୍ୟର ନିର୍ଦ୍ଦିଷ୍ଟ ପରଂପରା ଲକ୍ଷଣୀୟ । କେତେ ବାଦ୍ୟର ଯାଦୁକର ଧ୍ୱନି ଜନମାନସକୁ ଆକୃଷ୍ଟ କରିଛି ତାର ଇୟତ୍ତା ନାହିଁ । ତେବେ ତାଳ, ବାଣୀ ବା ବୋଲ ସୃଷ୍ଟି କରି ପାରୁଥିବା ବାଦ୍ୟ ଗୁଡ଼ିକ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ।

ତବଲା ବାୟାଁ, ପଖଓ୍ୱାଜ, ଢୋଲକି, ମୃଦଂଗ ତଥା ଅନ୍ୟାନ୍ୟ ଚର୍ମ ନିର୍ମିତ ବାଦ୍ୟ ଗୁଡ଼ିକ ଏହି ଅବନଦ୍ଧ ଶ୍ରେଣୀ ଅନ୍ତର୍ଗତ । ଯେଉଁ ବାଦ୍ୟର ଦୁଇ ମୁଖ ଚର୍ମ ଦ୍ୱାରା ଆବୃତ ଥାଏ ତାହାକୁ ଅବନଦ୍ଧ ବାଦ୍ୟ କୁହାଯାଏ ।


ଓଡ଼ିଶାରେ ସ୍ୱତନ୍ତ୍ର ସଭ୍ୟତା ଓ ସଂସ୍କୃତିର ପ୍ରତୀକ କନ୍ଧ ମାନଙ୍କର ଚର୍ମ ନିର୍ମିତ ବାଦ୍ୟ ଦୃଷ୍ଟିକୁ ଆସେ ଯେଉଁ ଗୁଡ଼ିକର ସ୍ୱତନ୍ତ୍ର ତାଳ ସହ  ନିର୍ଦ୍ଦିଷ୍ଟ ଛନ୍ଦ ସୃଷ୍ଟି କରିବାର କ୍ଷମତା ରହିଛି ।

ଦେଶିଆ କନ୍ଧ ମାନଙ୍କର ଚାଙ୍ଗୁ, ଢୋଲକ, ବଡ଼ବାଜା, ଟାମକ ଇତ୍ୟାଦି ଏବଂ କୁଟିଆ କନ୍ଧ ମାନଙ୍କର ଟାପ୍‌କା, ପିଣ୍ଡିମ ଇତ୍ୟାଦି ତଥା ଡଂଗରିଆ କନ୍ଧ ମାନଙ୍କର ନିସାନୀ ଇତ୍ୟାଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ଅବନଦ୍ଧ ବାଦ୍ୟର ଆଉ ଗୋଟିଏ ଦିଗ ଅଛି ଯାହାର ଏକ ମୁଖ ଖୋଲାଥାଏ ଓ ଏକ ମୁଖ ଚର୍ମଦ୍ୱାରା ଆବୃତ ଥାଏ । ଡଂଗରିଆ କନ୍ଧମାନଙ୍କ ଡାମ୍ପ ଓ କୁଟିଆ କନ୍ଧ ମାନଙ୍କ ଡାଡାମ୍ ଓ ଦେଶିଆ କନ୍ଧମାନଙ୍କ ଚାଙ୍ଗୁ ଏହି ଶ୍ରେଣୀ ଅନ୍ତର୍ଗତ ।

ଦେଶିଆ କନ୍ଧମାନଙ୍କ ଚାଙ୍ଗୁ ଓ କୁଟିଆ କନ୍ଧମାନଙ୍କ ଡାଡାମ୍ ଓ ଡଂଗରିଆ ମାନଙ୍କ ଡାମ୍ପ ଆକୃତି ଓ ଗଠନ ସମାନ ମାତ୍ର ନାମରେ ଫରକ ରହିଛି ।

**ଢୋଲକି :-**

ଦେଶିଆ କନ୍ଧ ମାନଙ୍କ ଢୋଲକି ଅବନଦ୍ଧ ବାଦ୍ୟ ଅନ୍ତର୍ଗତ  । ଗମ୍ଭାରୀ କାଠର ଦୁଇ ପାର୍ଶ୍ୱରେ ଗୋରୁ ଚମଡ଼ା ଦ୍ୱାରା ଆବୃତ ଏହି ବାଦ୍ୟ ବିବାହ, ପର୍ବ ପର୍ବାଣୀରେ ତଥା ନୃତ୍ୟ ଗୀତରେ ଉପଯୋଗ ହୁଏ ।





ଢୋଲ୍‌କି

ଏହାର ଡାହାଣ ପାଖକୁ ଧେୟା ଓ ବାମ ପାଖକୁ ଛାୟା କୁହାଯାଏ । ଲମ୍ବ ୨୨ଇଂଚ । ଡାହାଣ ପାଖ

ମୁଖର ଗୋଲେଇ ୧୬ " । ବାମ ପଟର ଗୋଲେଇ ୨୧" ଏବଂ ଏହାର ମୋଟେଇ ୨୩ " । ଏହାର ଡାହାଣ ପାଖରେ କାଠିରେ ଓ ବାମ ଭାଗକୁ ହାତରେ ଆଘାତ କରି ବାଦନ କରାଯାଏ ।


ଚାଙ୍ଗୁ :-




ଘୁଙ୍ଗୁଂ

ଦେଶିଆ କନ୍ଧମାନଙ୍କ ଚାଙ୍ଗୁ ଗମ୍ଭାରୀ କାଠ ଓ ଛେଳି ଚମଡ଼ାରେ ପ୍ରସ୍ତୁତ । ଗମ୍ଭାରୀ କାଠକୁ ୨½" ମାପ ଚଉଡ଼ାରେ ପ୍ରାୟ ୧୪" ଗୋଲେଇ କରି ପ୍ରଥମେ ତେଲ ଲଗାଇ ନିଆଁରେ ସେକାଯାଏ ଓ ପରେ ପରେ ସିଆଳି ଅଠା ସାହାଯ୍ୟରେ ଛେଳି ଚମଡ଼ାକୁ ସେଥିରେ ସଂଯୋଗ କରାଯାଏ ।

ବଡ଼ବାଜା :-





ବଡବାଜା

ଲକ୍ଷ୍ମୀପୁର ଅଞ୍ଚଳର ବଡ଼ବାଜା ମାଟିରେ ତିଆରି ଓ ସମ୍ମୁଖ ଭାଗ ଛେଳି ଚମଡ଼ାରେ ଆବୃତ । କାଠି ସାହାଯ୍ୟରେ ଏହାକୁ ବାଦନ କରାଯାଏ । ଏହାର ଗୋଲେଇ ୫୧" ଓ ଉଚ୍ଚତା ୧ ଫୁଟ । ୧ଫୁଟ କାଠି ସାହାଯ୍ୟରେ ଏହାକୁ ବାଦନ କରାଯାଏ । ବିବାହ ବ୍ରତ ଓ ନୂଆଖିଆ ସମୟରେ ଏହି ବାଦ୍ୟର ଉପଯୋଗ ହୁଏ ।

ଟାମକ :-

୧" ଆୟତନ ବିଶିଷ୍ଟ ଟାମକର ପରିଧି ୨ ଫୁଟ । ଛେଳି ଚମଡ଼ା ଦ୍ୱାରା ମୁଖ ଆଭରଣ ହୋଇଥାଏ । ଟାମକ୍‌ର ନିମ୍ନ ପାର୍ଶ୍ୱରେ ୩" ଚମଡ଼ାରେ ଏକ ଗୋଲାକାର ମୁଣ୍ଡୁଳା ସଂଯୋଗ ହୋଇଥାଏ । ଟାମକ୍‌ର ମୁଖକୁ ଛେଳି ଚମଡ଼ାର ଦଉଡ଼ି ଯୋଗେ ଏହାକୁ ଶକ୍ତ ଭାବେ ବନ୍ଧା ଯାଇ ଥାଏ ।





ଟାମକ

ଭୂମିଠାରୁ ଉଚ୍ଚତା ୧ ଫୁଟ ଓ ୧" । ବୀର ରସଯୁକ୍ତ ଝଙ୍କାର ଟାମକର ବିଶେଷ ଲକ୍ଷଣ । ଏହା ମାଟିରେ ତିଆରି । ବିଶେଷ କରି ବିବାହ ଓ ଯାନି-ଯାତ୍ରାରେ ଏହି ବାଦ୍ୟର ପ୍ରଚଳନ ଦେଶିଆ କନ୍ଧ ମାନଙ୍କ ସମାଜରେ ପ୍ରଚଳିତ ଥିଲା । ଅଧୁନା ଏହା ହରିଜନ ସଂପ୍ରଦାୟରେ ମଧ୍ୟ ପ୍ରଚଳନ ହେଲାଣି । ଏହି ବାଦ୍ୟ ମାଟିରେ ପ୍ରସ୍ତୁତ ହୁଏ ।

ଏହି ବାଦ୍ୟ ବିବାହ ବ୍ରତ, ପର୍ବ ପର୍ବାଣୀ ଗୁଡ଼ିକରେ ଢୋଲକ, ମହୁରୀ, ଗିନି, ଖୋଳ ସହ ମିଶି ବାଦନ କରାଯାଏ ।


ଖଂଜର :-

ଖଂଜର ବା ଖଂଜଣୀ ଦେଶିଆ କନ୍ଧ ସଂଗୀତ ପରଂପରାରେ ମୁଖ୍ୟ ବାଦ୍ୟ ଭାବେ ପ୍ରଶଂସି ଅର୍ଜନ



ଖଞ୍ଜର

କରିଛି । ଭୀମଭୋଇଙ୍କ ଆବିର୍ଭାବ ପରେ ପରେ ଫୁଲବାଣୀ ଜିଲ୍ଲାର ଦେଶିଆ କନ୍ଧ ସମାଜରେ ଏହା ବିଶେଷ ପ୍ରଭାବ ବିସ୍ତାର କରିଛି । ଏହି ବାଦ୍ୟ ଗମ୍ଭାରୀ କାଠରେ ତିଆରି ଏବଂ ଗୋଧି ଚର୍ମ ଦ୍ୱାରା। ତାର ଅବୟବ ପ୍ରସ୍ତୁତ ।



ଏକ ଫୁଟ ସାତ ଇଂଚ ପରିଧି ବିଶିଷ୍ଟ ଖଂଜରର ଆଠ ଇଂଚ୍‌ର ଗୋଧି ଚର୍ମ ପିଆଶାଳ ଅଠା ସାହାଯ୍ୟରେ ଲଗାଯାଇ ଥାଏ । ୨" ଗୋଲାକାର ଝାଂଜ୍ ଦୁଇଟି ମଧ ଲଖା ଯାଇ ଥାଏ । ଏହା ଭୂମିଠାରୁ ଉଚ୍ଚତା ୩" । ସାଧାରଣତଃ ଦେଶିଆ କନ୍ଧ କଳାକାର ମାନେ ୪ମାତ୍ରା ଓ ୬ ମାତ୍ରା ବିଶିଷ୍ଟ ତାଳ ଗୁଡ଼ିକୁ ଏଥିରେ ବ୍ୟବହାର କରିଥାନ୍ତି । ନିମ୍ନରେ ଖଂଜରର ବ୍ୟବହୃତ ହେଉଥିବା ତାଳ ଗୁଡ଼ିକ ପ୍ରଦାନ କରାଗଲା ।


| | | | |
|---|---|---|---|
| ୧ | ୨ | ୩ | ୪ |
| — | ଧିନାଧିନ୍ | ଧିଗ | ଧିନାଧିନ |

| | | | | | |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ଧା | ଧି | ନା | ଧା | ତୁ | ନା |

ଦେଶିଆ କନ୍ଧମାନେ ସେମାନଙ୍କର ଭଜନ, ଜଣାଣ, ପ୍ରେମ, ବିବାହ ଓ ସାମୂହିକ ଆନନ୍ଦଦାୟକ ଜନିତ ଗାୟନ କରୁଥିବା ଗୀତ ମାନଙ୍କରେ ବ୍ୟବହାର କରିଥାନ୍ତି । ମାଳିକା ପୁରାଣ ଇତ୍ୟାଦିରେ ମଧ ଏହି ବାଦ୍ୟର ଉପଯୋଗ ହୁଏ ।

ଢାଡାମ୍ :-

କୁଟିଆ କନ୍ଧ ମାନଙ୍କ ଡାଡାମ୍ ଅବନଦ୍ଧ ବାଦ୍ୟ ଅନ୍ତର୍ଗତ । ଗମ୍ଭାରୀ କାଠ ଓ ଛେଳି ଚମଡାରେ ଏହା ନିର୍ମିତ । ଶିକାର ଓ କେନ୍ଦୁପର୍ବରେ ଏହା ବ୍ୟବହୃତ ହୁଏ । ଅନ୍ୟାନ୍ୟ ପର୍ବଗୁଡ଼ିକରେ ଯଥା :- ପୁଣି କାଲୁ ଓ ଟାକୁକାଲୁ





ଡାଡାମ୍

ପର୍ବରେ ଢାଡାମ ସହ ପିଣ୍ଡିମ୍ ବାଦ୍ୟର ଉପଯୋଗ ମଧହୁଏ । ଏହାକୁ ଅଡ଼େଣୀ ମଧ କୁହାଯାଏ । ଡାଡାମର ଉଚ୍ଚତା ପ୍ରାୟ ୨ଫୁଟ ଯାଏ ହୋଇଥାଏ । କାଠର ଚଉଡ଼ା ୨¹/₂", ୧୩ " ଗୋଲାକାର ବିଶିଷ୍ଟ କାଠରେ ଛେଳି ବା ଗୋରୁ ଚମଡ଼ା ସିଆଳି ଅଠା ସହାଯ୍ୟରେ ସଂଯୋଗ ହୁଏ ।

ଟାପକା :-

କୁଟିଆ କନ୍ଧ ସମାଜରେ ଟାପକା ବାଦ୍ୟର ପ୍ରଚଳନ ଅଛି । ଭାରତୀୟ ପୁରାଣ ଶାସ୍ତ୍ରରେ ଏହା ଦୁନ୍ଦୁଭି ବାଦ୍ୟ ହିସାବରେ ପରିଚିତ । ଏହି ବାଦ୍ୟ ସଳପ ଗଛର ମୂଳରେ ନିର୍ମିତ । ମାସ ମାସ ଧରି ସଳପ ଗଛ ମୂଳକୁ





ଟାପ୍‌କା

ଗୋଲାକାର କରି ଖୋଳାଯାଏ । ଏନାର ଉଚ୍ଚତା ୨୫", ମୁଖର ଗୋଲେଇ ୮୦" , ଗୋଠ ଚମଡ଼ା ଏଥିରେ ସଂଯୋଗ ହୋଇଥାଏ । ବର୍ଷର ଥରେ କିମ୍ବା ଦୁଇ ଥର ଏଇ ବାଦ୍ୟର ଉପଯୋଗ ଆବଶ୍ୟକ ପଡ଼େ ତାହା ହେଲା କେଢୁ ପର୍ବ ନଚେତ୍ ଶିକାର ପର୍ବ ।

ଟାପକାର ଆକୃତି ପ୍ରାୟ ଦୁଇ ପ୍ରକାର, ଛୋଟ ଟାପକାକୁ ମାଦାଟାପକା ଓ ବଡ଼ ଟିକୁ ଟାପକା କୁହାଯାଏ । ମୁଖଠାରୁ ପ୍ରାୟ ୧" ତଳକୁ ଏକ ଗୋଲାକାର ପାଡିଆ ସାହାଯ୍ୟରେ ଗୋଠ ଚମଡ଼ାର ମୁଠା ବଂଧାଯାଏ । ଟାପକାର ନିମ୍ନ ଦେଶରେ ୩ " ଗୋଲେଇର ଏକ ମୁଠା ଥାଏ । ଶୀର୍ଷରୁ ନିମ୍ନକୁ ଚମଡ଼ାର ଦଉଡ଼ି ଟଣା ଯାଇ ବଂଧାଯାଏ । ଏହାର ଚାରିପିଠି ଗୋବର ଲିପାଯାଏ, କାରଣ ଏହା ଫାଟେ ନାହିଁ । ଏହାକୁ କୁଟିଆ ମାନେ କହନ୍ତି ବୀରବାଦ୍ୟ ।

ପିଣ୍ଡିମ୍ :-


କୁଟିଆ କନ୍ଧ ସଂପ୍ରଦାୟରେ ବିଭିନ୍ନ ପର୍ବ-ପର୍ବାଣି ଗୁଡ଼ିକରେ ଏହି ବାଦ୍ୟ ଡ଼ାଡ଼ାମ ସହ ବାଦନ କରାଯାଏ । ଏହା ଲୁହାରେ ତିଆରି ଓ ସମ୍ମୁଖ ଭାଗ ଗୋରୁ ଚମଡ଼ା ଦ୍ୱାରା ଆବୃତ । ଡଂଗରିଆ କନ୍ଧ ମାନେ ଏହାକୁ ନିସାନୀ ବୋଲି କହିଥାନ୍ତି ଓ ଘଣ୍ଟ ପର୍ବ, ମେରିଆ ପର୍ବରେ ଡଂଗରିଆ କନ୍ଧ ମାନେ ଏହି ବାଦ୍ୟକୁ ବ୍ୟବହାର କରନ୍ତି ।



ପିଣ୍ଡିମ୍

ଡାମ୍ଫ :-


ଡଂଗରିଆ କନ୍ଧ ସମାଜରେ ସାମୂହିକ ଆନନ୍ଦଚର୍ଯ୍ୟା ପାଇଁ ଉର୍ଦ୍ଧଷ୍ଟ ଗୀତ ଗୁଡ଼ିକରେ ଉପଯୋଗ ହେଉଥିବା ବାଦ୍ୟଟି ହେଲା ଡାମ୍ଫ । ସାଧାରଣତଃ ଧାଂଗଡ଼ା ମାନେ ଏହାର ପୃଷ୍ଠ ପୋଷକ । ଦେଶିଆ କନ୍ଧଙ୍କ ଟାଙ୍ଗୁ ଓ କୁଟିଆ କନ୍ଧଙ୍କ ଡ଼ାଡ଼ାମ ଠାରୁ ଆକୃତିରେ ଛୋଟ ଓ ନାମରେ ଫରକ । ମାତ୍ର ଗଠନ ପ୍ରଣାଳି ସମାନ ।



ଡାମ୍ଫ

ଢ଼ୋଲ :-

ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା ଅଞ୍ଚଳରେ ବାସ କରୁଥିବା ଦେଶିଆ କନ୍ଧ ମାନଙ୍କର ଢୋଲ ପ୍ରଧାନ ବାଦ୍ୟ ଅଟେ । ଏହା ଗମ୍ଭାରୀ କାଠରେ ପ୍ରସ୍ତୁତ । ଦୁଇ ପଟ ମୁଖରେ ଛେଳି ବା ଗୋରୁ ଚମଡ଼ା ବଂଧାଯାଇ ଥାଏ । ଏହାର ଲମ୍ବ ୧୬ " , ଏହାର ଡ଼ାହାଣ ମୁଖ ବା ଧେୟାର ପରିଧି ୪୨" ଏବଂ ଛାୟାର ଆୟତନ ୧୩ ଓ ଧେୟାର ଆୟତନ ୧୨" ଗଣ୍ଠିର ମୋଟେଇ ୩୫" ।





**ଢ଼ୋଲ୍**

ବିବାହ, ନୂଆଖିଆ ଓ ମେରିଆ ପର୍ବରେ ଏହି ବାଦ୍ୟର ପ୍ରଚଳନ ଦେଶିଆ କନ୍ଧ ସମାଜରେ ଦୃଷ୍ଟି ଗୋଚର ହୁଏ । ବାଦକ ଡ଼ାହାଣ ହାତରେ ୫" ଲମ୍ବର କାଠି ଧରି ଧେୟା ସହ ଯୋର ସଂଯୋଗ କରି ବୀର ରସର ଧ୍ୱନି ନିର୍ଗତ କରିଥାନ୍ତି । ଏଥିରେ ମହୁରୀର ସଂଗୀତ ମଧ୍ୟ ଅତି ଚିତ୍ତାକର୍ଷକ ମନେ ହୁଏ ।


## (ଗ) ଶୁଷିର ବାଦ୍ୟ

ପବନ ଦ୍ୱାରା ସ୍ୱର ନିର୍ଗତ ହେଉଥିବା ବାଦ୍ୟ ଗୁଡ଼ିକୁ ଶୁଷିର ବାଦ୍ୟ କୁହାଯାଏ । ଯାହାନାଇ, ବଂଶୀ ଇତ୍ୟାଦି ଭାରତୀୟ ଶାସ୍ତ୍ରୀୟ ବାଦ୍ୟକୁ ବାଦ ଦେଲେ ଓଡ଼ିଶାର ଦେଶିଆ କନ୍ଧ ମାନଙ୍କ ମହୁରୀ, ବଂଶୀ ଓ କୁଟିଆ କନ୍ଧ




ମହୁରୀ


ମାନଙ୍କ ବାଂସି ଓ କରିକମା (ଶିଂଗା) ଏହାର ମୁଖ୍ୟ ଉଦାହରଣ । ଡ଼ଂଗରିଆ କନ୍ଧ ମାନଙ୍କର କାହାଳି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।



କମା



ବଂଶୀ




ବାଶୀ

କୁଟିଆ କନ୍ଧମାନେ ବଂଶୀରେ ବିଭିନ୍ନ ସ୍ୱର ନିର୍ଗତ କରନ୍ତି । କରିକମା ବାଦନ କରି ଏକ ବିରାଟ ଶବ୍ଦ ଉତ୍ପନ୍ନ କରି ହାତୀ, ବାଘ, ଭାଲୁ ମାନଙ୍କୁ ଫସଲ ଖାଇବାରୁ ଘଉଡ଼ାଇ ଦିଅନ୍ତି ।

## (ଘ) ଘନବାଦ୍ୟ

କଂସା, ପିତଳରେ ନିର୍ମିତ ବାଦ୍ୟ ଗୁଡ଼ିକ ଏହି ଶ୍ରେଣୀରେ ଅର୍ନ୍ତଭୁକ୍ତ । ଦେଶିଆ କନ୍ଧମାନଙ୍କ ଝାନଝ୍, ଘଣ୍ଟ,କୁଟିଆ କନ୍ଧମାନଙ୍କ ଗାଣି-ଲାଉଡ଼ି ଓ ଟରଡ଼କି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଡ଼ଂଗରିଆ କନ୍ଧମାନଙ୍କ ଢାଙ୍ଗିଙ୍ଗ ଏହି ଶ୍ରେଣୀ ଅନ୍ତର୍ଗତ ।



ଟରଡକି

